

ଇଶାନ୍‌ଙ୍କ ସ୍ଥାନରେ ଆଶୀର୍ବାଦ

▸ପୃଷ୍ଠା ୧୨ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-54 ◆MONDAY ◆18 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୪ ◆ସୋମବାର ◆୧୮ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସିପି ରାଧାକ୍ରିଷ୍ଣନ୍ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ



■ **ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି):** ମହାରାଷ୍ଟ୍ରର ରାଜ୍ୟପାଳ ଚନ୍ଦ୍ରପୁରମ ପୋନ୍ନୁସାମୀ ରାଧାକ୍ରିଷ୍ଣନ୍ ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ ହେବେ। ରବିବାର ସନ୍ଧ୍ୟାରେ ବିଜେପି ସଂସଦୀୟ ଦଳ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଦଳର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ଘୋଷଣା କରିଛନ୍ତି। ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଏବଂ ଜେପି ନଡ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉପରାଷ୍ଟ୍ରପତି ପ୍ରାର୍ଥୀ ବାଛିବା ଲାଗି ଏନ୍‌ଡିଏ ନେତାମାନେ ପ୍ରଧାନମନ୍ତ୍ରୀ ମୋଦୀ ଓ ନଡ୍ଡାଙ୍କୁ ଦାୟିତ୍ୱ ଦେଇଥିଲେ। ୨୨ ତାରିଖ ମନୋନୟପତ୍ର ଦାଖଲର ଶେଷ ଦିବସ ହୋଇଥିବା ବେଳେ ବୁଧବାର ସେ ପ୍ରାର୍ଥିପତ୍ର ଦାଖଲ କରି ପାରନ୍ତି। ସଂସଦରେ ଏନ୍‌ଡିଏର ସଂଖ୍ୟା ଦୃଷ୍ଟିରୁ ଏହାର ପ୍ରାର୍ଥୀ ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ନିର୍ବାଚିତ ହେବା ପ୍ରାୟ ନିଶ୍ଚିତ।

ତାମିଲନାଡୁର ତିରୁପ୍ପୁରରେ ୨୦ ଅକ୍ଟୋବର ୧୯୫୭ରେ ଜନ୍ମଗ୍ରହଣ କରିଥିବା ସିପି ରାଧାକ୍ରିଷ୍ଣନ ୨୦୨୪ ଜୁଲାଇ ୩୧ରୁ ମହାରାଷ୍ଟ୍ରର ରାଜ୍ୟପାଳ ଅଛନ୍ତି। ଏହାପୂର୍ବରୁ ସେ ଝାଡ଼ଖଣ୍ଡ, ତେଲଙ୍ଗାନା ଓ ପୁଡୁଚେରୀର ରାଜ୍ୟପାଳ ଥିଲେ। ଛାତ୍ର ଜୀବନରୁ ଆର୍‌ଏସ୍‌ଏସ୍‌ର ସକ୍ରିୟ ସଭ୍ୟ ଥିବା ଶ୍ରୀ ରାଧାକ୍ରିଷ୍ଣନ ୧୯୭୪ରେ ଭାରତୀୟ ଜନସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଥିଲେ। ସେ ବିଜେପି ପ୍ରାର୍ଥୀ ଭାବେ ଦୁଇଥର ଲୋକସଭାକୁ ନିର୍ବାଚିତ ହୋଇଥିବା ବେଳେ ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ତାମିଲନାଡୁ ବିଜେପିର ସଭାପତି ଥିଲେ। ସୂଚନାଯୋଗ୍ୟ ଯେ ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗନେବେ। ସଂସଦରେ ଏବେ ମୋଟ୍ ସଭ୍ୟ ▸ପୃଷ୍ଠା-୭

## ଜମ୍ମୁ-କଶ୍ମୀରର କଠୁଆରେ ବାଦଲଫଟା ବର୍ଷା; ୭ ମୃତ



■ **ଜମ୍ମୁ, ୧୭।୮ (ଏଜେନ୍ସି):** ଜମ୍ମୁ-କଶ୍ମୀରର କାଠୁଆ ଜିଲ୍ଲାରେ ୩ଟି ସ୍ଥାନରେ ବାଦଲ ଫଟା ବର୍ଷା ଓ ଭୂସ୍ଖଳନ ଯୋଗୁଁ ୭ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି। ଆଜି ସକାଳେ କାଠୁଆ ଜିଲ୍ଲାର ସୀମା ନିକଟରେ ୩ଟି ସ୍ଥାନରେ ବାଦଲଫଟା ବର୍ଷା ହୋଇଥିଲା। ଯୋଧ ଘାଟି ଅଞ୍ଚଳରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ସେହିପରି ଜାନଗ୍ଲୋଟ୍‌ରେ ଭୂସ୍ଖଳନ ଯୋଗୁ ୨ ଜଣ ପ୍ରାଣ ହରାଇଛନ୍ତି। ଏହି ଅଞ୍ଚଳରେ ଅନେକ ଦୋକାନ ମଧ୍ୟ ଭାସି ଯାଇଛି। ଏଥିରେ ରେଲୱେ ଟ୍ରାକ୍, ଜାତୀୟ ରାଜପଥ-୪୪ ଓ ପୁଲିସ ଥାନା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ବୋଲି ଜମ୍ମୁ-କଶ୍ମୀର ଉଧାମପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ସେନା, ଅର୍ଦ୍ଧସାମରିକ ବଳ ଓ ପ୍ରଶାସନ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛନ୍ତି। ସ୍ଥିତି ଉପରେ ନଜର ରଖାଯାଇଛି ବୋଲି ଜିତେନ୍ଦ୍ର ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଗୁରୁବାର ଜମ୍ମୁ-କଶ୍ମୀର କିସ୍ତୱାରରେ ବାଦଲଫଟା ବର୍ଷା କାରଣରୁ ବନ୍ୟା ପାଣି ସୁଅରେ ୫୦ ଲୋକ ମୃତ୍ୟୁବରଣ କରିଥିଲେ ଓ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଏବେ ବି ଶତାଧିକ ନିଖୋଜ ଅଛନ୍ତି। ସେହିପରି ହିମାଚଳ ପ୍ରଦେଶ କୁଲ୍ଲୁରେ ମଧ୍ୟ ବାଦଲଫଟା ▸ପୃଷ୍ଠା-୭

## ମନ୍ଥର ହେଉଛି ଦେଶର ଆର୍ଥିକ ଅଭିବୃଦ୍ଧି

# ସର୍ବନିମ୍ନ ସ୍ତରରେ ଘରୋଇ ସଞ୍ଚୟ

■ **ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି):** ଦେଶର ଆର୍ଥିକ ମେରୁଦଣ୍ଡ କୁହାଯାଉଥିବା ମଧ୍ୟବିତ୍ତ ଶ୍ରେଣୀଙ୍କ ସ୍ଥିତି ଏବେ ବିପଦରେ। ସମ୍ପ୍ରତି ଦେଶରେ ମଧ୍ୟବିତ୍ତ ଶ୍ରେଣୀଙ୍କ ସଂଖ୍ୟା ୭୫ ନିୟୁତ ଓ ୨୦୩୦ ସୁଦ୍ଧା ଏହା ମୋଟ ପରିବାରର ୪୭%ରେ ପହଞ୍ଚିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି। ମାତ୍ର ଦେଶର ସାମ୍ପ୍ରତିକ ସ୍ଥିତି ଏହି ବର୍ଗର ଆର୍ଥିକ ଅବସ୍ଥାକୁ ଦୁର୍ବଳ କରିଚାଲିଛି। ଦରଦାମ ବୃଦ୍ଧି, ମୁଦ୍ରାସ୍ଫୀତି ତୁଳନାରେ ଆୟ ବୃଦ୍ଧି ନ ହେବା, ନିଯୁକ୍ତି ସୁଯୋଗ ହ୍ରାସ ଏକ ସାମାଜିକ ସମସ୍ୟା ସୃଷ୍ଟି କରିଛି। ଏହି ସମୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ଏହି ବର୍ଗର ନିଯୁକ୍ତିକୁ ଅଧିକ ସଂକୁଚିତ କରିବାର ଆଶଙ୍କା ସୃଷ୍ଟି କରିଛି। ଯାହାଫଳରେ ଏହି ବର୍ଗ ଜଟିଳ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛନ୍ତି ଏବଂ ଏହାର ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ଭାରତର ଅର୍ଥନୀତି ଓ ମଧ୍ୟବିତ୍ତଙ୍କ ସ୍ଥିତି ସମ୍ପର୍କରେ ମାର୍ସ ଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ପ୍ରକାଶିତ ହୋଇଛି ଏପରି ତଥ୍ୟ।

ରିପୋର୍ଟ ଅନୁସାରେ ୨୦୨୩ ନଭେମ୍ବର ମାସ ପରଠାରୁ ଭାରତୀୟ କମ୍ପାନୀଗୁଡ଼ିକର ଆୟ

### କମୁଛି ମଧ୍ୟବିତ୍ତଙ୍କ କ୍ରୟ କ୍ଷମତା

### ବାର୍ଷିକ ଆୟବୃଦ୍ଧି ୩%କୁ ହ୍ରାସ



ହ୍ରାସ ପାଇଛି। ଏହାର କାରଣ ହେଉଛି ଦେଶର ମଧ୍ୟବିତ୍ତ ବର୍ଗଙ୍କ ଦ୍ୱାରା ବ୍ୟୟ ହ୍ରାସ। ମଧ୍ୟବିତ୍ତ ବର୍ଗଙ୍କ ପାଖରେ ଅର୍ଥର ଅଭାବ ଥିବାରୁ, ଭାରତୀୟ କମ୍ପାନୀଗୁଡ଼ିକର ଲାଭ ହ୍ରାସ ପାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ତଥ୍ୟ ଅନୁସାରେ ୨୦୨୪ ଆର୍ଥିକବର୍ଷରେ ଘରୋଇ ସଞ୍ଚୟ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ସର୍ବନିମ୍ନ ଅଂଶ ଥିଲା। ଏହା ଗତ ୫୦ ବର୍ଷ ମଧ୍ୟରେ ସର୍ବନିମ୍ନ। ମଧ୍ୟବିତ୍ତ ବର୍ଗଙ୍କ ନିକଟରେ ଯାହା ସଞ୍ଚିତ ଅର୍ଥ ୨୦୨୪ ମାର୍ଚ୍ଚ ସୁଦ୍ଧା ଶେଷ ହୋଇଯାଇଛି। ବିଗତ ୮ ବର୍ଷ ମଧ୍ୟରେ ଦେଶର ମୁଦ୍ରାସ୍ଫୀତି ତୁଳନାରେ କର୍ମଚାରୀଙ୍କ ଦରମା ବୃଦ୍ଧି ପାଇନାହିଁ। ୨୦୧୬ ପୂର୍ବରୁ କର୍ମଚାରୀଙ୍କ ଦରମା ମୁଦ୍ରାସ୍ଫୀତି ଅନୁପାତରେ ବୃଦ୍ଧି ପାଉଥିଲା, କିନ୍ତୁ ଏବେ ତାହା ହେଉନାହିଁ। ଫଳରେ ଦେଶ ଏବେ ଆର୍ଥିକ ମାନ୍ଦାବସ୍ଥା ଆଡକୁ ମୁହାଁଉଛି। ଜିଡିପିର ୬୦% ଅଂଶ ଥିବା ଉପଭୋକ୍ତା ବ୍ୟବହାର ବା ଉପଯୋଗିତା ହାର ୨୦୨୧-୨୩ପରଠାରୁ ହ୍ରାସ ପାଇଛି। ଗାଡ଼ି, ଘର କିଣା ଓ ଭ୍ରମଣ ଚାହିଦା ବି ହ୍ରାସ ପାଇଛି। ଏପରିକି ୨୦୨୫ ଆର୍ଥିକ ବର୍ଷରେ ନିଫ୍ଟି କମ୍ପାନୀଗୁଡ଼ିକର ଆୟରେ ଏକ ବଡ଼ ହ୍ରାସ ଘଟିଛି ବୋଲି ମାର୍ସ ଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସର ପ୍ରତିଷ୍ଠାତା ସୌରଭ ମୁଖାର୍ଜୀ ପ୍ରକାଶ କରିଛନ୍ତି।

ଏହି ରିପୋର୍ଟ ଅନୁଯାୟୀ, ୨୦୨୦ ପୂର୍ବରୁ ପ୍ରାୟ ୧୦ ବର୍ଷ ବ୍ୟବଧାନରେ ଚାକିରିଜୀବୀଙ୍କ ଆୟରେ ଏକ ବଡ଼ଧରଣର ବୃଦ୍ଧି ଘଟୁଥିଲା। ହାରାହାରି ବାର୍ଷିକ ୬% ହାରରେ ଆୟ ବୃଦ୍ଧି ପାଉଥିଲା। ମାତ୍ର ଆର୍ଥିକ ବର୍ଷ ୨୦୨୦ ପରଠାରୁ ଏହି ଅଭିବୃଦ୍ଧି ପ୍ରତିବର୍ଷ ମାତ୍ର ୩% କୁ ହ୍ରାସ ପାଇଛି। ଆଇଟି, ସଫ୍ଟୱେର୍ ଏବଂ ଖୁଚୁରା ବା ରିଟେଲ କ୍ଷେତ୍ରରେ ନିଯୁକ୍ତି ସ୍ଥିର ହୋଇଯାଇଛି। ଭାରତୀୟ ଆଇଟି କମ୍ପାନୀଗୁଡ଼ିକ ଖୋଲାଖୋଲି ଭାବରେ କର୍ମଚାରୀମାନଙ୍କୁ ଛଟେଇ କରୁଛନ୍ତି। ଜୁଲାଇମାସରେ ଟିସିଏସ ପ୍ରାୟ ୧୨,୦୦୦ ଛଟେଇ ଘୋଷଣା କରିଥିଲା। ଅଧା ଲୋକଙ୍କୁ ଚାକିରିରୁ ବିଦା କରିବାକୁ ଏଚ୍‌ସିଏଲ୍ ଲକ୍ଷ୍ୟ ▸ପୃଷ୍ଠା-୭

### ଭୋଟ ଚୋରିକୁ ନେଇ ମୁହଁ ଖୋଲିଲେ ନିର୍ବାଚନ କମିସନ

# ଅଭିଯୋଗ ଭିତ୍ତିହୀନ




■ **ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି):** ଭୋଟର ତାଲିକାରେ ଥିବା ତ୍ରୁଟିକୁ ସୁଧାରିବା ଲାଗି ସଂଶୋଧନ କରାଯାଏ। ଏଥିରେ ଲୁଚାଇବାର କିଛି ନାହିଁ। କିନ୍ତୁ କେତେକ ରାଜନୈତିକ ଦଳ ଓ ବ୍ୟକ୍ତି ଏହାକୁ ନେଇ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ଏହା ଉଦ୍‌ବେଗର ବିଷୟ ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର। ବିଶେଷ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ ଚୋରିକୁ ନେଇ ଯେଉଁ ଅଭିଯୋଗ ଉଠାଇଛନ୍ତି ସେଥିରେ ଦୃଢ଼ ଆପତ୍ତି ଜଣାଇଛନ୍ତି। ସେ କହିଛନ୍ତି ଯେ ଏଭଳି ଅଭିଯୋଗରେ କୌଣସି ସତ୍ୟତା ନାହିଁ। ଯଦି ଏହି ଅଭିଯୋଗର ପ୍ରମାଣ ଅଛି, ତାହାହେଲେ ସାତ ଦିନ ମଧ୍ୟରେ ପ୍ରମାଣ ସହିତ ସତ୍ୟପାଠ ଦାଖଲ କରନ୍ତୁ, ନଚେତ ଦେଶବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ଏହାର ତୃତୀୟ ବିକଳ୍ପ ନାହିଁ। ସାତ ଦିନ ଭିତରେ ସତ୍ୟପାଠ ଦାଖଲ ନକଲେ ଏହା ସ୍ପଷ୍ଟ ହୋଇଯିବ ଯେ ଏଭଳି ଅଭିଯୋଗ ଭିତ୍ତିହୀନ।

ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ଏବଂ 'ଭୋଟ ଚୋରି'କୁ ନେଇ ଉଠିଥିବା ବିବାଦ ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ କମିସନର ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି


### ରାହୁଲ ଗାନ୍ଧୀଙ୍କୁ ଇସି ନିଶାଣ; ସତ୍ୟପାଠ ଦିଅ, ନଚେତ ଭୁଲ୍ ମାଗ

### ରାହୁଲଙ୍କ ପାଲଟା ପ୍ରଶ୍ନ: ଇସିଙ୍କ ଦୋମୁହାଁ ନୀତି କାହିଁକି

ଏଭଳି ସଫେଇ ଦେଇଛନ୍ତି। ସେ କହିଛନ୍ତି ଯେ ତ୍ରୁଟି ସୁଧାରିବା ଲାଗି ଭାଟର ତାଲିକାରେ ସଂଶୋଧନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ବିହାରରେ ଚାଲିଥିବା ଏସ୍‌ଆଇଆରରେ ସ୍ୱଚ୍ଛତା ଏବଂ ପାରିଦର୍ଶିତାକୁ ନେଇ କୌଣସି ▸ପୃଷ୍ଠା-୭

# ନବୀନ ଅସୁସ୍ଥ

### ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ପିସିସି ସଭାପତି



■ **ଭୁବନେଶ୍ୱର, ୧୭।୮ (ସମିସ):** ଡିହାଇଡ୍ରେସନ ଜନିତ ଅସୁସ୍ଥତା ଯୋଗୁଁ ବିରୋଧୀଦଳ ନେତା, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଚିକିତ୍ସା ପରେ ସେ ସୁସ୍ଥ ଅଛନ୍ତି ଓ ଭଲ ଅନୁଭବ କରୁଛନ୍ତି ବୋଲି ନବୀନ ଏକ ଭିଡିଓରେ କହିଛନ୍ତି। ରବିବାର ସନ୍ଧ୍ୟା ୫ ଟା ୧୫ ମିନିଟ୍ ସମୟରେ ଡିହାଇଡ୍ରେସନ୍ ହେତୁ ସେ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ନବୀନଙ୍କ ଅସୁସ୍ଥତା ସୂଚନା ପାଇ ବିଜେଡିର ବହୁ ବରିଷ୍ଠ ନେତା ଡାକ୍ତରଖାନାରେ ପହଞ୍ଚିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ନବୀନ ସୁସ୍ଥ ହେଉଛନ୍ତି ଓ ଖୁବ୍‌ଶୀଘ୍ର ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବେ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ନବୀନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ସେହିପରି ପିସିସି ସଭାପତି ଭକ୍ତଚରଣ ଦାସ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ନବୀନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଆଶୁ ଆରୋଗ୍ୟ କାମନା କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁସିଂ ପ୍ରମୁଖ ମଧ୍ୟ ଡାକ୍ତରଖାନାରେ ପହଞ୍ଚି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ଶ୍ରୀ ମହାଲିଙ୍ଗ କହିଛନ୍ତି ଯେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନବୀନ ପଟ୍ଟନାୟକଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଦଳ ସହ ଆଲୋଚନା କରିଛୁ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ଶ୍ରୀ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

### ଅବପାତ ରୂପ ନେବ ଲଘୁଚାପ

## ୨୦ ଯାଏଁ ପ୍ରବଳ ବର୍ଷା

■ **ଭୁବନେଶ୍ୱର, ୧୭।୮ (ସମିସ):** ପଶ୍ଚିମ କେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ସକ୍ରିୟ ଥିବା ଲଘୁଚାପ ଆସନ୍ତା ୨୪ ଘଣ୍ଟାରେ ଅଧିକ ଘନୀଭୂତ ହୋଇ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ୧୯ ତାରିଖ ସକାଳେ ଅବପାତଟି ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଦେଇ ଗତି କରିବ। ଏହାର ପ୍ରଭାବରେ ଆସନ୍ତା ୩ଦିନ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଅବପାତ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ହେବା ସହ ମାଲକାନଗିରି, କୋରାପୁଟ, ରାୟଗଡା ଓ ଗଜପତି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୧୨ରୁ ୨୦ ସେମି) ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ▸ପୃଷ୍ଠା-୭

### ସ୍ୱ-ଘୋଷଣାନାମାରେ ପଞ୍ଜୀକରଣ କରିବେ ଚାଷୀ

# ଚାପରେ ନଇଁଲେ ସରକାର

■ **ଭୁବନେଶ୍ୱର, ୧୭।୮ (ସମିସ):** ଚାଷୀଙ୍କ ଚାପରେ ନଇଁଲେ ସରକାର। ଖରିଫ୍ ଧାନ ବିକ୍ରି ନିମନ୍ତେ ପଞ୍ଜୀକରଣରେ କରିଥିବା କଟକଣାକୁ ଶେଷରେ କୋହଳ କଲେ। ପୂର୍ବରୁ ପଞ୍ଜୀକରଣ ପାଇଁ ବାପା, ଜେଜେ ତଥା ପୂର୍ବପୁରୁଷଙ୍କ ନାମରେ ଥିବା ଜମି ପାଇଁ ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କଠାରୁ ସ୍ୱତ୍ୱାଧିକାର ପ୍ରମାଣପତ୍ର ଆଣିବାକୁ ପଡୁଥିଲା। ମାତ୍ର ଏବେ ସ୍ୱ-ଘୋଷଣାନାମା (ସେଲ୍ଫ ଡିକ୍ଲାରେସନ୍) ଦାଖଲ କରି ପଞ୍ଜୀକରଣ କରିହେବ। ଏହାଦ୍ୱାରା ଚାଷୀଙ୍କୁ ଆଉ ଆର୍‌ଆଇଙ୍କ ପାଖକୁ ଦୌଡ଼ିବାକୁ ପଡ଼ିବନି। ପୂର୍ବରୁ ଚାଷୀ ଆର୍‌ଆଇ ଅଫିସ୍ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲା। ସମସ୍ତ ଅଂଶୀଦାର ସାଙ୍ଗରେ ନଗଲେ, ପ୍ରମାଣପତ୍ର ମିଳୁ ନଥିଲା। ତେଣୁ ଏହି ସମସ୍ୟାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଅସନ୍ତୋଷ ତୀବ୍ର ରୂପ ନେଉଥିଲା। ଶେଷରେ ସରକାର ପୂର୍ବ ନିଷ୍ପତ୍ତି ବଦଳାଇଛନ୍ତି।

ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଏନେଇ ଚିଠି କରାଯାଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଗତ ଜୁଲାଇ ୧୯ ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଥିଲେ ବି ଏପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ଆଶାନୁରୂପ ହୋଇନି। ତେଣୁ ସରକାର ପ୍ରକ୍ରିୟାରେ ସରଳତା ସହ ଅବଧି ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ମାତ୍ର ଅଗଷ୍ଟ ୨୦ ପରେ ଆଉ କେତେ ଦିନ ଅବଧି ବଢ଼ିବ, ତା' ଏପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ। ଫଳସ୍ୱରୂପ, ପଞ୍ଜୀକରଣ କରିନଥିବା ଚାଷୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଆଉ ହାତରେ ମାତ୍ର ୨-୩ ଦିନ ଥିବାରୁ ଚାଷୀମାନେ ସମବାୟ ସମିତିରେ ଭିଡ଼ ଜମାଉଛନ୍ତି। ସରକାର କେବଳ ବଂଶାନୁକ୍ରମିକ ପ୍ରମାଣପତ୍ର ଦେବା ନିୟମ ବଦଳାଇଦେଲେ। ମାତ୍ର ଉପାନ୍ତ ଅଞ୍ଚଳରେ ଇଣ୍ଟରନେଟ୍ ସମସ୍ୟା ଥିବାରୁ ପଞ୍ଜୀକରଣ ସମୟରେ 'ଇ-କେୱାଇସି' କରିପାରୁନାହାନ୍ତି। ସେହିଭଳି ସମବାୟଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ କର୍ମଚାରୀ ନାହାନ୍ତି। ତେଣୁ ଚାଷୀ ପଞ୍ଜୀକରଣ ବିଳମ୍ବ ହେଉଛି। ଏସବୁ ସମସ୍ୟା ପ୍ରତି ସରକାର କେବେ ଦୃଷ୍ଟି ଦେବେ ବୋଲି ଚାଷୀ ମହଲ ପ୍ରଶ୍ନ କରିଛନ୍ତି। ▸ପୃଷ୍ଠା-୭

# ଘୁଞ୍ଚିଘୁଞ୍ଚି ଯାଉଛି 'ନିଗମ' ପଦ୍ମ

### ନିଯୁକ୍ତି ପାଇଁ ଆଉ କିଛି ସମୟ ଲାଗିବ: ପ୍ରଭାରୀ

■ **ଭୁବନେଶ୍ୱର, ୧୭।୮ (ସମିସ):** ଇତିମଧ୍ୟରେ ରାଜ୍ୟରେ ବିଜେପି ସରକାରକୁ ୧୪ ମାସ ପୂରି ସାରିଥିଲେ ହେଁ ଏଯାବତ୍ ନିଗମ, ବୋର୍ଡ ନିଯୁକ୍ତି ହୋଇପାରିଲା ନାହିଁ। ଗତ ୫ ତାରିଖରେ ରାଜ୍ୟ ସରକାର ମହିଳା କମିସନ ଏବଂ ଶିଶୁ ସୁରକ୍ଷା କମିସନରେ ଅଧ୍ୟକ୍ଷା ଏବଂ ସଦସ୍ୟାଙ୍କୁ ନିଯୁକ୍ତି ଦେବା ପରେ ନିଗମ ଅଙ୍କ ଛିଡ଼ିବା ନେଇ ସାଧାରଣରେ ଆଶା ପ୍ରକାଶ ପାଇଥିଲା। ତେବେ ଏହି ପଦବୀ ପୂରଣ ଲାଗି ଆଉ କିଛି ସମୟ ଲାଗିବ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିପାଇଁ ଆହୁରି ଅତିକମରେ ଗୋଟିଏରୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ଲାଗିପାରେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି।

### ପ୍ରକ୍ରିୟାରେ ବିଳମ୍ବ ପାଇଁ ଦଳରେ ଅସନ୍ତୋଷ

ଶ୍ରୀ ତୋମାର କହିଛନ୍ତି, ବୋର୍ଡ ନିଗମ ଏବଂ ରାଜ୍ୟ ସଂଗଠନର ଟିମ୍ ପାଇଁ ପ୍ରକ୍ରିୟା ଜାରି ରହିଛି। ନିଗମ, ବୋର୍ଡରେ ନିଯୁକ୍ତି ଲାଗି ଇତିମଧ୍ୟରେ ୨-୩ଟି ବୈଠକ ମଧ୍ୟ ବସିସାରିଲାଣି। ଆଗକୁ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଏବଂ ସେ ନିଜେ ଏ ନେଇ ରାଜ୍ୟ ବିଜେପି କୋର କମିଟି ସହ ଆଲୋଚନା କରିବେ। ଏହାପରେ ନିଗମ, ବୋର୍ଡ ସଂକ୍ରାନ୍ତୀୟ ନିଷ୍ପତ୍ତି ▸ପୃଷ୍ଠା-୭

### ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଭାଇରାଲ

# ପୁଲିସର ଭୂମିକାକୁ ନେଇ ଉଠିଲା ପ୍ରଶ୍ନ



■ **ପୁରୀ, ୧୭।୮ (ସମିସ):** ପୁଣି କଡ଼ ଲେଉଟାଇଛି ବଳଙ୍ଗା ନାବାଳିକା ପୋଡ଼ି ମୃତ୍ୟୁ ଘଟଣା। ସାମାଜିକ ଗଣମାଧ୍ୟମରେ ପୀଡ଼ିତାଙ୍କ ବୟାନ ରେକର୍ଡର ଭିଡିଓ ଭାଇରାଲ ହେବା ପରେ ଏବେ ବିରୋଧୀଙ୍କ ଟାର୍ଗେଟକୁ ଆସିଛନ୍ତି ରାଜ୍ୟ ସରକାର ଏବଂ ଓଡ଼ିଶା ପୁଲିସ। ପୀଡ଼ିତାଙ୍କ ମୃତ୍ୟୁ ପରେ ପୁଲିସ ଯେଉଁ ସ୍ୱଷ୍ଟୋକ୍ତି ରଖିଥିଲା ତାହାର ସତ୍ୟତା ଉପରେ ଉଠିଛି ପ୍ରଶ୍ନବାଚୀ। ଏଥିରେ କାହାର ସମ୍ପୃକ୍ତି ନ ଥିବା ପୁଲିସ ପକ୍ଷରୁ ଯେଉଁ ସ୍ୱଷ୍ଟୋକ୍ତି ରଖାଯାଇଥିଲା ତାହା ଭୁଲ୍ ଥିଲା ବୋଲି ପୀଡ଼ିତାଙ୍କ ବୟାନ ରେକର୍ଡ ହିଁ ସ୍ପଷ୍ଟ କରୁଛି। ତେବେ କାହିଁକି ପୁଲିସ ସେଦିନ ତରବରିଆ ଭାବେ ସାମାଜିକ ଗଣମାଧ୍ୟମରେ ଏଭଳି ପୋଷ୍ଟ କରିଥିଲା? ପୁଲିସ କାହା ଚାପରେ ଥିଲା କି? ଏମିତି ପ୍ରଶ୍ନ ଏବେ ସମସ୍ତଙ୍କୁ ଆନ୍ଦୋଳିତ କରୁଥିବାବେଳେ ଓଡ଼ିଶା ପୁଲିସ କାହିଁକି ବିଶ୍ୱାସ ଭାଙ୍ଗୁଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

ଦିନକ ପରେ ଏହି ଦୁଃଖଦ ଘଟଣାକୁ ମାସେ ପୂରିବ। ଏହାର ତଦନ୍ତରୁ ପୁଲିସ କ'ଣ ନିଷ୍କର୍ଷ ବାହାରକଲା ତାହ ସ୍ପଷ୍ଟ ହୋଇନାହିଁ; କିନ୍ତୁ ଶନିବାର ପୀଡ଼ିତାଙ୍କ ବୟାନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କିଏ ଓ କେଉଁ ଉଦ୍ଦେଶ୍ୟରେ ଏହା ଭାଇରାଲ କରିଛି ତାହା ଜଣାପଡ଼ି ନ ଥିଲେ ମଧ୍ୟ ଏହା ହସ୍ପିଟାଲ ଭିତରେ ହିଁ ରେକର୍ଡିଂ କରାଯାଇଛି। ଏଥିରେ ଜଣେ ମହିଳା ଅଧିକାରୀ ପୀଡ଼ିତାଙ୍କର ବୟାନ ରେକର୍ଡ କରୁଛନ୍ତି। ସେ ନାବାଳିକାଙ୍କୁ ବିଭିନ୍ନ ପ୍ରଶ୍ନ କରୁଛନ୍ତି ଏବଂ ଉତ୍ତରକୁ ଏକ ଡାଏରୀରେ ଲେଖୁଛନ୍ତି। ଘଟଣା ସମ୍ପର୍କରେ ପୀଡ଼ିତା ଯାହା କହୁଛନ୍ତି ତାହା ଅତ୍ୟନ୍ତ ସାଂଘାତିକ। ପୀଡ଼ିତା କହୁଛନ୍ତି, "ସେ ଘରକୁ ଫେରୁଥିଲେ। ବାଇକ୍‌ରେ କେତେଜଣ ଆସି ତାଙ୍କ ପାଖରେ ଅଟକିଥିଲେ। ସେମାନେ ମୁହଁରେ ରୁମାଲ ବାନ୍ଧିଥିଲେ। ତାଙ୍କ ମୁହଁରେ ରୁମାଲ ଚାପି ବଡ଼ବନ୍ଧ ନିକଟ ଜଙ୍ଗଲକୁ ଉଠେଇ ନେଇଥିଲେ। ତାଙ୍କ ଦେହରେ କିରାସିନି ଢାଳି ନିଆଁ ଲଗେଇ ପଳେଇଲେ। ହୋସ୍ ଆସିବାରୁ...।" ଏତିକିରେ ଭିଡିଓଟି ଶେଷ ହୋଇଯାଉଛି। ୧ ମିନିଟ୍ ୩୦ ସେକେଣ୍ଡର ଏହି ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି।

ଦୀର୍ଘ ୧୫ ଦିନ ଜୀବନ ମରଣ ସହ ଲଢ଼େଇ କରି ଶେଷରେ ଅଗଷ୍ଟ ୨ ତାରିଖରେ ଦିଲ୍ଲୀ ଏମ୍ସରେ ହାରି ଯାଇଥିଲେ ବଳଙ୍ଗା ପୀଡ଼ିତା। କିନ୍ତୁ ତାଙ୍କ ଦେହାନ୍ତ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା ▸ପୃଷ୍ଠା-୭

# ପାଇଲଟ୍ ଭୂମିକାରେ କାର୍ତ୍ତିକ୍



ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ୟ୍ୟନ୍ ବହୁତ ସ୍ୱଳ୍ପ ଦିନର ଫିଲ୍ମି କ୍ୟାରିୟରରେ ଜଣେ ଆଗଧାଡ଼ିର ଅଭିନେତା ଭାବେ ନିଜକୁ ପ୍ରମାଣିତ କରିଛନ୍ତି। କାର୍ତ୍ତିକ୍‌ଙ୍କ ହାତକୁ ଏବେ ଏକ ବଡ଼ ପ୍ରୋଜେକ୍ଟ ଆସିଛି। ନିର୍ଦ୍ଦେଶକ ସିମିତ ଅମିନଙ୍କ ଫିଲ୍ମରେ ସେ ପାଇଲଟ୍ ଭୂମିକାରେ ନଜର ଆସିବେ। ଫିଲ୍ମର ଟାଇଟଲ ରହିଛି 'କ୍ୟାପ୍ଟେନ ଇଣ୍ଡିଆ'। ସିମିତଙ୍କ ସହ ଏହା କାର୍ତ୍ତିକଙ୍କର ପ୍ରଥମ ଫିଲ୍ମ। ସିମିତ 'ଚକ୍‌ଦେ ଇଣ୍ଡିଆ', 'ଅବ ତକ ଛପ୍ପନ' ଫିଲ୍ମ ପାଇଁ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ବର୍ଷେ ହେଲାଣି ସିମିତ କାର୍ତ୍ତିକ୍‌ଙ୍କ ସହ ଯୋଗାଯୋଗରେ ଥିଲେ। 'କ୍ୟାପ୍ଟେନ୍ ଇଣ୍ଡିଆ' ସମ୍ପର୍କରେ ସିମିତ କହିବାରୁ କାର୍ତ୍ତିକ୍‌ଙ୍କୁ ଏହାର କାହାଣୀ ଭଲ ଲାଗିଥିଲା। ଫିଲ୍ମର କାହାଣୀ ବାସ୍ତବ ଜୀବନରୁ ପ୍ରେରିତ ହୋଇଛି। ୨୦୨୬ ମଧ୍ୟ ଆଡ଼କୁ ସିମିତ ଏହାର ସୁଟିଂ ଆରମ୍ଭ କରିବେ। ସେହିଭଳି ୨୦୨୭ ମଧ୍ୟ ଆଡ଼କୁ ଏହା ରିଲିଜ୍ ହେବ। କାର୍ତ୍ତିକ୍ ଏବେ 'ତୁ ମେରି ମେ ତେରା ମେ ତେରା ତୁ ମେରି'ର ସୁଟିଂରେ ବ୍ୟସ୍ତ ଅଛନ୍ତି।

# ଯାତ୍ରାବେଳେ ପାଖରେ ରଖନ୍ତୁ ଷ୍ଟିଲ୍ ଓ କାଚ କପ୍



ସାଧାରଣତଃ କୌଣସି ସ୍ଥାନକୁ ଯାତ୍ରା କରିବା ବେଳେ ଅନେକ ଲୋକ ନିଜ ପାଖରେ ପାଣି ବୋତଲ ରଖିଥାନ୍ତି। ଏଣିକି ପାଣି ବୋତଲ ସହ ନିଜର କାଚ କିମ୍ବା ଷ୍ଟିଲ୍ ଚା' କପ୍‌କୁ ପାଖରେ ରଖିବା ପାଇଁ ପରାମର୍ଶ ଦିଆଯାଉଛି। କାରଣ ଗବେଷକଙ୍କ ଅନୁସାରେ, ପ୍ଲାଷ୍ଟିକ୍ ତଥା କାଗଜ କପ୍‌ରେ ଗରମ ପାନୀୟ ରଖିବା ଦ୍ୱାରା ଏଥିରୁ ହଜାର ହଜାର ସଂଖ୍ୟକ ମାଇକ୍ରୋପ୍ଲାଷ୍ଟିକ୍ କଣିକା ପାନୀୟରେ ମିଶିଥାଏ। ଏହିପରି ଭାବେ ଏହା ଶରୀରକୁ ଯାଏ। ଯାହାକି ଶରୀର ପାଇଁ କ୍ଷତିକାରକ। ସେହିପରି ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ବୋର୍ଡ ଗଭର୍ଣ୍ଣର୍‌ର ଅଧ୍ୟକ୍ଷା ତେଜସ୍ୱିନୀ ଅନନ୍ତ କୁମାର ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରି ଏଭଳି କିଛି ବାର୍ତ୍ତା ପ୍ରଦାନ କରିଛନ୍ତି। ସେ ଯାତ୍ରା ସମୟରେ ଲୋକଙ୍କୁ ନିଜ ସହିତ ନିଜର କପ୍ ନେବା ଲାଗି ପ୍ରୋତ୍ସାହିତ କରିଛନ୍ତି। ସେ ତାଙ୍କ ପୋଷ୍ଟରେ ଲୋକଙ୍କୁ ପାଖରେ ନିଜର ପାଣି ବୋତଲ ସହିତ କଫି କପ୍ ମଧ୍ୟ ପାଖରେ ରଖିବାକୁ କହିଛନ୍ତି। ଏପରିକି କାଗଜ କପ୍‌ରେ ଚା' ଓ କଫି ପିଇବାରୁ ଦୂରେଇ ରହିବାକୁ ନିବେଦନ କହିଛନ୍ତି। କାଗଜ କପ୍‌ରେ ଗରମ ପାନୀୟ ୧୫ ମିନିଟ୍ ପର୍ଯ୍ୟନ୍ତ ରହିବା ଦ୍ୱାରା ସେଥିରୁ ୨୫ ହଜାର ମାଇକ୍ରୋପ୍ଲାଷ୍ଟିକ୍ କଣିକା ମିଳିଥାଏ। ଅବଶ୍ୟ ସେ ଏହି ତଥ୍ୟର ଶ୍ରେୟ ଆଇଆଇଟି ଖଡ଼ଗପୁରର ଏକ ଗବେଷଣାକୁ ପ୍ରଦାନ କରିଛନ୍ତି। ଏହି କପ୍‌ଗୁଡ଼ିକ କାଗଜର ହୋଇଥିଲେ ବି ଏଥିରେ ପତଳା ପ୍ଲାଷ୍ଟିକ୍ ପରସ୍ତ ଥାଏ। ଯାହାକୁ ପଲିଇଥାଇଲିନ କୁହାଯାଏ। ଏଥିରେ ଗରମ ପାନୀୟ ରଖିବା ମାତ୍ରେ ଏହି ପରସ୍ତ ଭାଙ୍ଗିଥାଏ। ତେବେ ୨୦୨୧ରେ ଆଇଆଇଟି ଖଡ଼ଗପୁରର ଏକ ଅଧ୍ୟୟନରୁ ଦେଖାଯାଇଥିଲା ଯେ, କାଗଜ କପ୍‌ରେ ୧୦୦ ମିଲିଲିଟର ଗରମ ତରଳ ପଦାର୍ଥକୁ ୧୫ ମିନିଟ୍ ପର୍ଯ୍ୟନ୍ତ ରଖିବା ଦ୍ୱାରା ସେଥିରୁ ୨୫ ହଜାର ମାଇକ୍ରୋପ୍ଲାଷ୍ଟିକ୍ କଣିକା ମିଳିଥାଏ। ତେଣୁ ଦିନକୁ ତିନି କପ୍ କଫି କି ଚା' କାଗଜ କପ୍‌ରେ ପିଇବା ଦ୍ୱାରା ୭୫ ହଜାର ମାଇକ୍ରୋପ୍ଲାଷ୍ଟିକ୍ କଣିକା ଶରୀରକୁ ଯାଇଥାଏ। ଫଳରେ ଏହା ଯୋଗୁଁ ହରମୋନ ଅସନ୍ତୁଳନ, ପ୍ରଜନନ ସମସ୍ୟା, ଶିଶୁଙ୍କ ବିକାଶ ବାଧାପ୍ରାପ୍ତ, ମୋଟାପା, କର୍କଟ, ସ୍ନାୟୁ ଓ ପ୍ରତିରକ୍ଷା ପ୍ରଣାଳି ଭଳି ସମସ୍ୟା ଦେଖାଦିଏ। ଗବେଷକଙ୍କ ଅନୁସାରେ, ଏହି ସମସ୍ୟା କମ୍ କରିବାର ସବୁଠୁ ସରଳ ଓ ପ୍ରଭାବି ଉପାୟ ହେଉଛି ବାହାରକୁ ଯିବା ସମୟରେ ନିଜ ସହିତ କାଚ କିମ୍ବା ଷ୍ଟିଲ୍ କପ୍ ପାଖରେ ରଖିବା। ଏହା କେବଳ ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣରୁ ହିତକର ତାହା ନୁହେଁ, ପରିବେଶ ପାଇଁ ଏକ ସୁରକ୍ଷିତ ଓ ସୁନ୍ଦର ବିକଳ୍ପ।

## ଆଜିର ଇତିହାସ

- ୧୯୪୦- ପ୍ରଥମଥର ପାଣିପାଗ ମାନଚିତ୍ର ଟେଲିଭିଜନରେ ପ୍ରସାରିତ।
- ୧୯୪୯ - ହଙ୍ଗେରିରେ ସମ୍ବିଧାନ ଲାଗୁ ହେଲା।
- ୧୯୫୧- ଖଡ଼ଗପୁରରେ ଦେଶର ପ୍ରଥମ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ସ୍ଥାପନା।
- ୧୯୭୩- ଆମେରିକାର ବୋଷ୍ଟନରେ ପ୍ରଥମ ଏଫ୍ଏମ୍ ରେଡିଓ ଷ୍ଟେସନ ନିର୍ମାଣକୁ ମଞ୍ଜୁରି ଦିଆଗଲା।
- ୨୦୦୮ - ପାକିସ୍ତାନର ରାଷ୍ଟ୍ରପତି ପରଭେଜ୍ ମୁସାରଫଙ୍କ ଇସ୍ତଫା।


# ବଙ୍କରରେ ରହି ମହିଳା କରନ୍ତି ଅର୍ଥ ସଞ୍ଚୟ



ସାଧାରଣତଃ ଅର୍ଥ ସଞ୍ଚୟ ପାଇଁ ଲୋକେ ବିଭିନ୍ନ ଉପାୟ ଅବଲମ୍ବନ କରନ୍ତି। ଏହି କ୍ରମରେ ଜଣେ ମହିଳା ଘର ଭଡ଼ା ବାବଦ ଟଙ୍କାକୁ ସଞ୍ଚୟ କରିବା ପାଇଁ ବଙ୍କରରେ ରହୁଛନ୍ତି। ଏହି ଘଟଣା ଏବେ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ଆମେରିକା କାଲିଫର୍ଣ୍ଣିଆର ୪୪ ବର୍ଷୀୟା କ୍ୟାଟଲିନ୍ ଜନସନ୍ ଏକ ଭୂତଳ ବଙ୍କରକୁ ଘର କରି ରହିଛନ୍ତି। ଏହାଦ୍ୱାରା କେବଳ ତାଙ୍କ ଘର ଭଡ଼ା ଅର୍ଥ ସଞ୍ଚୟ ହେଉ ନାହିଁ, ଅନ୍ୟ ଲାଭ ମିଳୁଥିବା ସେ କହନ୍ତି। କ୍ୟାଟଲିନ୍ ୨୦୨୪ ମସିହା ଏପ୍ରିଲରେ ନ୍ୟୁୟର୍କରୁ କାଲିଫର୍ଣ୍ଣିଆ ସ୍ଥାନାନ୍ତରିତ ହୋଇଥିଲେ। ସେଇଠୁ ସେତେବେଳେ ସେ ରହିବା ଲାଗି ତାଙ୍କ ସାଙ୍ଗଙ୍କ ବେକର୍ସଫିଲ୍ଡରେ ଥିବା ବଙ୍ଗଳା ପଛରେ ଥିବା ଭୂତଳ ବଙ୍କରରେ ରହିବା ନିଷ୍ପତ୍ତି ନେଲେ। ଏ ଲାଗି ସେ ତାଙ୍କ ସାଙ୍ଗକୁ ମାସିକ ୫୦୦ ଡଲାର ଭଡ଼ା ବାବଦରେ ଦେଇଥାନ୍ତି। ୧୨୦୦ ବର୍ଗ ଫୁଟରେ ବ୍ୟାପ୍ତ ଏହି ଭୂତଳ ବଙ୍କର। ଏହି ବଙ୍କରରେ ଗୋଟିଏ ମାଷ୍ଟର ବେଡ୍‌ରୁମ୍, ରୋଷେଇଘର, ଡ୍ରଇଂ ରୁମ୍, ଦୁଇଟି ବାଥରୁମ୍ ରହିଛି। କ୍ୟାଲଫର୍ଣ୍ଣିଆରେ ଗୋଟିଏ ବେଡରୁମ୍ ଯୁକ୍ତ ଘର ଭଡ଼ା ଆକାଶଛୁଆଁ। ଏଭଳି ଘରଟିଏ ସେ ଭଡ଼ା ନେଇ ରହିଥିଲେ ମାସକୁ ୧.୫ରୁ ୨ହଜାର ଡଲାର ଖର୍ଚ୍ଚ କରିଥାନ୍ତେ। ହେଲେ ବଙ୍କରରେ ରହି ମାସକୁ ୧.୫ ହଜାର ଡଲାର ସଞ୍ଚୟ କରୁଥିବା କ୍ୟାଟଲିନ୍ କହୁଛନ୍ତି। ସେହିପରି ତାଙ୍କ ସାଙ୍ଗ ୨୦୨୨ ମସିହାରେ ଏହି ଜାଗା କିଣିଥିଲେ। ଏହି ଜମିର ପୂର୍ବତନ ମାଲିକ ଏଥିରେ ଭୂତଳ ବଙ୍କର ତିଆରି କରିଥିବା ତାଙ୍କ ସାଙ୍ଗ ଜାଣିବାକୁ ପାଇଥିଲେ। ତାଙ୍କର ସେହି ସାଙ୍ଗ କ୍ୟାଟଲିନ୍‌ଙ୍କୁ ବଙ୍କରରେ ରହି ଏହାର ଦେଖାଶୁଣା କରିବାକୁ ପରାମର୍ଶ ଦେଇଥିଲେ। ଏବେ କ୍ୟାଟଲିନ୍ ଏଠାରେ ରହିବା ସହ ଏହାର ଦେଖାଶୁଣା କାମ ବି କରୁଛନ୍ତି। ବଙ୍କରର ପରିବେଶ ଖୁବ୍ ଶାନ୍ତ ହୋଇଥିବାବେଳେ ସାଧାରଣ ଆପାର୍ଟମେଣ୍ଟରେ ରହିବା ଭଳି ତାଙ୍କୁ ଲାଗୁଛି। କାରଣ ଭୂତଳରେ ରହିଲେ ବି ତାଙ୍କୁ ଫୋନ୍ ଏବଂ ଇଣ୍ଟରନେଟ୍ ସିଗନାଲ ମିଳିପାରୁଛି। ଅନ୍ୟପଟେ ବଙ୍କରରେ ରହିବାର ସେଭଳି କିଛି ବିଶେଷ ଲାଭ ନ ଥିବା ସେ କହନ୍ତି। ଏହାବାଦ୍ ଯଦି ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୁଏ, ତେବେ ବଙ୍କରରେ ରହି ନିଜକୁ ସୁରକ୍ଷିତ ରଖିପାରିବେ ବୋଲି କ୍ୟାଟଲିନ୍ କହିଛନ୍ତି। ତେବେ ବଙ୍କରରେ ପ୍ରାକୃତିକ ଆଲୋକ ପଡୁ ନ ଥିଲେ ବି ଏହାକୁ ନେଇ କୌଣସି ସମସ୍ୟା ସେ ସାମ୍ନା କରି ନାହାନ୍ତି। ସେ ତାଙ୍କ ଶୋଇବା ଘରେ କୃତ୍ରିମ ସୂର୍ଯ୍ୟାଲୋକର ବ୍ୟବସ୍ଥା ବି କରିଛନ୍ତି। ସେହିଭଳି ବଙ୍କର ମଧ୍ୟରେ ଦୁଇଟି କବାଟ ଅଛି ଯାହାକୁ ସୂର୍ଯ୍ୟାଲୋକ ପାଇଁ ଦିନରେ ସେ ଖୋଲା ରଖିଥାନ୍ତି।

# ଇଣ୍ଟରନେଟ୍ ବ୍ୟବହାର ହେଉ ନ ଥିବା ଦେଶ

ସମ୍ପ୍ରତି ଇଣ୍ଟରନେଟ୍‌ର ଯୁଗ। ଇଣ୍ଟରନେଟ୍ ବିନା ଜୀବନ କଳ୍ପନା କରିବା ଅସମ୍ଭବ। ଯାତାୟାତ, ଖାଦ୍ୟପେୟ କିମ୍ବା କୌଣସି ସ୍ଥାନର ସୂଚନା ଜାଣିବାକୁ ହେଲେ, ପ୍ରଥମେ ଇଣ୍ଟରନେଟ୍ ଖୋଜା ପଡ଼ିଥାଏ। କିନ୍ତୁ ବିଶ୍ୱରେ ଏଭଳି ଏକ ଦେଶ ରହିଛି, ଯେଉଁଠି ଇଣ୍ଟରନେଟ୍ ବ୍ୟବହାର କରାଯାଏ ନାହିଁ। ତେବେ ଇରିଟ୍ରିଆ ନାମରେ ପରିଚିତ ଏହି ଦେଶରେ ଲୋକେ ମୋବାଇଲରେ ଇଣ୍ଟରନେଟ୍ ଡାଟା ବ୍ୟବହାର କରନ୍ତିନି। ଏପରିକି ଏଠାକାର ଲୋକଙ୍କୁ ମୋବାଇଲ ସିମ୍ କାର୍ଡ ପାଇଁ ମଧ୍ୟ ସରକାରଙ୍କ ଅନୁମତି ନେବାକୁ ପଡ଼ିଥାଏ। ସ୍ଥାନୀୟ ପ୍ରଶାସନର ମଞ୍ଜୁରୀ ପରେ ସିମ୍‌କାର୍ଡ ମିଳିଥାଏ। ଅଲଗା ଦେଶର ଲୋକେ ପହଞ୍ଚିଲେ ସେମାନଙ୍କୁ ଏହି ଦେଶର ଅସ୍ଥାୟୀ ସିମ୍‌କାର୍ଡ ନେବା ପାଇଁ ଆବେଦନ କରିବାକୁ ପଡ଼େ। ଦେଶ ଛାଡ଼ିଲେ ସିମ୍ କାର୍ଡ ଫେରାଇବାକୁ ପଡ଼େ। ଏହା ବିଶ୍ୱର ସବୁଠୁ ଲୁକ୍କାୟିତ ଦେଶ ଭାବେ ଜଣାଯାଏ। ଏହାକୁ ଆଫ୍ରିକାର 'ଉତ୍ତର କୋରିଆ' ବୋଲି କୁହାଯାଏ। ୧.୧୭ ଲକ୍ଷ ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି ଦେଶର ସମୁଦାୟ ଜନସଂଖ୍ୟା ୩୫ ଲକ୍ଷ। ସେହିପରି ଏହି ଦେଶର କୌଣସି ନିର୍ଦ୍ଦିଷ୍ଟ ସରକାରୀ ଭାଷା ନାହିଁ। ଏଠାକାର ଲୋକେ ଗ୍ରୀନ୍ୟା, ଆରବୀ ତଥା ଇଂରାଜୀ ଭାଷାରେ କଥାବାର୍ତ୍ତା କରିଥାନ୍ତି। ଏଠାରେ ସମୁଦାୟ ଜନସଂଖ୍ୟାର ମାତ୍ର ଏକ ପ୍ରତିଶତ ଲୋକ ଇଣ୍ଟରନେଟ୍ ବ୍ୟବହାର କରନ୍ତି। ତେବେ ଲୋକେ ଘରେ ବସି ଇଣ୍ଟରନେଟ୍ ଚଳାଇ ପାରିବେ ନାହିଁ। ଇଣ୍ଟରନେଟ୍ ବ୍ୟବହାର କରିବାକୁ ଇରିଟ୍ରିଆର ସହରାଞ୍ଚଳରେ ହାତଗଣତି କେତୋଟି କାଫେ ରହିଛି। ସେଠାକୁ ଯାଇ ଲୋକମାନେ ୱାଇଫାଇ ମାଧ୍ୟମରେ ମୋବାଇଲ ଫୋନ୍‌ରେ ଇଣ୍ଟରନେଟ୍ ବ୍ୟବହାର କରିଥାନ୍ତି। ଏହାର ସ୍ପିଡ୍ ୨ ଜିବିରୁ କମ୍। ଏହି କାଫେରେ ଘଣ୍ଟାଏ ଇଣ୍ଟରନେଟ୍ ବ୍ୟବହାର କରିବା ପାଇଁ ୧୦୦ ଟଙ୍କା ଦେବାକୁ ପଡ଼ିଥାଏ। ଏଥିପାଇଁ ଖୁବ୍ କମ୍ ସଂଖ୍ୟକ ଲୋକ ଏଠାରେ ଇଣ୍ଟରେନେଟ୍ ବ୍ୟବହାର କରନ୍ତି। ଏଠାରେ ଲୋକେ ସରକାରଙ୍କ ବିନା ଅନୁମତିରେ ଦେଶ ଛାଡ଼ି ପାରିବେ ନାହିଁ। ଯଦି ଏପରି କରୁଥିବାର କେହି ଧରାପଡ଼ିଲେ ତାଙ୍କୁ ଗୁଳି ମାରି ଦିଆଯାଏ। ଏଠାରେ ପର୍ଯ୍ୟଟକମାନେ ଯିବା ଆସିବା ଉପରେ ମଧ୍ୟ ଅନେକ କଟକଣା ରହିଛି। ସେଥିପାଇଁ ଏଠାକୁ ବହୁତ କମ୍ ସଂଖ୍ୟାରେ ପର୍ଯ୍ୟଟକ ଆସନ୍ତି।



# ଚୀନ୍‌ରେ ବଢୁଛି ନକଲି ଅଫିସ୍ ଟ୍ରେଣ୍ଡ



ପାଠପଢ଼ା ସରିବା ପରେ ଯୁବକଯୁବତୀମାନେ ବେଶ୍ ମୋଟା ଅଙ୍କର ଦରମା ମିଳୁଥିବା ଚାକିରିଟିଏ ପାଇବା ପାଇଁ ଇଚ୍ଛା ରଖିଥାନ୍ତି। ହେଲେ ବର୍ଷ ବର୍ଷର ଲଗାତାର ଚେଷ୍ଟା ସତ୍ତ୍ୱେ ଅନେକଙ୍କୁ ନିଜ ମନଲାଖି ଚାକିରିଟିଏ ମିଳି ନ ଥାଏ। କିନ୍ତୁ ବିନା ଦରମାରେ ଚାକିରି କରିବାକୁ କେହି ବି ରାଜି ହୋଇ ନ ଥାନ୍ତି। ଯଦି ବିନା ଦରମାରେ ଚାକିରି କରିକି ଏଥିପାଇଁ ମାଲିକଙ୍କୁ ଟଙ୍କା ଦେବାକୁ ପଡ଼ିଥାଏ, ଏହାଠାରୁ ଆଉ ଦୁଃଖର ବିଷୟ ଆଉ କ'ଣ ହୋଇପାରେ। ଏଭଳି କିଛି ଧାରା ଏବେ ଚୀନ୍‌ରେ ଦେଖିବାକୁ ମିଳୁଛି। କାରଣ ଏଠାରେ ବେରୋଜଗାରୀ ବଢ଼ିବାରେ ଲାଗିଛି। ଚୀନ୍‌ର ଯୁବପିଢ଼ି କମ୍ପାନିମାନଙ୍କୁ ବେଶ୍ ମୋଟା ଅଙ୍କର ଅର୍ଥ ଦେଇ ସେମାନଙ୍କ ଅଫିସ୍‌ରେ କାମ କରୁଥିବାର ମିଛ ଅଭିନୟ କରୁଛନ୍ତି। ଏଭଳି ସେବା ପ୍ରଦାନ କରୁଥିବା କମ୍ପାନିଗୁଡ଼ିକ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଚୀନ୍‌ରେ ଏବେ ଚାକିରି ମିଳିବା ବେଶ୍ କଷ୍ଟକର ହୋଇ ପଡ଼ିଛି। ଘରେ ବସିବା ଅପେକ୍ଷା ଟଙ୍କା ଖର୍ଚ୍ଚ କରି ଅଫିସ୍ ଯିବାକୁ ପସନ୍ଦ କରୁଛନ୍ତି ଏଠାକାର ଯୁବକ ଯୁବତୀ। ସେହିଭଳି କମ୍ପାନିଗୁଡ଼ିକ ବି ଯୁବକଯୁବତୀଙ୍କୁ ସେମାନେ ଚାକିରି କରୁଥିବା ଭଳି ଅନୁଭବ ଦେବା ପାଇଁ କମ୍ପ୍ୟୁଟର, ମିଟିଂ ରୁମ୍, ଚାହା, କଫିର ବ୍ୟବସ୍ଥା ମଧ୍ୟ କରିଥାନ୍ତି। ତେବେ ଯୁବକଯୁବତୀମାନେ ଏଭଳି ନକଲି ଅଫିସ୍ ପାଇଁ କମ୍ପାନିଗୁଡ଼ିକୁ ଦିନକୁ ୩୦୦-୫୦୦ ଟଙ୍କା ଦେଇଥାନ୍ତି। ସବୁଠୁ ବଡ଼ କଥା ହେଉଛି ଏଭଳି ନକଲି ଅଫିସ୍ ଟ୍ରେଣ୍ଡ ଚୀନ୍‌ର ବଡ଼ ବଡ଼ ସହର ସଂଘାଇ, ଚେଙ୍ଗଡୁ, କୁନମିଙ୍ଗ୍, ସେନ୍‌ଜେନ୍‌ରେ ଦେଖିବାକୁ ମିଳିଛି।

## ଭିନ୍ନ ଏକ କାଫେ

# ମହିଳା ପୋଷାକରେ ପୁରୁଷ ୱେଟର୍



ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ହୋଟେଲ, ରେଷ୍ଟୋରାଁ ଏବଂ କାଫେଗୁଡ଼ିକ ନୂଆ ନୂଆ ଉପାୟ ଆପଣାଇଥାନ୍ତି। ତେବେ ଅଧିକାଂଶ ହୋଟେଲ କିମ୍ବା ରେଷ୍ଟୋରାଁରେ ଶିକ୍ଷିତ, ସୁନ୍ଦର ଚେହେରା ଓ ଆର୍ଷଣୀୟ ବ୍ୟକ୍ତିତ୍ୱର ଲୋକଙ୍କୁ ୱେଟର୍ ଭାବେ ନିଯୁକ୍ତି ଦିଆଯାଏ। ଏହି କ୍ରମରେ ଏବେ ଜଣେ ସୁନ୍ଦରୀ ୱେଟର୍‌ଙ୍କୁ ନେଇ ସବୁଠି ଚର୍ଚ୍ଚା। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏହି ସୁନ୍ଦରୀ ତରୁଣୀ ଜଣକ ହେଉଛନ୍ତି ଜାପାନର ୧୯ ବର୍ଷୀୟ ମାୟୁଟାମୁ। ବାସ୍ତବରେ ମାୟୁଟାମୁ ଜଣେ ଯୁବକ। ସେ ଟୋକିଓର ମେଡ୍ କାଫେରେ କାର୍ଯ୍ୟ କରୁଛନ୍ତି। ଏହା ଜାପାନର ପ୍ରଥମ କ୍ରସ୍-ଡ୍ରେସିଂ ମେଡ୍ କାଫେ ଅଟେ। ତେବେ ଏହି କାଫେର ସ୍ୱତନ୍ତ୍ରତା ହେଉଛି ଏଠାରେ ନିଯୁକ୍ତ ସବୁ ୱେଟର୍‌ମାନେ ପୁରୁଷ ହେଲେ ବି ସେମାନେ ମହିଳାଙ୍କ ପରି ବେଶଭୂଷାରେ ନଜର ଆସିଥାନ୍ତି। ମାୟୁଟାମୁଙ୍କ ଉଚ୍ଚତା ୫ଫୁଟ ୫ ଇଞ୍ଚ। ତାଙ୍କର ଓଜନ ୪୮ କିଲୋ। ତାଙ୍କର ଶାରୀରିକ ଗଠନ ବି ଅବିକଳ ଝିଅମାନଙ୍କ ପରି। ତେଣୁ ଅଧିକାଂଶ ତାଙ୍କୁ ମହିଳା ୱେଟର୍ ବୋଲି ଭାବନ୍ତି। ତେବେ ଏହି କାଫେରେ ଘଣ୍ଟାଏ ସମୟ ବିତାଇବା ପାଇଁ ଗ୍ରାହକଙ୍କୁ ଭାରତୀୟ ମୁଦ୍ରାରେ ଆଠଶହ ଟଙ୍କା ଦେବାକୁ ପଡ଼ିଥାଏ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।



ଇନ୍ଦ୍ରଧନୁର ସପ୍ତରଙ୍ଗରେ ଝଲସୁଛି କଳାବଉଦ-ନୀଳସାଗର (ଫଟୋ: ଅନିଲ, ପୁରୀ)

## ନଦୀରେ ବୁଡ଼ି ୭୩ ମଇଁଷି ମୃତ



ରାଜନଗର/ ଆଳି, ୧୭।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଏକମାଣିଆ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ବ୍ରାହ୍ମଣୀର ଶାଖା ନଦୀ 'ଗଳିଆ' ପାର ହେଉଥିବା ବେଳେ ୭୩ଟି ମଇଁଷି ବୁଡ଼ି ପ୍ରାଣ ହରାଇଛନ୍ତି। ଏକକାଳୀନ ଏତେସଂଖ୍ୟାରେ ମଇଁଷିଙ୍କ ମୃତ୍ୟୁ ପରେ ତିନିଜଣ ଚାଷୀ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି।

ସୂଚନା ମୁତାବକ, ଏକମାଣିଆ ଗାଁ ନିକଟ ଦେଇ ପ୍ରବାହିତ ହେଉଥିବା ଶାଖା ନଦୀରେ ଆଜି ସକାଳୁ ୭୩ଟି ମଇଁଷିଙ୍କ ଏକକାଳୀନ ମୃତ୍ୟୁ ଘଟିଛି। ବ୍ରାହ୍ମଣୀ ନଦୀର ଶାଖା 'ଗଳିଆ' କୂଳରେ ୮୮ଟି ମଇଁଷି ଥିଲେ। ସକାଳୁ ମଇଁଷିମାନଙ୍କୁ ଚରିବା ପାଇଁ ଖୋଲି ଦିଆଯାଇଥିଲା। ଘାସ ଚରିଚରି ମଇଁଷିମାନେ ଆଗକୁ ବଢ଼ିଥିଲେ। ପରେ ମଇଁଷିମାନେ ଏହି ନଦୀରେ ପଶିଥିଲେ। ନଦୀଟି ଗହିରିଆ ଓ ଅଣଓସାରିଆ ଥିବାରୁ ମଇଁଷିମାନେ ଛନ୍ଦାଛନ୍ଦି ହୋଇ ଏକକାଳୀନ ମୃତ୍ୟୁବରଣ କରିଥିଲେ। ସୌଭାଗ୍ୟବଶତଃ ୧୫ଟି ମଇଁଷି ବର୍ତ୍ତିଯାଇଛନ୍ତି। ଏଥିରେ ଗଣେଶ ଦାସଙ୍କ ୪୦ଟି ମଇଁଷିଙ୍କ ମୃତ୍ୟୁ ଘଟିଥିବା ବେଳେ ଏଥିରୁ ୧୫ରୁ ଅଧିକ କ୍ଷୀର ଦେଉଥିଲେ। ଏହି ଅଘଟଣ ଯୋଗୁଁ ସେ ବ୍ୟାପକ କ୍ଷତି ସହିଛନ୍ତି। ସେହିପରି ଜଗନ୍ନାଥ ଦାସଙ୍କ ୧୭ଟି ଓ ପାଗଳା ବିଶ୍ୱାଳଙ୍କ ୧୬ଟି ମଇଁଷିଙ୍କର ମୃତ୍ୟୁ ଘଟିଛି। ତେବେ ଜଗନ୍ନାଥ ଦାସଙ୍କ ୩ଟି ଓ ପାଗଳା ବିଶ୍ୱାଳଙ୍କ ୧୨ଟି ମଇଁଷି ବଞ୍ଚିଯାଇଛନ୍ତି। ମଇଁଷି ହରାଇଥିବା ଚାଷୀ କହିଛନ୍ତି, ଆଜ ରୋଜଗାର ବୁଡ଼ିଗଲା। ଏହି ମଇଁଷିମାନେ ଆମକୁ ଦାନା ଦେଉଥିଲେ। ଏବେ ଆମେ କ'ଣ କରିବୁ କ'ଣ? ବଞ୍ଚିବୁ କେମିତି? ପରିବାର କେମିତି ଚଳିବ ବୋଲି କହିଛନ୍ତି।

## ସାମାନ୍ୟ ବଚସାରୁ ପଡ଼ୋଶୀଙ୍କୁ ଛୁରି ଭୁସି ହତ୍ୟା

ଶେରଗଡ଼,୧୭।୮ (ସମିସ): ସାମାନ୍ୟ ବଚସାକୁ କେନ୍ଦ୍ର କରି ପଡ଼ୋଶୀଙ୍କୁ ଛୁରି ଭୁସି ହତ୍ୟା। ଶେରଗଡ଼ ମିନି ଷ୍ଟାଡିୟମ୍ ନିକଟରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ନୀଳାଞ୍ଚଳ ମିଶ୍ର (୬୦)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଘଟଣା ପରଠାରୁ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଥିବା ଜଣାଯାଇଛି।

ସୂଚନାନୁଯାୟୀ, ଶେରଗଡ଼ ଥାନା ଅନ୍ତର୍ଗତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମ୍ ନିକଟରେ ଦୁଇ ପଡ଼ୋଶୀ ଭାବେ ନୀଳାଞ୍ଚଳ ଏବଂ ରଞ୍ଜିତ କୁମାର ପଣ୍ଡା (୪୯) ରୁହନ୍ତି। ବିଭିନ୍ନ ସମୟରେ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଯୁକ୍ତିତର୍କ ହୋଇଥାଏ। ଶନିବାର ରାତିରେ ରଞ୍ଜିତଙ୍କ ଘରେ ଭଡ଼ାରେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ ବାଇକ୍‌କୁ ଷ୍ଟାର୍ଟ କରିବାକୁ ନୀଳାଞ୍ଚଳଙ୍କ ପୁଅ ଆଲୋକଙ୍କୁ ଡାକିଥିଲେ। ଆଲୋକ ବାଇକ୍ ଷ୍ଟାର୍ଟ କରିବା ପରେ 'ମୋ ଦାଣ୍ଡକୁ କାହିଁକି ଆସିଛୁ' କହି ରଞ୍ଜିତ ଆଲୋକଙ୍କ ସହ ବଚସା କରିଥିଲେ। ଏହାକୁ ନେଇ ନୀଳାଞ୍ଚଳ ଓ ରଞ୍ଜିତଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କ୍ରମେ ଏହା ଉଗ୍ରରୂପ ନେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ରଞ୍ଜିତ ଘରୁ ଏକ ଛୁରି ଆଣି ନୀଳାଞ୍ଚଳଙ୍କ ଛାତିରେ ଭୁସି ଦେଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ନୀଳାଞ୍ଚଳଙ୍କ ଭାଇ ପତିତପାବନ ଶେରଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ଲାଗି ଟିମ୍ ଗଠନ କରିବା ସହ ଛାନଭିନ୍ ଚଳାଇଛି। ଏଥିସହ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଚୋରି ଅଭିଯୋଗରେ ପିଟିପିଟି ମାରିଦେଲେ

ଅନୁଗୋଳ, ୧୭।୮ (ସମିସ): ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ପିଟିପିଟି ମାରିଦେବା ଭଳି ଏକ ଲୋମହର୍ଷଣକାରୀ ଘଟଣା ଅନୁଗୋଳ ଥାନା ରାଣୀଗୋଡ଼ା ଅଞ୍ଚଳରେ ଘଟିଛି। ମୃତକ ହେଲେ, ରାଣୀଗୋଡ଼ା ଗାଁର ବାପି ବିଶ୍ୱାଳ। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ଶନିବାର ଗାଁ ପଡ଼ିଆରେ ବାପି ଗୁରୁତର ଅବସ୍ଥାରେ ପଡ଼ିଥିବା କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ପୁଲିସ ସହାୟତାରେ ସ୍ଥାନୀୟ ସରପଞ୍ଚ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିଲା। ତାଙ୍କୁ କେହି ଭୀଷଣ ମାଡ଼ ମାରି ଗୁରୁତର କରିଥିବା ସନ୍ଦେହ କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଜ ଣାପଡ଼ିଛି ଯେ ବାପି ବିଭିନ୍ନ ସମୟରେ ଛୋଟମୋଟ ଚୋରି କରିଥାଏ। କିଛି ଦିନ ତଳେ ବାପି ସେହି ଗାଁର ଜଣଙ୍କ ଘରୁ କିଛି ସାମଗ୍ରୀ ଚୋରି କରି ଧରାପଡ଼ିବା ପରେ ଦୁଇଜଣ ଯୁବକ ତାଙ୍କୁ ମାଡ଼ ମାରିଥିଲେ। ପରେ ପୁଣି ଶନିବାର ସମ୍ପୃକ୍ତ ଦୁଇ ଯୁବକଙ୍କ ସହ ବାପିଙ୍କ ଉଚ୍ଚବାଚ ହେବା ପରେ ସେମାନେ ମାଡ଼ ମାରିଥିଲେ ବୋଲି ଜଣାପଡ଼ିଛି।

■ ଫଲ୍ସ ଖୋଲିବାକୁ ପାଇଖାନା ଟାଙ୍କିରେ ପଶିଥିଲେ

## ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକ ମୃତ

ନୂଆପଡା/ଖଡ଼ିଆଳ,୧୭।୮ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରସ୍ଥିତ ଲକ୍ଷ୍ମୀଛକ ନିକଟରେ ଆଜି ଏକ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ଖଡ଼ିଆଳ ଥାନା ଅନ୍ତର୍ଗତ ଛତା ଗାଁର ରଘୁ ହାତୀ ଓ କୋଟେନମୁଣ୍ଡା ଗାଁର ବାସୁଦେବ ଭୋଇ। ଅଗ୍ନିଶମ ବିଭାଗ ଟାଙ୍କି ମଧ୍ୟରୁ ଦୁହିଁଙ୍କ ମୃତଦେହ ଉଦ୍ଧାର କରି ହସ୍ପିଟାଲକୁ ପଠାଇଛି। ଖଡ଼ିଆଳ ପୁଲିସ୍ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଲକ୍ଷ୍ମୀ ଛକ ନିକଟରେ ଗୋବିନ୍ଦ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ପାଇଖାନା ଟାଙ୍କି ନିର୍ମାଣ ଚାଲିଥିଲା। କିଛି ଦିନ ତଳେ ଟାଙ୍କି ଉପରେ ସ୍ଲାବ୍ ପକାଯାଇଥିଲା। ତେବେ ଆଜି ଟାଙ୍କିର ଫଲ୍ସ ଖୋଲିବା ପାଇଁ ରଘୁ ଓ ବାସୁଦେବ ସ୍ଲାବ୍ ଟେକି ଭିତରକୁ ପଶିଥିଲେ। କିନ୍ତୁ ଭିତରେ ଅମ୍ଳଜାନ ଅଭାବରୁ କିଛି ସମୟ ଭିତରେ ଦୁହେଁ ଅଣନିଃଶ୍ୱାସୀ ହୋଇ ଶ୍ୱାସରୁଦ୍ଧ ହୋଇଯାଇଥିଲେ ଏବଂ ସେମାନଙ୍କର ମୃତ୍ୟୁ ଘଟିଥିଲା। ତେବେ ଦୀର୍ଘ ସମୟ ଧରି ସେମାନେ ବାହାରକୁ ନ ଆସିବାରୁ ଅନ୍ୟମାନଙ୍କର ସନ୍ଦେହ ହୋଇଥିଲା। ବାହାରୁ ଯେତେ ଡାକିଲେ ବି କୌଣସି ସୋରଶବ୍ଦ ନ ଆସିବାରୁ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରିବା ବେଳକୁ ସେମାନଙ୍କ ମୃତ୍ୟୁ ହୋଇସାରିଥିଲା।

# ଓଡ଼ିଶାରେ 'ଆୟୁଷ୍ମାନ' ବକେୟା ୨୦୩୪ କୋଟି: କଂଗ୍ରେସ




■ ବିଏସ୍‌କେୱାଇଠାରୁ ଆୟୁଷ୍ମାନ ଯୋଜନା ନିକୃଷ୍ଟତର
■ ରାଜ୍ୟବାସୀଙ୍କୁ ଉତ୍ତମ ସୁବିଧା ଦେବା ସରକାରଙ୍କ ଦାୟିତ୍ୱ
■ ବଦଳୁ ଆୟୁଷ୍ମାନ ଯୋଜନାର ରୂପରେଖ ଓ କାର୍ଯ୍ୟକାରିତା

ଭୁବନେଶ୍ୱର,୧୭।୮ (ସମିସ): ରାଜ୍ୟରେ 'ଆୟୁଷ୍ମାନ' ଯୋଜନାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଥିବା ସମୟରେ ବିରୋଧୀ ମଧ୍ୟ ଏଥିପାଇଁ ସରକାରଙ୍କୁ ନିଶାଣ କରିଛନ୍ତି । ସାରା ଦେଶରେ ଆୟୁଷ୍ମାନ ଯୋଜନାରେ ସରକାରଙ୍କ ଉପରେ ୧.୨୧ ଲକ୍ଷ କୋଟି ଟଙ୍କା ବକେୟା ଥିବାବେଳେ ଓଡ଼ିଶାରେ ଏହି ପରିମାଣ ୨୦୩୪ କୋଟି ଟଙ୍କା ଏବଂ ଏହାଦ୍ୱାରା ଗରିବ ଲୋକଙ୍କ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି ବୋଲି ଅଭିଯୋଗ କରିଛି କଂଗ୍ରେସ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅପେକ୍ଷା ଆୟୁଷ୍ମାନକୁ ନିକୃଷ୍ଟତର ଓ ଏଥିରେ ଲୋକମାନେ ହଇରାଣ ହେଉଛନ୍ତି ଓ ସରକାର ଚୁପ୍ ବସିଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି । ଓଡ଼ିଶାରେ ବିଜେପି ଶାସନକୁ ଆସିବା ପରେ ଅନ୍ୟ ରାଜ୍ୟମାନଙ୍କ ପରି ଆମ ରାଜ୍ୟକୁ ମଧ୍ୟ ଆୟୁଷ୍ମାନ ଯୋଜନାରେ ସାମିଲ କଲେ। ତେବେ ପୂର୍ବର ବିଜେଡି ସରକାରଙ୍କ ବିଏସ୍‌କେୱାଇରେ ଯେଉଁସବୁ ଅସୁବିଧା ଥିଲା, ତାହା ଆୟୁଷ୍ମାନ ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ବହୁଗୁଣିତ ହୋଇଛି ସିନା, ରାଜ୍ୟବାସୀଙ୍କର କୌଣସି ଲାଭ ହୋଇନାହିଁ। ଲୋକେ ମହଙ୍ଗାରୁ ଯାଇ କାନ୍ତାରରେ ପଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି।

ରବିବାର କଂଗ୍ରେସ ଭବନରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଦାସ କହିଛନ୍ତି ଯେ ବିଏସ୍‌କେୱାଇ ପରିସରଭୁକ୍ତ ହସପିଟାଲ ସଂଖ୍ୟା ମାତ୍ର ୯୦୦ରେ ସୀମିତ ଥିଲାବେଳେ ଆୟୁଷ୍ମାନ ଯୋଜନାରେ ସାମିଲ ହେଲେ ରାଜ୍ୟବାସୀଙ୍କୁ ଦେଶବ୍ୟାପୀ ୨୯ ହଜାର ବଡ଼ବଡ଼ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳିବ ବୋଲି କୁହାଯାଇଥିଲା। ପରିବାର ପିଛା ବର୍ଷକୁ ୫ ଲକ୍ଷ ଟଙ୍କା, ମହିଳାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ଘୋଷଣା କରାଯାଇଥିଲା। ମୋଟ୍ ୧.୦୩ କୋଟି ପରିବାରର ୩.୪୬ କୋଟି ଲୋକ (ରାଜ୍ୟ ଜନସଂଖ୍ୟାର ପ୍ରାୟ ୮୦%) ବୋଲି କୁହାଯାଇଥିଲା। ରାଜ୍ୟ ବାହାରେ ମଧ୍ୟ ଏହି ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବାକୁ ଥିବାରୁ ଲୋକେ ଏହାକୁ ନେଇ ବହୁତ ସ୍ୱପ୍ନ ଦେଖିଥିଲେ। ଅଥଚ ବର୍ଷେ ମଧ୍ୟରେ ଏହାର କାର୍ଯ୍ୟକାରିତାକୁ ଅନୁଧ୍ୟାନ କଲେ ନିରାଶ ହେବାକୁ ପଡୁଛି । ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ହିଁ ତ୍ରୁଟିପୂର୍ଣ୍ଣ ରହିଛି; ଓଟିପି ଟାଇମ୍-ଆଉଟ, ଆଧାର ବିଫଳତା, ଫଟୋ ଅପ୍‌ଲୋଡ୍‌ରେ ଅସୁବିଧା ଓ ପୁନଃ-ପଂଜୀକରଣରେ ବିଳମ୍ବ ଆଦି ରୋଗୀଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଦାମୀ ଚିକିତ୍ସା ବିଳମ୍ବିତ ହେବା, କ୍ଲେମ୍-ସେଟଲମେଣ୍ଟ ବିଳମ୍ବିତ ହେବା, ମୋଟ ଚିକିତ୍ସା ଖର୍ଚ୍ଚ ସୁବିଧା ବିଏସ୍‌କେୱାଇ ଅପେକ୍ଷା ୧୫-୨୦ ପ୍ରତିଶତ କମ୍ ହେବା ଦ୍ୱାରା କାହାର ଲାଭ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି। ବିଏସ୍‌କେୱାଇରେ ଥିବା ନୋଡାଲ ଅଫିସର ପ୍ରତ୍ୟାହାର ହେବାଦ୍ୱାରା ଅସୁବିଧା ଦ୍ୱିଗୁଣିତ ହେଲା। ଜଟିଳ ଆୟୁଷ୍ମାନ ଢାଞ୍ଚାକୁ ଚଳାଇବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ଲୋକବଳର ଅଭାବ ସାଙ୍ଗକୁ ନିଅଣ୍ଟିଆ ବଜେଟ ସମସ୍ୟା ସୃଷ୍ଟି କରୁଛି। ଅନେକ ବିଷୟରେ ଚିକିତ୍ସା ସୁବିଧା ଦିଆଯାଉନାହିଁ, ଡାଇଗ୍ନୋସିସ ଓ ଔଷଧ ଆଦିରେ ଏବେ ବି ପକେଟ୍‌ରୁ ଖର୍ଚ୍ଚ କରିବାକୁ ପଡୁଛି। ଜରୁରୀକାଳୀନ ସେବାପାଇଁ ଆଇସିୟୁ, ଭେଣ୍ଟିଲେଟର ଉପଲବ୍ଧ ହେବାରେ ଅଗ୍ରାଧିକାର ମିଳେନାହିଁ। ତେଣୁ ଏହା ଏକ ଜନସ୍ୱାର୍ଥ ବିରୋଧୀ ନୀତି ବୋଲି ଶ୍ରୀ ଦାସ ଅଭିହିତ କରିଛନ୍ତି। ଅନ୍ୟପକ୍ଷରେ ସିଏଜି ରିପୋର୍ଟରେ ମଧ୍ୟ ଅନେକ ପ୍ରତିକୂଳ ମନ୍ତବ୍ୟ ରହିଥିବା ଶ୍ରୀ ଦାସ ପ୍ରକାଶ କରିଛନ୍ତି। ଯାଞ୍ଚ ପ୍ରକ୍ରିୟା ଅଭାବରୁ ଆର୍ଥିକ ହେରଫେର, ଓଭରବିଲିଂ ଓ ମିଛ କ୍ଲେମ୍ (ଏଆଇ ନିୟୋଜିତ ହେରଫେର) ନିତିଦିନିଆ ହୋଇଛି। ଗୋଟିଏ ଆଧାରରେ ଏକାଧିକ ଅବାସ୍ତବ ହିତାଧିକାରୀ ଲାଭାନ୍ୱିତ ଦର୍ଶାଇ ଅର୍ଥ ଚଳୁ କରାଯାଇଛି। ଗୋଟିଏ ମୋବାଇଲ ନମ୍ବରରେ ୭.୫ ଲକ୍ଷ ହିତାଧିକାରୀଙ୍କ ନାମ ଥିବା ଦର୍ଶାଇଥିଲେ ସିଏଜି। ଗୋଟିଏ ଗୋଟିଏ ପରିବାରରେ ୧୧-୨୦୦ ସଦସ୍ୟ ଥିବା ମଧ୍ୟ ଦର୍ଶାଯାଇଛି ବୋଲି ସିଏଜି ଦର୍ଶାଇଛନ୍ତି। ମୃତକଙ୍କୁ ରୋଗୀ ଦର୍ଶାଇ ଅର୍ଥ ଚଳୁ କରାଯାଇଛି। ହସ୍ପିଟାଲରେ ମୃତ୍ୟୁ ପରେ ମଧ୍ୟ ରୋଗୀଙ୍କ ନାମରେ ନୂଆ ଚିକିତ୍ସା ଦର୍ଶାଯାଇଛି। ଏହି ଯୋଜନା ଯୋଗୁଁ ଛୋଟଛୋଟ ହସପିଟାଲ ବନ୍ଦ ହେବା ଆଶଙ୍କା ମଧ୍ୟ ଦେଖାଦେଇଛି ବୋଲି ସେ କହିଛନ୍ତି।

**ବଲଙ୍ଗା ପୀଡ଼ିତାଙ୍କ ବୟାନ ଭିଡିଓ ଭାଇରାଲ ଘଟଣା**

## ଆସାମୀଙ୍କୁ ଖସାଇବା ପାଇଁ ସରକାରଙ୍କ ଷଡ଼ଯନ୍ତ୍ର: ବିଜେଡି

ଭୁବନେଶ୍ୱର,୧୭।୮ (ସମିସ): ବଲଙ୍ଗା ଘଟଣାରେ ୩ ଜଣ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ରହିଛି ବୋଲି ପୀଡ଼ିତାଙ୍କ ବୟାନ ଭିଡିଓ ଆଜି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସେ ତାଙ୍କ ବୟାନରେ ତାଙ୍କୁ ଜାଳିଦେବା ଘଟଣାରେ ୩ ଜଣଙ୍କ ସମ୍ପୃକ୍ତି ରହିଛି ବୋଲି କହୁଥିବାର ଶୁଣାଯାଉଛି। ଏପରି ସ୍ପର୍ଶକାତର ଘଟଣାରେ ଆସାମୀମାନଙ୍କୁ ଖସାଇ ଦେବା ପାଇଁ ରାଜ୍ୟ ସରକାର ପୂର୍ଣ୍ଣ ଚେଷ୍ଟାରେ ଅଛନ୍ତି। ତେଣୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇସ୍ତଫା ଦିଅନ୍ତୁ ଓ ଘଟଣାର ନ୍ୟାୟିକ ତଦନ୍ତ କରାଯାଉ ବୋଲି ଦାବି କରିଛି ବିଜେଡି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିଜ ନିର୍ବାଚନ ମଣ୍ଡଳୀ ନିମାପଡାରେ ଏହି ଘଟଣା ଘଟିଛି ଓ ଶ୍ରୀମତୀ ପରିଡାଙ୍କ ଇଙ୍ଗିତରେ ଆପରାଧୀଙ୍କୁ ଖସାଇ ଦେବାକୁ ଉଦ୍ୟମ କରାଯାଉଛି। ତେଣୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ତୁରନ୍ତ ଇସ୍ତଫା ଦିଅନ୍ତୁ ଓ ଘଟଣାର ନ୍ୟାୟିକ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜେଡି ମିଡ଼ିଆ ସଂଯୋଜକ ଲେନିନ ମହାନ୍ତି, ମୁଖପାତ୍ର ଇପ୍ସିତା ସାହୁ ଓ ଯୁବନେତା ସୁବ୍ରତ ଛାଟୋଇ ଦାବି କରିଛନ୍ତି।

ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଲେନିନ ମହାନ୍ତି କହିଛନ୍ତି ଯେ ବଲଙ୍ଗାରେ ନାବାଳିକା ପୋଡିଯିବା ଘଟଣାରେ ପୀଡ଼ିତା ନିଜ ମନ୍ତବ୍ୟରେ ୩ ଜଣ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ରହିଛି ବୋଲି ସମସ୍ତ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଘଟଣାର ଅନୁସନ୍ଧାନ କରୁଥିବା ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା। କିନ୍ତୁ ପୁଲିସ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରିବାରେ ସକ୍ଷମ ହୋଇନଥିଲା। ପୀଡ଼ିତାଙ୍କ ମୃତ୍ୟୁ ହେବାର ମାତ୍ର ଦଶ ମିନିଟ ଭିତରେ ପୁଲିସ ପକ୍ଷରୁ ଟ୍ୱିଟ୍ ମାଧ୍ୟମରେ ଏହି ଘଟଣାରେ କେହି ସମ୍ପୃକ୍ତି ନାହାନ୍ତି ବୋଲି ବୟାନ ଦେବା ସହିତ ଏହି ସମ୍ବେଦନଶୀଳ ଘଟଣାରେ କେହି ମନ୍ତବ୍ୟ ନଦେବାକୁ ନିବେଦନ କରାଯାଇଥିଲା । ସମଗ୍ର ଘଟଣାରେ ପୁଲିସର ଭୂମିକା ସନ୍ଦେହ ଘେରରେ ରହିଥିବା ବେଳେ ଆଜିର ଭିଡିଓ ଅନେକ ପ୍ରଶ୍ନ ଛିଡା କରିଛି। ବର୍ତ୍ତମାନ ଯେଉଁ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି, ତାହା ମଧ୍ୟ ତଦନ୍ତ ହେବାର ଆବଶ୍ୟକ ଅଛି । ଏହି ସମସ୍ତ ଘଟଣାରୁ ଜଣାପଡୁଛି, ସରକାର ଆସାମୀ ମାନଙ୍କୁ ଖସାଇ ଦେବା ପାଇଁ ପୂର୍ଣ୍ଣ ଚେଷ୍ଟାରେ ଅଛନ୍ତି।

ସେହିପରି ଇପ୍ସିତା ସାହୁ କହିଥିଲେ ଯେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିବା ସହିତ ନାରୀ ନିର୍ଯାତନା ବୃଦ୍ଧି ପାଇଛି। ସରକାରଙ୍କ ନୂତନ ପରିଚୟ ହେଉଛି ମଣିଷମରା ସରକାର। ଆଜି ଭାଇରାଲ ହୋଇଥିବା ଭିଡିଓରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, ସତ କେବେ ଲୁଚି ରହେନା। ଯୁବ ନେତା ସୁବ୍ରତ ଛାଟୋଇ କହିଥିଲେ ଯେ ଏହି ଘଟଣାରେ ଅନ୍ୟ କାହାରି ସମ୍ପୃକ୍ତି ନାହିଁ ବୋଲି ପୁଲିସର ବୟାନ ଓ ପୀଡ଼ିତାଙ୍କ ବାପାଙ୍କର ସରକାରଙ୍କୁ ସାବାସୀ ଦେବା ଓ ତାଙ୍କ ଝିଅ ମୃତ୍ୟୁ ପାଇଁ ରାଜନୀତି ନ କରାଯାଉ ବୋଲି ରେକଡିଂ ବୟାନ ସମଗ୍ର ରାଜ୍ୟବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା । ପୀଡିତା ଜୀବିତ ଥିବା ଅବସ୍ଥାରେ ତିନି ତିନି ଥର ପୁଲିସ ଦ୍ୱାରା ତାଙ୍କ ବୟାନ ରେକର୍ଡ କରାଯାଇଥିଲା। କିନ୍ତୁ କୌଣସି ସମୟରେ କାହାର ସମ୍ପୃକ୍ତି ନଥିବା କଥା ପଦାକୁ ଆସି ନ ଥିଲା । ପୀଡ଼ିତାଙ୍କ ମୃତ୍ୟୁର କିଛି କ୍ଷଣ ପରେ ପୁଲିସର ବୟାନ, କେବଳ ଦୋଷୀ ମାନଙ୍କୁ ଘଣ୍ଟ ଘୋଡାଇବା ପାଇଁ ଉର୍ଦ୍ଦିଷ୍ଟ। ଏହା ସ୍ଥାନୀୟ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀଙ୍କ ଇଙ୍ଗିତରେ ହୋଇଛି। ତେଣୁ ଶ୍ରୀମତୀ ପରିଡା ତୁରନ୍ତ ନିଜ ପଦରୁ ଇସ୍ତଫା ଦିଅନ୍ତୁ ଓ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ସରକାର ଏହି ଘଟଣାର ନ୍ୟାୟିକ ତଦନ୍ତ ଘୋଷଣା କରନ୍ତୁ ବୋଲି ସେ ଦାବି କରିଛନ୍ତି।



ନ୍ୟାୟିକ ତଦନ୍ତ ହେଉ, ଉପମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ

## ଜୁଆ ଆଡ଼ାରେ ଚଢ଼ଉ;୧୫ ଗିରଫ

ରାଉରକେଲା,୧୭।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ଧାରୁଆଡିହ ଥାନା ଅଞ୍ଚଳରେ ଏକ ବଡ଼ଧରଣର ଜୁଆ ଆଡ଼ା ଉପରେ ପୁଲିସ ଅତର୍କିତ ଚଢ଼ଉ କରି ୧୫ ଜଣ ଜୁଆଡିଙ୍କୁ ଗିରଫ କରିଛି। ଜୁଆ ଆଡ଼ାରୁ ଘୁଡୁଘୁଡି ପଟି, ଅନ୍ୟାୟ ସାମଗ୍ରୀ, ନଗଦ ୧ ଲକ୍ଷ ୧ ହଜାର ୩୪୦ ଟଙ୍କା, ୧୭ଟି ବାଇକ ଓ ୨୦ଟି କାରକୁ ଜବତ କରାଯାଇଛି। ଚଢ଼ଉ ବେଳେ ଅନେକ ଜୁଆଡ଼ି ଫେରାର ହୋଇଯାଇଥିବା ସୂଚନା ମିଳିଛି।

**ଟଙ୍କା ସହ ୧୭ ବାଇକ, ୨୦ କାର୍ ଜବତ**



ସୂଚନାନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲା ଧାରୁଆଡିହ ଗାଁ ଫୁଟବଲ ପଡ଼ିଆରେ ଶନିବାର ରାତିରେ ଝୁଲଣଯାତ୍ରା ଚାଲିଥିବା ବେଳେ ସେଠାରେ ଆଖପାଖ ଗାଁର ଶହଶହ ସଂଖ୍ୟାରେ ଲୋକ ରୁଣ୍ଡ ହୋଇଥିଲେ। ସେଠାରେ ଏକ ଅନ୍ଧାରିଆ ସ୍ଥାନରେ ଏକ ବଡ଼ଧରଣର ଜୁଆ ଆଡ଼ା ଚାଲିଥିବା ସୂଚନା ପାଇ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଅତିରିକ୍ତ ଏସ୍‌ପି ନୂତନ ସାମଦଙ୍କ ନେତୃତ୍ୱରେ ଧରୁଆଡିହ ପୁଲିସ ସଦଳବଳେ ଉକ୍ତ ଜୁଆ ଆଡ଼ା ଉପରେ ଅତର୍କିତ ଚଢ଼ଉ କରିଥିଲେ। ତେବେ ପୁଲିସକୁ ଦେଖି ୧୫ରୁ ଊର୍ଦ୍ଧ୍ୱ ଜୁଆଡି ସେଠାରୁ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଜୁଆ ଆଡ଼ାରୁ ୧୫ଜଣ ଜୁଆଡିଙ୍କୁ ପୁଲିସ ଗିରଫ କରି ଉପରୋକ୍ତ ଟଙ୍କା ଓ ସାମଗ୍ରୀ ଜବତ କରିଛି। ଜୁଆଡିମାନେ ନିକଟବର୍ତ୍ତୀ ବାଗଡିହ, ସାହସପୁର, ବାମଡା ଅଞ୍ଚଳର ବୋଲି ସୂଚନା ମିଳିଛି।

**ଅଦିନିଆ ରଥଯାତ୍ରାକୁ ଶଙ୍କରାଚାର୍ଯ୍ୟଙ୍କ ନିନ୍ଦା**

## ନିଜର ଖ୍ୟାତି ପାଇଁ ଇସ୍କନ ଏଭଳି କରୁଛି

ପୁରୀ,୧୮।୮ (ସମିସ): ଇସ୍କନର ଅଦିନିଆ ରଥଯାତ୍ରା ଓ ଦୀଘା ଜଗନ୍ନାଥ ଧାମକୁ ନିନ୍ଦା କରିଛନ୍ତି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମି ନିଶ୍ଚଳାନନ୍ଦ ସରସ୍ୱତୀ। ସେ କହିଛନ୍ତି, ବିଧିବିଧାନକୁ ଉଲ୍ଲଂଘନ କରି ନିଜର ଖ୍ୟାତି ପାଇଁ ଇସ୍କନ ଏଭଳି କାର୍ଯ୍ୟ କରୁଛି। ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ଅନୁଷ୍ଠିତ ହୋଇଥାଏ। ସନାତନ ବୈଦିକ ଧର୍ମରେ ବୈଷ୍ଣବ ପ୍ରଥା ଅନୁସାରେ ଇସ୍କନ ମଧ୍ୟ ସେହିଦିନ ରଥଯାତ୍ରା ଆୟୋଜନ କରିବା ଆବଶ୍ୟକ। ସେହିପରି, ଦୀଘା ଜଗନ୍ନାଥ ଧାମ ପ୍ରସଙ୍ଗ ସମ୍ପର୍କରେ ଜଗତ୍‌ଗୁରୁ କହିଛନ୍ତି, ପଶ୍ଚିମବଙ୍ଗର ଅଧିକାଂଶ ଭକ୍ତ ପୁରୀ ଆସିଥା'ନ୍ତି। ସେମାନେ ବି ଜାଣିଛନ୍ତି ଜଗନ୍ନାଥ ଧାମ କେବଳ ପୁରୀକୁ ହିଁ ବୁଝାଏ। ଯଦି ଦୀଘାକୁ ଜଗନ୍ନାଥ ଧାମ କୁହାଯାଏ, ତେବେ ମମତା ବାନାର୍ଜୀଙ୍କ ପ୍ରତି ପଶ୍ଚିମବଙ୍ଗବାସୀଙ୍କ ମମତା ରହିବନି ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ।

**ଜଗନ୍ନାଥ ଧାମ କେବଳ ପୁରୀକୁ ହିଁ ବୁଝାଏ**

ଅନ୍ୟପକ୍ଷରେ ଉପରୋକ୍ତ ପ୍ରସଙ୍ଗକୁ ନେଇ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ଦୀଘା ଜଗନ୍ନାଥ ଧାମର ପରିଚାଳନା କରୁଛି ଇସ୍କନ। ତିଥି ଅନୁଯାୟୀ, ସେଠାରେ କୃଷ୍ଣ ଜନ୍ମନୀତି ପାଳନ କରାଯାଇଛି। ହେଲେ ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ଧାମ ବୋଲି ପ୍ରଚାରପ୍ରସାର ଜୋର୍‌ଦାର ହେଉଛି। ଏହାର ପରିଚାଳନା ଦାୟିତ୍ୱରେ ଥିବା ଇସ୍କନ କାହିଁକି ଧାମ ଶବ୍ଦ ବ୍ୟବହାରକୁ ବିରୋଧ କରୁନାହିଁ? ସେହିପରି ଅଦିନିଆ ରଥଯାତ୍ରା ପାଳନ ଉପରେ କାହିଁକି ରୋକ୍ ଲଗାଉନି ଇସ୍କନ। କିଛି ଏଭଳି ଯୁକ୍ତି ବାଢ଼ିଛନ୍ତି ପୂର୍ବତନ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଶ୍ରୀ ପଟ୍ଟନାୟକ। ଶଙ୍କରାଚାର୍ଯ୍ୟ ହିନ୍ଦୁ ଧର୍ମର ମୁଖ୍ୟ ଭାବରେ ଏହାକୁ ନେଇ ମତ ତଥା ଆଭିମୁଖ୍ୟ ରଖିବାକୁ ସେ ଅନୁରୋଧ କରିଛନ୍ତି।

ଶଙ୍କରାଚାର୍ଯ୍ୟ କହିଛନ୍ତି, ପୁରୀ ମନ୍ଦିରକୁ ମୁଖ୍ୟତଃ ବେଙ୍ଗଲି ଭକ୍ତ ଆସିବା ସହ ଅର୍ଥନୀତିକୁ ସହଯୋଗ ମିଳିଥାଏ। ପଶ୍ଚିମବଙ୍ଗରେ ମମତା ସରକାର ଦୀଘା ମନ୍ଦିର ନାଁରେ ଅର୍ଥନୀତିକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଲୋକଙ୍କ ଭାବନାକୁ ପ୍ରଭାବିତ କରି ପାରିନାହାନ୍ତି। ଦ୍ୱାରକା ପୁରୀ ଦ୍ୱାରକାକୁ ବୁଝାଏ, କିନ୍ତୁ ପୁରୀ କେବଳ କହିଲେ ଜଗନ୍ନାଥ ପୁରୀକୁ ବୁଝାଏ। ତେଣୁ ପୁରୀ ହିଁ କେବଳ ଜଗନ୍ନାଥ ଧାମ ବୋଲି ସ୍ପଷ୍ଟ କରିଛନ୍ତି ଶଙ୍କରାଚାର୍ଯ୍ୟ।

## ମା' ହେଲେ ୧୩ ବର୍ଷୀୟା ନାବାଳିକା

ବାଲିଆପାଳ,୧୭।୮ (ସମସ): ବାଲିଆପାଳରେ ଲଜ୍ଜା। ମା' ହେଲେ, ୧୩ ବର୍ଷୀୟା ଜଣେ ନାବାଳିକା। ଗତ ଗୁରୁବାର ଦିନ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଂପୃକ୍ତ ନାବାଳିକାଜଣଙ୍କ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି। ଏହି ଘଟଣା ଏବେ ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ବାଲିଆପାଳ ପୁଲିସ ନମ୍ବର ୧୭୪/୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପୁଲିସ ନାବାଳିକା ଓ ତାଙ୍କ ନବଜାତକକୁ ଚାଇଲ୍ଡ ଲାଇନ୍‌କୁ ହସ୍ତାନ୍ତର କରିଥିବା କହୁଥିବା ବେଳେ ଚାଇଲ୍ଡ ଲାଇନର ମୁଖ୍ୟ ପ୍ରଶାନ୍ତ କୁମାର ରାଉତ ଏ ସଂପର୍କରେ କିଛି ଜାଣିନଥିବା କହିଛନ୍ତି।

**ଅସଦାଚରଣ ଅଭିଯୋଗ ନେଇ ଥାନାରେ ମାମଲା**

ସୂଚନାନୁଯାୟୀ, ନାବାଳିକାଜଣଙ୍କ ପଶ୍ଚିମବଙ୍ଗ ରାଜନଗର ଥାନା ଅନ୍ତର୍ଗତ ଗୋପିନାଥପୁର ଅଞ୍ଚଳର। ପିଲାଟି ଦିନରୁ ସେ ନିଜ ଅଜାଘର ଯମୁନାଶୋଳ ଅଞ୍ଚଳରେ ରହିଆସୁଥିଲେ। ତେବେ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କୁ ପ୍ରଲୋଭିତ କରି ତାଙ୍କ ସହ ବାରମ୍ବାର ସମ୍ପର୍କ ରଖିଥିଲା। ଫଳରେ ନାବାଳିକାଜଣଙ୍କ ଗର୍ଭବତୀ ହୋଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି।

## ରାଜପଥରେ ଲାଗିଥିବା ବ୍ୟାନରକୁ ନେଇ ଚର୍ଚ୍ଚା

ଚୌଦ୍ୱାର,୧୭।୮ (ସମିସ): ୫୫ନଂ ଜାତୀୟ ରାଜପଥ ମଙ୍ଗୁଳି ଛକଠାରୁ ଧୂମାବତୀ ପର୍ଯ୍ୟନ୍ତ ରାସ୍ତାର ସଂପ୍ରସାରଣ କାର୍ଯ୍ୟକୁ ଆଜକୁ ୮ ବର୍ଷ ହୋଇଯିବ। ହେଲେ ଏଯାବତ୍ ଏହି କାର୍ଯ୍ୟ ସଂପୁର୍ଣ୍ଣ ହୋଇ ନ ପାରି ଅଧପନ୍ତରିଆ ଭାବେ ପଡ଼ି ରହିଛି। ଯାହାଫଳରେ ଚୌଦ୍ୱାର ସହରବାସୀ ଧର୍ଯ୍ୟହରା ହୋଇ ପଡିଲେଣି। ଦୈନିକ ରାସ୍ତାରେ ଛୋଟବଡ ଦୁର୍ଘଟଣା ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଅନ୍ୟପଟେ ରାସ୍ତାକାମକୁ ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ରାସ୍ତା ନିର୍ମାଣକାରୀ ଠିକାସଂସ୍ଥାଙ୍କ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତିରେ ଅତିଷ୍ଠ ହୋଇପଡିଲେଣି ଜନସାଧାରଣ। ଗତ କିଛିଦିନ ତଳେ ରାସ୍ତା ଶେଷ କେବେ ହେବ ବୋଲି ସ୍ଥାନୀୟ ଜାଗରଣ ମଞ୍ଚର କର୍ମକର୍ତ୍ତା ଭୁବନେଶ୍ୱରସ୍ଥିତ ଜାତୀୟ ରାଜପଥ ଆଞ୍ଚଳିକ କାର୍ଯ୍ୟାଳୟ ଘେରଉ କରିଥିଲେ। ଅଗଷ୍ଟ ମାସ ଶେଷ ସୁଦ୍ଧା ରାସ୍ତା କାମ ଶେଷ ହେବ ବୋଲି ପ୍ରତିଶୃତି ମିଳିଥିଲା। ହେଲେ ବର୍ତ୍ତମାନ ରାସ୍ତା କାମ ଆହୁରି ୪୦ ଶତକଡା ବାକି ପଡିଛି। ଫଳରେ ରବିବାର ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ଚୌଦ୍ୱାର ସହାରାଞ୍ଚଳର ବିଭିନ୍ନ ଛକରେ ରାସ୍ତା ଓ ପରିବହନ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଓ ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳଙ୍କୁ ତାସ୍ଛଲ୍ୟ ଭାବେ ଲେଖାଥିବା ବ୍ୟାନର ଲଗାଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଉକ୍ତ ବ୍ୟାନରକୁ କେଉଁ ଦୁର୍ବୃତ୍ତ ଚିରି ନେଇଥିବା ଜାଗରଣ ମଞ୍ଚ ସଦସ୍ୟମାନେ ନିନ୍ଦା କରିଛନ୍ତି। ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ଐତିହାସିକ ପାଲା ମହୋତ୍ସବ ଉଦ୍‌ଘାଟିତ



ଚୌଦ୍ୱାର,୧୭।୮ (ସମିସ): ଚୌଦ୍ୱାରରେ ଶତାଧିକ ବର୍ଷ ଧରି ସତ୍ୟନାରାୟଣ ପାଲା ସମିତି ଆନୁକୂଲ୍ୟରେ ଲଗାତାର ଆୟୋଜିତ ହୋଇଆସୁଥିବା ଐତିହାସିକ ପାଲା ମହୋତ୍ସବ ଶନିବାର ସଂଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବଡ଼ ବଜାରସ୍ଥିତ ଶ୍ରୀ ଶ୍ରୀ ସତ୍ୟନାରାୟଣ ପୂଜା ମଣ୍ଡପରେ ଆୟୋଜିତ ଏହି ଉତ୍ସବକୁ ବରିଷ୍ଠ ନାଗରିକ ତଥା ମହୋତ୍ସବର ଉପଦେଷ୍ଟା ବୈକୁଣ୍ଠନାଥ ପୃଷ୍ଟି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଂଧ୍ୟାରେ ପାଲାକାର ଗାୟକ ଜ୍ଞାନବାରିଧି କଳାକାର ନାୟକ ପାଲା ପରିବେଷଣ କରିଥିଲେ। ସମିତି ସଭାପତି ମନୋଜ କୁମାର ନାୟକ, ଉପସଭାପତି ଲିଙ୍ଗରାଜ ସାହୁ, ସମ୍ପାଦକ ମଙ୍ଗରାଜ ବେହେରା, ହରେକୃଷ୍ଣ ସାହୁ, ଅଜୟ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ। ଏହି ମହୋତ୍ସବ ଆସନ୍ତା ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଭାପତି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

## ରାଧାମାଧବ ପୂଜା କମିଟି ପକ୍ଷରୁ ନନ୍ଦ ଉତ୍ସବ



ସାଲେପୁର,୧୭।୮ (ସମିସ): ଚଳିତ ବର୍ଷ ଜନାର୍ଦ୍ଦନପୁର ଗ୍ରାମର ରାଧାମାଧବ ପୂଜା କମିଟି ପକ୍ଷରୁ ନୂତନ ଭାବେ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ବିଭିନ୍ନ କଳାକାର ଭଗବାନ ଶ୍ରୀକୃଷ୍ଣ, କଂସ, ଗୋପାଳ ବେଶ ଧାରଣ କରି ଗାଁ ଗାଁ ବୁଲି ନୃତ୍ୟ ପରିବେଷଣ କରିଥିଲେ। ଉତ୍ସବରେ କୃଷ୍ଣ ଭୂମିକାରେ ଓଁପ୍ରକାଶ, ବଳରାମ ଭୂମିକାରେ ଶୁଭମ୍ ସାହୁ, କଂସ ଭୂମିକାରେ ତନ୍ମୟ, ନନ୍ଦ ଭୂମିକାରେ ଚନ୍ଦ୍ରମଣି ସାହୁ, ଯଶୋଦା, ସାଇପ୍ରିୟା ଟାଙ୍ଗୁରୁ, ଜଗା, ନୀଳକଣ୍ଠ ଅଂଶଗ୍ରହଣ କରିଥିବାବେଳେ ଏହି କାର୍ଯ୍ୟକ୍ରମକୁ ରାଧାମାଧବ ମଠର ମହନ୍ତ ବିପ୍ରଚରଣ ଦାଶଙ୍କ ନେତୃତ୍ୱରେ ବିକ୍ରମ ଦାସ, ମହେନ୍ଦ୍ର ସାହୁ, ପ୍ରମୋଦ ବେହେରା, ବଳରାମ ଦାସ, ସୁବାସ କର, ସୁଧାକର ବେହେରା, ଜ୍ଞାନରଞ୍ଜନ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କସିକିଆରୀ କୃଷି ସେବାକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ



ବଡମ୍ବା,୧୭।୮ (ସମିସ): ବଡମ୍ବା ବ୍ଲକ କସିକିଆରୀ ସେବ ସମବାୟ ସମିତିରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ୨୦୨୫-୨୬ର ଶୁଭ ଉଦଘାଟନ ସହିତ ଏହାର ଅଫିସ୍ ଗୃହ, ୫୦ ମେଟ୍ରିକ୍ ଟନ୍ କ୍ଷମତା ଗୋଦାମ ଗୃହ ଏବଂ ଧାନ କ୍ରୟକେନ୍ଦ୍ର ନିମନ୍ତେ ଭିତ୍ତିଭୂମି ନିର୍ମାଣର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡମ୍ବା ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରା ଓ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ବଡ଼ମ୍ବା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରଘୁପତି ମହାନ୍ତି, ଆଠଗଡ଼ ଉପଖଣ୍ଡର ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ସୁଶ୍ରୀ ସୁପ୍ରିୟା ସ୍ୱାଇଁ ଉପ ନିବନ୍ଧକ, ସମବାୟ ସମିତିର ସଭାପତି ମନୋଜ ବିଶ୍ୱାଳ, ସମ୍ପାଦକ ବବ୍ରୁ ବାହାନ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଜୋସ୍ନାମୟୀ ପ୍ରଧାନ ସମିତିର ସମସ୍ତ ସଭ୍ୟମାନେ ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ଡିଗିରିଆ ଥାନାରେ ଗଣେଶ ପୂଜା ପ୍ରସ୍ତୁତି ବୈଠକ

# ରାତି ୧୦ ସୁଦ୍ଧା ସରିବ ଭସାଣ, ଡିଜେ ଉପରେ କଟକଣା

ଡିଗିରିଆ,୧୭।୮ (ସମିସ)

ଚଳିତ ମାସ ୨୭ ତାରିଖରେ ପାଳନ ହେବାକୁ ଥିବା ଗଣେଶ ପୂଜା ଓ ପୂଜା ପରବର୍ତ୍ତୀ ଭସାଣି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ଆଜି ଡିଗିରିଆ ବ୍ଲକର ବିଭିନ୍ନ ପଞ୍ଚାୟତର ଅଗ୍ରଣୀ ପୂଜା କମିଟିର ସଦସ୍ୟଙ୍କୁ ନେଇ ଡିଗିରିଆ ଥାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପୂଜା କମିଟିର ସଭାପତି, ସମ୍ପାଦକଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ପୂଜା ଓ ଭସାଣୀକୁ କିଭଳି ଶାନ୍ତିଶୃଙ୍ଖଳାର ସହ ଶେଷ କରାଯିବ ସେ ନେଇ ନିଜର ମତ ପ୍ରକାଶ କରିଥିଲେ। ଆଇଆଇସି ଶ୍ରୀ ପାଇକରାୟ ଉପସ୍ଥିତ ସମସ୍ତ ପୂଜା କମିଟିର ସଦସ୍ୟଙ୍କୁ ରାତି ୧୦ଟା ସୁଦ୍ଧା ଭସାଣି କାର୍ଯ୍ୟକ୍ରମ ଶେଷ କରିବା, ଭସାଣିରେ ଅତିବେଶୀରେ ୫ଟି ସାଉଣ୍ଡ ବକ୍ସ ବ୍ୟବହାର, ସାଉଣ୍ଡ ବକ୍ସରେ ପପ ବ୍ୟବହାରକୁ ବାରଣ, ଭସାଣି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତିପତ୍ର ଆଣିବା, ସମସ୍ତ ପୂଜା କମିଟିର ୧୫ ଜଣ ସଦସ୍ୟଙ୍କ ନାମ ଓ ଫୋନ ନମ୍ବର ଥାନାରେ ପ୍ରଦାନ କରିବା, ନିଶା ସେବନକୁ ସମ୍ପୂର୍ଣ୍ଣ ବାରଣ କରିବା, ଡିଜେ ବାଜାକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରିବା, ଭସାଣି ସମୟରେ ଟ୍ରାଫିକ ନିୟମ ମାନିବା, ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷା ଉପରେ ଧ୍ୟାନ ଦେବା, ଭସାଣିର ଦୁଇଦିନ ପୂର୍ବରୁ ବ୍ରାସ ବ୍ୟାଣ୍ଡ ପାର୍ଟିର ମାଲିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଥାନାରେ ପ୍ରଦାନ କରିବା ପାଇଁ ଆଇଆଇସି ଶ୍ରୀ ପାଇକରାୟ ସୂଚନା ଦେଇଥିଲେ। ଆସନ୍ତା ମାସ ୧୧ ତାରିଖ ସୁଦ୍ଧା ସମସ୍ତ ପୂଜା କମିଟି ନିଜର ଭସାଣି କାର୍ଯ୍ୟକ୍ରମକୁ ଶେଷ କରିବା ପାଇଁ ଆଇଆଇସି ଶ୍ରୀ ପାଇକରାୟ ବୈଠକରେ ଉପସ୍ଥିତ ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ଏହାକୁ ଅମାନ୍ୟ କଲେ ଉକ୍ତ ପୂଜା କମିଟିର ସଦସ୍ୟମାନେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଥାନା ଆଇଆଇସି ଶ୍ରୀ ପାଇକରାୟ ସୂଚନା ଦେଇଛନ୍ତି। ଡିଗିରିଆ ଥାନା ଏସଆଇ ପ୍ରିୟଦର୍ଶିନୀ ଇପ୍ସିତା, ଏଏସଆଇ ବିକାଶ ରଞ୍ଜନ ବିଶ୍ୱାଳଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



### ମର୍ଣ୍ଣିଂ ଟି ଫେଷ୍ଟ ଓ ସହଯୋଗ-ଓଡ଼ିଶା ପକ୍ଷରୁ ପୂଜ୍ୟପୂଜା

## ପରିବେଶ ସୁରକ୍ଷା ପାଇଁ ଚକ୍ରଧର ଦାଶଙ୍କୁ ସମାଜସେବୀ ସମ୍ମାନ



ଫୁଲନଖରା,୧୭।୮ (ସମିସ): ପୂଜ୍ୟପୂଜା, ପ୍ରତିଭା ସେବା, ସାଂସ୍କୃତିକ ସାମାଜିକ ସଂଗଠନ ସହଯୋଗ-ଓଡ଼ିଶା ଓ ମର୍ଣ୍ଣିଂ ଟି' ଫେଷ୍ଟ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ଅବସରରେ ପୂଜ୍ୟପୂଜା ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫୁଲନଖରାଠାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ-ଓଡ଼ିଶା ଓ ମର୍ଣ୍ଣିଂ ଟି ଫେଷ୍ଟର ସଭାପତି ଗଣେଶ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଶତାୟୁ ପାଦଦେଶରେ ଉପନୀତ ଶିକ୍ଷାବିତ୍, ଆୟୁର୍ବେଦ ଚିକିତ୍ସକ ତଥା ସମାଜସେବୀ ଚକ୍ରଧର ଦାଶ ମୁଖ୍ୟଅତିଥି, ଆଧ୍ୟାତ୍ମିକ ପ୍ରବକ୍ତା ଇଂ ଶ୍ରୀସନ୍ନ୍ୟାସୀ ଜୀ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ଆଞ୍ଚଳିକ ଶାନ୍ତି କମିଟିର ସଭାପତି ନିମାଇଁ ଚରଣ ଲେଙ୍କା, ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ପ୍ରମୋଦ ସ୍ୱାଇଁ, ସଦର ସ୍ୱାଭିମାନ ମଞ୍ଚର ପ୍ରତିଷ୍ଠାତା ସ୍ୱାଧୀନଚେତା ମହାନ୍ତି, ଦିଲ୍ଲୀପ ସ୍ୱାଇଁ, ନଳିନୀ ସେନାପତି, ସୁଶାନ୍ତ ମହାନ୍ତି, ଆଇନଜୀବୀ କବି ନାରାୟଣ ଜେନା ଓ ଦିଲ୍ଲୀପ ମହାରଣା ପ୍ରମୁଖ ଯୋଗଦେଇଥିଲେ। ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଉଭୟ ଅନୁଷ୍ଠାନ ପକ୍ଷରୁ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ବ୍ୟକ୍ତିବିଶେଷଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବେଶ ସୁରକ୍ଷା ପାଇଁ ଚକ୍ରଧର ଦାଶଙ୍କୁ ଅନୁଷ୍ଠାନ ତରଫରୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ବିଶିଷ୍ଟ ସମାଜସେବୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ କାନନ ବିହାରୀ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ମନୋରଂଜନ ମହାନ୍ତି, ସୁକାନ୍ତ ସାହୁ, ରାଜକିଶୋର ବେହେରା, କୃଷ୍ଣଚନ୍ଦ୍ର ଭୋଇ, ଶରତ ବେହେରା ଓ ଟୁନା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୈଳାସଚନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ।

## କୃଷ୍ଣପ୍ରସାଦ ଦାସଙ୍କ 'ସ୍ମୃତିରେ ରେଭେନ୍‌ସା' ଉନ୍ମୋଚିତ



କଟକ,୧୭।୮ (ସମିସ): ବ୍ରିଷ୍ଟି ମିଡିଆ ଆଣ୍ଡ ପବ୍ଲିସିଂ ହାଉସ୍ ପକ୍ଷରୁ ବରିଷ୍ଠ ସାମ୍ବାଦିକ କୃଷ୍ଣପ୍ରସାଦ ଦାସଙ୍କ ରଚିତ ଉପନ୍ୟାସ "ସ୍ମୃତିରେ ରେଭେନ୍‌ସା' ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଇଷ୍ଟର୍ଣ୍ଣ ମିଡିଆର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ କୃଷ୍ଣପ୍ରସାଦଙ୍କ ପୁସ୍ତକଟିକୁ ଉନ୍ମୋଚନ କରିବା ସହ ଏହି ପୁସ୍ତକ ଦୁଇ ବର୍ଷ ପୂର୍ବରୁ ଲେଖା ହୋଇଥିଲେ, ରେଭେନ୍‌ସା ନାମ ପରିବର୍ତ୍ତନ ପ୍ରସଙ୍ଗ ଉଠି ନ ଥାନ୍ତା ବୋଲି କହିଥିଲେ। ବ୍ରିଷ୍ଟି ମିଡିଆ ପକ୍ଷରୁ ହୋଟେଲ ଶୀତଲରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଖ୍ୟାତନାମା ସାହିତ୍ୟିକ ଡକ୍ଟର ବିଭୂତି ପଟ୍ଟନାୟକ ଆଭାସୀ ମାଧ୍ୟମରେ ପ୍ରକାଶିକା ଓ ଲେଖକଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଶିବ୍ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଡ. ପ୍ରଭାତ କୁମାର ମିଶ୍ର, ଡ. ନଟବର ଶତପଥୀ, ଡ. ସୁଶାନ୍ତ ଦାସ, ଡ. ସୁଲୋଚନା ଦାସ, ଡ. ବିଜୟାନନ୍ଦ ସିଂହ, ରେଭେନ୍‌ସାର ପୂର୍ବତନ ଛାତ୍ର ସଂସଦ ସଭାପତି ତପନ କୁମାର ମିଶ୍ର ପ୍ରମୁଖ ରେଭେନ୍‌ସାର ଅତୀତର ସ୍ମୃତି ବଖାଣି ଥିଲେ। ବ୍ରିଷ୍ଟି ମିଡିଆ ଆଣ୍ଡ ପବ୍ଲିସିଂ ହାଉସ୍ ପ୍ରକାଶିକା ଡ. ପ୍ରଜ୍ଞା ପାରମିତା ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ପ୍ରକାଶନ ସଂସ୍ଥାର ଆଭିମୁଖ୍ୟ ବିଷୟରେ କହିଥିଲେ। ଉତ୍ସବରେ ଔପନ୍ୟାସିକ କୃଷ୍ଣପ୍ରସାଦ ଦାସ ଲେଖକୀୟ ଅଭିବ୍ୟକ୍ତିରେ ପୁସ୍ତକ ପ୍ରକାଶନର ଉଦ୍ଦେଶ୍ୟ ସହ ନବେ ଦଶକର ରେଭେନ୍ସାର ଚିତ୍ର ଓ ଚରିତ୍ର ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା ଦାସ ଓ ସୁରପ୍ରଭା ପଟ୍ଟନାୟକ ପୁସ୍ତକ ଉନ୍ମୋଚନରେ ସହାୟତା କରିଥିଲେ। ଶିକ୍ଷାବିତ ଡ. ଶୁଭଲକ୍ଷ୍ମୀ ଦାସ ଧନ୍ୟବାଦ ଦେଇଥିଲେ। ସମାରୋହରେ ରେଭେନ୍‌ସା କଲେଜର ବହୁ ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ପୂର୍ବତନ ଛାତ୍ରଛାତ୍ରୀ, ସହରର ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ରେଡିଓ ସମ୍ପର୍କ ପକ୍ଷରୁ କୁଇଜ୍ ପ୍ରତିଯୋଗିତା



ନିଶ୍ଚିନ୍ତକୋଇଲି, ୧୭।୮ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକର ମୁରୁଦାବାଦଠାରେ ଥିବା ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ସମ୍ପର୍କ (୮୯.୬) ପକ୍ଷରୁ କଳମିଶ୍ରୀ ପଞ୍ଚାୟତ ସ୍ଥିତ ଅନନ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇଛି। ପ୍ରତ୍ୟେକ ଶ୍ରେଣୀକୁ ଗଙ୍ଗା, ଯମୁନା ଓ ସରସ୍ୱତୀ ଗ୍ରୁପରେ ଭାଗ କରାଯାଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଙ୍ଗା ଗ୍ରୁପ ପ୍ରଥମ ସ୍ଥାନ, ସରସ୍ୱତୀ ଗ୍ରୁପ ୨ୟ ସ୍ଥାନ ଓ ଯମୁନା ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ପୁରସ୍କାର ବିତରଣୀ ସଭାରେ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ପୌରହିତ୍ୟରେ ଏଥିରେ ବେତାର କେନ୍ଦ୍ରର ପରିଚାଳକ ଗାୟତ୍ରୀ ତ୍ରିପାଠୀ, ସହଯୋଗୀ ଶୁଭଲକ୍ଷ୍ମୀ ପଣ୍ଡା, କବିତା ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## 'କ୍ଲବ୍ ଟିଭି- ୭୪' ପକ୍ଷରୁ ସ୍ୱାଧୀନତା ଦିବସ



କଟକ,୧୭।୮ (ସମିସ): ଟାଙ୍ଗୀର ପଦ୍ମିନୀ ବିହାର ଠାରେ ଥିବା ଟାଙ୍ଗୀ ବିଦ୍ୟାପୀଠ ପୁରତନ ଛାତ୍ର ସଂଘ 'କ୍ଲବ ଟିଭି-୭୪' ପକ୍ଷରୁ ୭୯ତମ ପବିତ୍ର ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଅନୁଷ୍ଠାନ ସଭାପତି ତଥା ତ୍ରିମ୍ସ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂପାଦକ ଅବସରପ୍ରାପ୍ତ ଆଇଏଫଏସ୍ ଅଧିକାରୀ ପ୍ରଫୁଲ୍ଲ କୁମାର ଷଡଙ୍ଗୀଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଦୈତାରୀ ସାହୁ, ଜଗବନ୍ଧୁ ସାହୁ, ରବିନ୍ଦ୍ର ଲେଙ୍କା, ନିମାଇଁ ମହାନ୍ତି, ଦେବେନ୍ଦ୍ର ନାୟକ, ପ୍ରଭାକର ସ୍ୱାଇଁ, ଧୂଳମଣି ସେଠୀ, ଆଶୁତୋଷ ଦ୍ୱିବେଦୀ, ପୂର୍ବତନ ସରପଞ୍ଚ ବିଷ୍ଣୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମିଷ୍ଟାନ୍ନ ବଣ୍ଟନ କରାଯିବା ସହ ସାଂଗଠିକ ଆଲୋଚନା ହୋଇଥିଲା। ସଦସ୍ୟ ରମେଶ ବେହେରା ଧନ୍ୟବାଦ ଦେଇଥିଲେ।

## ପିପି କଲେଜରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ

ନିଶ୍ଚିନ୍ତକୋଇଲି, ୧୭।୮ (ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କର ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ହରଘର ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ତରୁଲତା ଦେବୀଙ୍କ ପୌରହିତ୍ୟରେ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ +୩ ଡ଼ିଗ୍ରୀ ମହାବିଦ୍ୟାଳୟର କଳା ଓ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ, ଏନ୍ଏସ୍ଏସ୍ ଓ ଆଇଆରସିର ସ୍ୱେଚ୍ଛାସେବୀ, ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀମାନେ ହାତରେ ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ବଡ଼କ୍ଷୀର, ଗୋପପୁର ଗ୍ରାମ ଏବଂ ନିଶ୍ଚିନ୍ତକୋଇଲି ବଜାର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନତା କରାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପଦ୍ମଲୋଚନ ରାଉତ, ଡ. ଅଲେଖ ସାମଲ, ପ୍ରଶାନ୍ତ ଭାରତୀ, ଅମରିଶ ସ୍ୱାଇଁ, ଅଧ୍ୟାପକ ପଦ୍ମପ୍ରଭା ସ୍ୱାଇଁ, ସ୍ନେହାଶିଷ କର, ପ୍ରୀତିଶ ଦାସ, ସରୋଜ ସାହୁ, ଯୁଗାନ୍ତର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




### ସାଇନାପ୍ସ କୁଇଜ-୨୦୨୫

# ଇଂରାଜୀରେ ଡିଏଭି ସିଡିଏ, ଓଡ଼ିଆରେ ରଘୁନାଥଜୀଉ ବିଜେତା




କଟକ,୧୭।୮ (ସମିସ): ଟିମ୍ କୁଇଜାର୍ଡ ଓ ଟିମ ହ୍ୱାଇଟ କାନଭାସ ମିଳିତ ଆନୁକୂଲ୍ୟରେ ସର୍ବବୃହତ ଆନ୍ତଃ ବିଦ୍ୟାଳୟ କୁଇଜ ପ୍ରତିଯୋଗିତା "ସାଇନାପ୍ସ ୨୦୨୫' ୯ମ ସଂସ୍କରଣ ସାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରିଲ୍ୟୁଡ୍ର ସତ୍ୟବ୍ରତ ରଥ, ଡମ୍ବରୁର ପ୍ରତିଷ୍ଠାତା ସମ୍ୟକ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟିମ କୁଇଜାର୍ଡର ସିଦ୍ଧାର୍ଥ, ପ୍ରୀତିମାନ, ମନଶ୍ୱେତା, ଶାନ୍ତନୁ, ଅଭିଷେକ ଏବଂ ଅଂଶୁ ତଥା ୩୭ ଜଣ ଆୟୋଜକ କମିଟିର କର୍ମକର୍ତ୍ତା ଇନ୍ଦ୍ରନିଲ, ଶତାବ୍ଦୀ, ପ୍ରତୀକ, ଅଲିଭା, ମୃତ୍ୟୁଞ୍ଜୟ ଇତ୍ୟାଦି ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ପୁରସ୍କାର ବିତରଣରେ ମେୟର ସୁବାସ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଡ. ନିର୍କେଶ ଶର୍ମା, ପ୍ରିନ୍ସିପାଲ, ନାଳନ୍ଦା ପବ୍ଲିକ ସ୍କୁଲ, ଡ. ପ୍ରଭୁଚରଣ ମହାନ୍ତି ଅଧ୍ୟକ୍ଷ, ଏସ୍ଏସ ଆସୋସିଏଟ୍ସ ଯୋଗଦେଇଥିଲେ। ଏହି କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସାଇ ପ୍ରତୀକ ସାହୁ ଏବଂ ରାଜଲକ୍ଷ୍ମୀ ଘଡେଇ (ରଘୁନାଥଜୀଉ ଉଚ୍ଚ ବିଦ୍ୟାଳୟ) ଦ୍ୱିତୀୟ ସ୍ଥାନ ତଥା ଶ୍ରେଷ୍ଠ ବାଳିକା ଦଳ ସ୍ଥାନ ଅଧିକାର କରିଥିଲେ ନୂଆବଜାର ଅସୀମା ବରାଳ ଏବଂ ଅମ୍ରିତା ଗୁରୁ ଏବଂ ତୃତୀୟ ସ୍ଥାନରେ ରହିଥିଲେ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ସୋମପ୍ରୟାସ ମହାରଣା ଏବଂ ସାଇ ସତ୍ୟଜିତ ସାହୁ।

ଇଂରାଜୀ କୁଇଜ୍ ପ୍ରତିଯୋଗିତାରେ ଡିଏଭି ପବ୍ଲିକ ସ୍କୁଲ, ସିଡିଏର ସ୍ୱରିତ୍ କୁମାର ସ୍ୱାଇଁ ଏବଂ ଅଙ୍କିତ କୁମାର ସ୍ୱାଇଁ ଚାମ୍ପିଅନ ହୋଇଥିବା ବେଳେ ପ୍ରଥମ ରନର ଅପ୍ ହୋଇଥିଲେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଅଦ୍ୱୟ ଷଡ଼ଙ୍ଗୀ ଏବଂ ସ୍ୱସ୍ତିକା ମିଶ୍ର। ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଆଦେଶ ମହାନ୍ତି ଏବଂ ପ୍ରାଂଶୁ ପୃଷ୍ଟି ଦ୍ୱିତୀୟ ରନର୍ ଅପ୍ ରହିଥିଲେ। ଶ୍ରେଷ୍ଠ ବାଳିକା ଦଳ ଭାବେ ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍ -୮ ସ୍କୁଲର ସୁଶ୍ରୀ ସୁରଭି ଓ ସହସ୍ରା ସୁଶାନ୍ତ ପଡ଼ିଆରୀ ପୁରସ୍କାର ଅର୍ଜନ କରିଥିଲେ। ଏହି କୁଇଜ୍‌ର ଆୟୋଜନକୁ ସମସ୍ତ ଅତିଥିମାନେ ପ୍ରଶଂସା କରିଥିବାବେଳେ ଆଗାମୀ ଦିନରେ ଏହାକୁ ଜାତୀୟସ୍ତରକୁ ନେବାକୁ ପ୍ରସ୍ତାବ ଦେଇଥଲେ। ଟିମ୍ ହ୍ୱାଇଟ କାନଭାସ୍‌ର ଉଲ୍ଲାସ ଚନ୍ଦ୍ର ବେଉରା, ସାରଳା ପ୍ରସାଦ ମିଶ୍ର, ଜ୍ଞାନରଞ୍ଜନ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏକ ହଜାରରୁ ଉର୍ଦ୍ଧ୍ୱ ଅଭିଭାବକ ଓ ବୁଦ୍ଧିଜୀବୀମାନେ ଏଥିରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## 'ଟେଟ୍ରା' ପରିସରରେ ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ



ଟାଙ୍ଗୀ,୧୭।୮ (ସମିସ): ଶିକ୍ଷାଗତ ଯୋଗ୍ୟତା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବରିଷ୍ଠ ନାଗରିକମାନଙ୍କ ଅଭିଜ୍ଞତା। ଉକ୍ତ ଅଭିଜ୍ଞତା ଆଧାରରେ ସୁଖୀ ତଥା ସୁସ୍ଥ ସମାଜ ଗଠନ ସମ୍ଭବ। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ତଥା କୋଟସାହି ପଞ୍ଚାୟତ ଟାଙ୍ଗୀସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ପରିସରରେ ରବିବାର ଆୟୋଜିତ ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ ଓ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧ୍ୟାତ୍ମିକ ଗୁରୁ ବାବା ସତ୍ୟାନନ୍ଦ ଦାସ ମହାରାଜ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଛନ୍ତି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ବରିଷ୍ଠ ନାଗରିକ ସଂଘ ସଭାପତି ସୁରେନ୍ଦ୍ର ନାଥ ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କ ସହ ବରେଣ୍ୟ ଅତିଥି ତଥା ପ୍ରାକ୍ତନ ବିଧାୟକ ଧର୍ମାନନ୍ଦ ବେହେରା, ସମ୍ମାନୀତ ଅତିଥି ସମାଜସେବୀ ବିଚିତ୍ରାନନ୍ଦ ସ୍ୱାଇଁ, ଶିକ୍ଷାବିତ ତାପସ ମଲ୍ଲିକ ଓ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପ୍ରତିନିଧି ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ବରିଷ୍ଠ ନାଗରିକଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଂଘ ସାଧାରଣ ସମ୍ପାଦକ ବିଜୟ ସାହୁ, କାର୍ଯ୍ୟକାରୀ ସଭାପତି ଦୟାନିଧି ସାହୁ, ସଦସ୍ୟ ବିଭୁତି ଭୂଷଣ ସାହୁ, ପ୍ରସନ୍ନ ଜେନା, ଭୀମସେନ ମହାନ୍ତି, ଭାଗ୍ୟଧର ସେଠୀ, ଧିରେନ୍ଦ୍ର ଜେଠୀ ଓ ଅଜୟ ସାହୁଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇ ପ୍ରବଚନ ଓ ଭଜନ ସନ୍ଧ୍ୟାରେ ଅଂଶଗ୍ରହଣ କରିଥିଲେ। ଟେଟ୍ରାହେଡ୍ରନର ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ ବେହେରା ଧନ୍ୟବାଦ ପ୍ରଦାନ ପୂର୍ବକ ସମସ୍ତ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାମାଜିକ କର୍ମୀ ଅମନ ବେଉରା ଓ ଟେଟ୍ରା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# କଟକ ସିଟି



## ବାରବାଟୀ ବଞ୍ଚାଅ ଅଭିଯାନ ଆରମ୍ଭ



**କଟକ, ୧୭।୮ (ସମିସ):** କଟକ ଐତିହ୍ୟ ପଦଯାତ୍ରା ପକ୍ଷରୁ ଆବାହକ ଡକ୍ଟର ଦୀପକ ସାମନ୍ତରାୟଙ୍କ ନେତୃତ୍ୱରେ ବାରବାଟୀ ବଞ୍ଚାଅ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ଉଦ୍ୟମରେ ସିଲଭର ସିଟି କଟକ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ, ରିଶରଜେଣ୍ଟ କଟକ, ସ୍ୱପ୍ନ ଫାଉଣ୍ଡେସନ, ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ, ମଧୁ ସ୍ମୃତି ସୁରକ୍ଷା ମଞ୍ଚ, ଅନ୍ତରଙ୍ଗ କଳିଙ୍ଗ, ହେଲ୍ପ ଦ ହ୍ୟୁମାନିଟି, ସୁଭାଷ ସଂଗଠନ, ଆଇନଜୀବୀ ମଞ୍ଚ ଏବଂ ଐତିହ୍ୟ ପ୍ରେମୀ ବୁଦ୍ଧିଜୀବୀମାନେ ସାମିଲ ହୋଇ ବାରବାଟୀ ଦୁର୍ଗ ପରିସରରେ ଦେଶର ୭୯ତମ ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ କରିବା ସହିତ ବାରବାଟୀ ଦୁର୍ଗର ସୁରକ୍ଷା ନିମନ୍ତେ ଉଦ୍ୟମ ଜାରି ରଖିବାକୁ ଶପଥ ନେଇଥିଲେ। ଧ୍ୟାନ ଆକର୍ଷଣ କରାଯାଇଥିବା ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ନିରବ ପ୍ରତିବାଦ ଜାରି ରହିବ ବୋଲି ସ୍ଥିର ହୋଇଥିଲା। ପତାକା ଉତ୍ତୋଳନ କରି ପ୍ରଫେସର ଡକ୍ଟର କନିଷ୍କ ଦାସ ଦେଶପ୍ରେମୀ ହେବା ସହିତ ସଂସ୍କୃତି ଓ ଐତିହ୍ୟପ୍ରେମୀ ହେବାକୁ ସମବେତ ନାଗରିକମାନଙ୍କୁ ଆହ୍ୱାନ ଦେଇଥିଲେ। ମଧୁ ସ୍ମୃତି ସୁରକ୍ଷା ମଞ୍ଚର ଆବାହକ ସନ୍ତୋଷ ମହାରଣା, ଡକ୍ଟର ବିଶ୍ୱଜିତ ମହାନ୍ତି, ରାଜା ପରିଜା, ଡକ୍ଟର ହେମନ୍ତ କୁମାର ପରିଡ଼ା, ଚନ୍ଦ୍ରଭାନୁ ମିଶ୍ର, ମନୋଜ କୁମାର ପତି, ହିତେଶ ସେଠ୍, ଜୟନ୍ତ ସିଂହ, କବିତା ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାକେଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ପାର୍ବଣ ପ୍ରସ୍ତୁତି ବୈଠକ

## ପାର୍ବଣ ପୂର୍ବରୁ ରାସ୍ତାଘାଟ ମରାମତିକୁ ଗୁରୁତ୍ୱ

**କଟକ, ୧୭।୮ (ସମିସ)**





ବିଦ୍ୟାଧରପୁର ପୂଜା କମିଟି ଆନୁକୂଲ୍ୟରେ ଦ୍ୱାରିକାମୟୀ ସାଇ ମନ୍ଦିରଠାରେ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତିକମିଟିର ଦୁର୍ଗାପୂଜା ଓ ଭସାଣି ଉତ୍ସବର ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ କମିଟିର ସଭାପତି ବିଜୟ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ପାର୍ବଣକୁ ସଫଳ କରିବା ନିମନ୍ତେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

ବୈଠକରେ ପୂର୍ବାଞ୍ଚଳ ଶାନ୍ତି କମିଟିର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଉପସ୍ଥିତ ରହି ଅନେକ ପ୍ରସ୍ତାବ ଆଗତ କରିଥିଲେ। ଚଳିତ ବର୍ଷ ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଶାରଦୀୟ ପାର୍ବଣ ଉତ୍ସବ ପାଳନ କରାଯିବ। ଏକାଦଶୀ ତିଥି ତଥା ଅକ୍ଟୋବର ୩ ତାରିଖରେ ଭସାଣୀ ଉତ୍ସବ ପାଳନ କରାଯିବ। ଭସାଣି ଉତ୍ସବ ଦିନ ପୂର୍ବାଞ୍ଚଳ ସ୍ଥିତ ସମସ୍ତ ମେଢ଼ ଶୋଭାଯାତ୍ରା ଦିବା ୧୧ ସୁଦ୍ଧା ନିଜ ଅଞ୍ଚଳ ପରିକ୍ରମା ସାରି ମୁଖ୍ୟ ରାସ୍ତାରେ ସାମିଲ ହେବା ପାଇଁ ସମସ୍ତ ପୂଜା କମିଟିକୁ ଅନୁରୋଧ କରାଯାଇଥିଲା। ଚଳିତ ବର୍ଷ ପୂର୍ବାଞ୍ଚଳ ସ୍ଥିତ ସମସ୍ତ ପୂଜା କମିଟିର ଭସାଣି ଶୋଭାଯାତ୍ରାକାରୀମାନେ ନିଶା, ମାଦକ ଦ୍ରବ୍ୟ ସେବନ ନକରି ନିଶାମୁକ୍ତ ଶୋଭାଯାତ୍ରା ବାହାର କରିବେ ବୋଲି ନିଷ୍ପତ୍ତି ହୋଇଛି। ପୂର୍ବାଞ୍ଚଳ ଶାନ୍ତିକମିଟି ଅନ୍ତର୍ଗତ ସମସ୍ତ ପୂଜା କମିଟି ଟାଟା ପାୱାରକୁ ପୂର୍ବରୁ ବିଦ୍ୟୁତ ସେବା ନିମିତ ଯେଉଁ ଅର୍ଥ ପ୍ରଦାନ କରିଥିଲେ ଚଳିତ ବର୍ଷ ମଧ୍ୟ ସେହି ପରିମାଣ ଅର୍ଥ ଦାଖଲ କୁହାଯାଇଥିଲା। ତୋରଣ ଓ ସାଂସ୍କୃତିକ ମଞ୍ଚ ନିର୍ମାଣ ନିମିତ୍ତ କଟକ ମହାନଗର ନିଗମରେ ଦାଖଲ ଅର୍ଥ ପରିମାଣକୁ ସମ୍ପୂର୍ଣ୍ଣ ରୂପେ ଛାଡ଼ କରାଯାଉ ବୋଲି ଦାବି ହୋଇଥିଲା। ରାସ୍ତାଘାଟ ମରାମତି, ବିଦ୍ୟୁତ୍ ତାର ଏବଂ ଗଛ ଡାଳ ମେଢ଼ ଯିବାରେ ଯେମିତି ପ୍ରତିବନ୍ଧକ ସୃଷ୍ଟି ନ ହୁଏ ସେଥିପ୍ରତି ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ପୂର୍ବାଞ୍ଚଳ ଅନ୍ତର୍ଗତ ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକଙ୍କୁ ପରିଚୟପତ୍ର, ଗାଡ଼ି ପାସ୍ ପୂର୍ବ ବର୍ଷ ଭଳି ଯୋଗାଇ ଦେବାକୁ ନିବେଦନ କରାଯାଇଥିଲା। ଏତଦବ୍ୟତୀତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଉପସ୍ଥାପନ ହୋଇଥିଲା। ବିଧାୟକ ସୌଭିକ ବିଶ୍ୱାଳ, ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ମେୟର ସୁବାସ ସିଂହ, କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, କଟକ ନଗର କଂଗ୍ରେସ କମିଟି ସଭାପତି ସୁରେଶ ମହାପାତ୍ର, ବିଜେପି ନେତା ନୟନ କିଶୋର ମହାନ୍ତିଙ୍କ ସମେତ ପ୍ରଶାସନିକ ଅଧିକାରୀ, ବିଭିନ୍ନ ପୂଜା କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ଡାକ୍ତରଙ୍କୁ ଠକେଇ; ଅଭିଯୁକ୍ତ ଗିରଫ

**କଟକ, ୧୭।୮ (ସମିସ):** ମଙ୍ଗଳାବାଗ ଥାନା ଏସ୍‌ସିବି ମେଡିକାଲର ଡାକ୍ତର ବିକାଶ ରଞ୍ଜନ ପତି ଠକେଇର ଶିକାର ହୋଇଛନ୍ତି। ସେ ଦେଶ ବାହାରକୁ ଯିବାକୁ ଚାହୁଁଥିବା ବେଳେ ନିଜର ପାସ୍‌ପୋର୍ଟ ପ୍ରସ୍ତୁତ କରିବା ଲାଗି ଚାହୁଁଥିଲେ। ଏହି ସମୟରେ ଜଣେ ଠକ ଏଜେଣ୍ଟ ହାବୁଡରେ ପଡ଼ି ଠକେଇର ଶିକାର ହୋଇଛନ୍ତି। ଅଭିଯୁକ୍ତ ନୟାପଲ୍ଲୀ ଥାନା ସନ୍ତୋଷ ସ୍ୱାଇଁ ଓରଫ୍ ବାପୁ(୩୨)କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ଡାକ୍ତର ବିକାଶ ତାଙ୍କ ବନ୍ଧୁମାନଙ୍କ ସହିତ ବିଦେଶ ଗସ୍ତ କରିବାକୁ ଚାହୁଁଥିଲେ। ପାସପୋର୍ଟ ପାଇଁ ବାପୁ ସହିତ ଯୋଗାଯୋଗ ହୋଇଥିଲା। ଅଭିଯୁକ୍ତ ନିଜକୁ ଭୁବନେଶ୍ୱର ଆଞ୍ଚଳିକ ପାସପୋର୍ଟ କାର୍ଯ୍ୟାଳୟର ଏଜେଣ୍ଟ ଭାବରେ ପରିଚୟ ଦେଇ ୪୦ହଜାର ୪୦୦ଟଙ୍କା ନେଇଥିବା ବେଳେ ପାସପୋର୍ଟ କରାଇ ନଥିଲା। ଥାନାରେ ମାମଲା ହେବା ପରେ ପୁଲିସ ଭୁବନେଶ୍ୱରରେ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରିଛି।





### ଏସ୍‌ସିବିରେ ପାଣି ସମସ୍ୟା

## ରୋଗୀ-ସମ୍ପର୍କୀୟ ଡହଳବିକଳ

**କଟକ, ୧୭।୮ (ସମିସ):** ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସସିବି)ର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ପାଣି ପିଇବାକୁ ଡହଳ ବିକଳ ହେଉଛନ୍ତି ରୋଗୀ ଓ ସମ୍ପର୍କୀୟ। ବିଭାଗ ପରିସର ଓ ବାହାରେ ଥିବା ପାଣି ମେସିନ ରହିଛି ସତ ହେଲେ ଏଥିରୁ ପାଣି ବାହାରୁନି। ଫଳରେ ପାଣି ବୁନ୍ଦେ ପାଇ ରୋଗୀ ଓ ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଏଣେତେଣେ ଧାଉଁଥିବା ଦେଖିବାକୁ ମିଳିଛି। ତେବେ ରାଜ୍ୟସରକାର ସରକାରୀ ମେଡିକାଲରେ ଭିତ୍ତିଭୂମି ସୁଦୃଢ କରିବାକୁ ଗୁରୁତ୍ୱ ଦେଉଥିବାବେଳେ ଏସସିବି ଭଳି ସର୍ବବୃହତ ମେଡିକାଲରେ ଏଭଳି ଅବ୍ୟବସ୍ଥା ଯୋଗୁଁ ରୋଗୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ପାଣି ବ୍ୟବସ୍ଥା ନେଇ ମେଡିକାଲ କର୍ତ୍ତୃପକ୍ଷ ଏହି ଦିଗରେ କୌଣସି ଧ୍ୟାନ ଦେଇ ନ ଥିବା ସ୍ପଷ୍ଟ ବାରି ହୋଇଯାଇଛି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ମୋବାଇଲ୍ ଚୋର ଗିରଫ

**କଟକ, ୧୭।୮ (ସମିସ):** ସିଆରଆରଆଇ ଥାନା ପୁଲିସ ଏକ ମୋବାଇଲ ଚୋରି ଘଟଣାର ତଦନ୍ତ କରିବା ସମୟରେ ଜଣେ ଅଭିଯୁକ୍ତ ଗାନ୍ଧୀପଲ୍ଲୀ ଅଞ୍ଚଳର ଅଜୟ ମହାରଣା(୨୮)କୁ ଗିରଫ କରି କୋର୍ଟଚାଲାଣ କରିଛି। ଗାନ୍ଧୀପଲ୍ଲୀରେ ରହୁଥିବା ବିଜୟ ଜେନା ଘରର କବାଟ ଖୋଲାରଖି ଏକ କାମରେ ବ୍ୟସ୍ତ ରହିଥିଲେ। ଅଜୟ ତାଙ୍କ ଘରେ ପଶି ମୋବାଇଲ ଚୋରାଇ ନେଇଥିଲା। ଏପଟେ ମୋବାଇଲ ନ ପାଇ ବିଜୟ ଥାନାରେ ଏତଲା ଦେଇଥିଲେ। ଘଟଣାରେ ଅଜୟ ସମ୍ପୃକ୍ତି ନେଇ ଜଣାପଡ଼ିଥିଲା। ପୁଲିସ ଉକ୍ତ ମୋବାଇଲକୁ ଟ୍ରାକିଂ କରି ତାକୁ ଗିରଫ କରିଥିଲା। ତା'ନାମରେ ପୂର୍ବରୁ ସଂଖ୍ୟାଧିକ ମାମଲା ରହିଥିବା ତଦନ୍ତରୁ ବେଳେ ଜଣାପଡ଼ିଛି।

## ଅଟୋ ଧକ୍କାରେ ଜଣେ ଗୁରୁତର

**କଟକ, ୧୭।୮ (ସମିସ):** ଅଟୋ ଚାଳକମାନଙ୍କ ବେପରୁଆ ଗାଡିଚାଳନା ପାଇଁ କାଠଯୋଡ଼ି ଙ୍ଗବନ୍ଧରେ ରବିବାର ଏକ ଦୁର୍ଘଟଣା ଘଟି ଜଣେ ଗୁରୁତର ଆହତ ହୋଇଛନ୍ତି। ବିଡ଼ାନାସୀ ଗୋପାଳସାହିର ସାନ୍ତୁନକୁମାର ସ୍ୱାଇଁ ଏକ ନୂଆଗାଡିକୁ ମଧୁପାଟଣା ଥାନାଞ୍ଚଳରେ ଥିବା କଂପାନୀରେ ସର୍ଭିସିଂ କରିବା ପରେ କାଠଯୋଡ଼ି ଙ୍ଗବନ୍ଧ ଦେଇ ଘରକୁ ଫେରୁଥିଲେ। ଅପରାହ୍ଣ ପ୍ରାୟ ୩ଟା ୪୫ରେ ପୁରୀଘାଟ ଥାନା ନିକଟରେ ପଛରୁ ଦ୍ରୁତଗତିରେ ଆସୁଥିବା ଏକ ମାଲବୋଝେଇ ଅଟୋ ତାଙ୍କୁ ଧକ୍କାଦେଇ ପଳାଇଥିଲା। ସାନ୍ତୁନ ଛିଟିକି ପଡ଼ିବା ସହ ଗାଡିଟିର ଅର୍ଦ୍ଧାଧିକ ଅଂଶ ଭାଙ୍ଗିରୁଜି ଯାଇଛି। ଚିକିତ୍ସିତ ହେବାପରେ ସାନ୍ତୁନ ପୁରୀଘାଟ ଥାନାରେ ଏତଲା ଦେଇଛନ୍ତି। ତଦନ୍ତ ଜାରି ରହିଥିବା ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି।

## ସରକାରୀ ଅଭ୍ୟାସ ବାଳିକା ହାଇସ୍କୁଲରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**କଟକ, ୧୭।୮ (ସମିସ):** ବାଲୁ ବଜାର ପୂଜା କମିଟି ସଭାପତି ପୃଥ୍ୱୀରାଜ ସାହୁଙ୍କ ଦ୍ୱାରା ସରକାରୀ ଅଭ୍ୟାସ ବାଳିକା ହାଇସ୍କୁଲରେ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ କୃତୀ ଛାତ୍ରୀଙ୍କ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନୋରମା ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୁରୀଘାଟ ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ସମ୍ମାନିତ ଅତିଥି ଭାବେ ଫଟୋ ସାମ୍ବାଦିକ ସରୋଜ ମଲ୍ଲିକ ଯୋଗଦେଇଥିଲେ। ସମାଜସେବୀ ତଥା ଉପର ତେଲେଙ୍ଗା ବଜାର ପୂଜା କମିଟି ସହ ସମ୍ପାଦକ ସମ୍ପଦ ମଲ୍ଲିକ, ସୟଦ କାଶୀଫୁଲ ଇସଲାମ (ସିଆରସିସି), ଶିକ୍ଷୟିତ୍ରୀ ରଶ୍ମିତା ବେହେରା, ସୁନିତା ନାୟକ, ପ୍ରୀତି ଦାସ, ମଧୁସ୍ମିତା ମଲ୍ଲିକ, ଅନ୍ନପୂର୍ଣ୍ଣା ମହାରଣା, ମିନତୀ ସାହୁ ଓ ନିହାରିକା ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରୀ ଶିବାନୀ ବାରିକ, ପ୍ରିୟଙ୍କା ସେଠି, ପୂର୍ଣ୍ଣମାସୀ ବେହେରା, ଆୟେଶା ମହାରଣା ଓ ଅଙ୍କିତା ଜେନାଙ୍କୁ ପୁଷ୍ପଗୁଚ୍ଛ, ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଦୁଇଜଣ ପୁରାତନ ଛାତ୍ରୀ ଶୁଭସ୍ମିତା ସିଂ ଓ ସତ୍ୟରୂପା ବେହେରାଙ୍କୁ ମଧ୍ୟ ଟ୍ରଫି ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶରତ ବେହେରା ଧନ୍ୟବାଦ ଦେଇଥିଲେ।

## କ୍ରିଷ୍ଣା ମହାନ୍ତି ପାଇବେ ସରଳା ଦେବୀ ସ୍ମୃତି ସମ୍ମାନ



**କଟକ, ୧୭।୮ (ସମିସ):** ବିଶିଷ୍ଟ ସର୍ବୋଦୟ ନେତ୍ରୀ ତଥା ସମାଜସେବୀ କ୍ରିଷ୍ଣା ମହାନ୍ତି ୨୦୨୫ ମସିହାର ମର୍ଯ୍ୟାଦାଜନକ 'ସରଳା ଦେବୀ ସ୍ମୃତି ସମ୍ମାନ' ପାଇବାକୁ ମନୋନୀତ ହୋଇଛନ୍ତି। ସରଳା ଦେବୀ ସ୍ମୃତି ସଂସଦ ପକ୍ଷରୁ ଏହି ସମ୍ମାନ ଆଗାମୀ ୧୯ ତାରିଖ ମଙ୍ଗଳବାର ସନ୍ଧ୍ୟାରେ କଟକର ସାରଳା ଭବନ ଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଥିତଯଶା ଲେଖିକା ଲୌହମାନବୀ ସରଳା ଦେବୀଙ୍କ ୧୨୧ତମ ଜୟନ୍ତୀ ସମାରୋହରେ ଶ୍ରୀମତୀ ମହାନ୍ତିଙ୍କୁ ପ୍ରଦାନ କରାଯିବ। ସାରସ୍ୱତ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସାରସ୍ୱତ ସାଧିକା ଅଧ୍ୟାପିକା ଡକ୍ଟର ମୌସୁମୀ ପରିଡ଼ାଙ୍କୁ 'ସରଳା ଦେବୀ ସାରସ୍ୱତ ସମ୍ମାନ' ଦିଆଯିବ ବୋଲି ସଂସଦର ସମ୍ପାଦକ ଲକ୍ଷ୍ମୀପ୍ରକାଶ ମହାପାତ୍ର ସୂଚନା ଦେଇଛନ୍ତି।

## ଫସଲ ପରିସଂଖ୍ୟାନର ଉନ୍ନତି ନିମନ୍ତେ ବାର୍ଷିକ ତାଲିମ ଶିବିର



**କଟକ, ୧୭।୮ (ସମିସ):** କେନ୍ଦ୍ରାଞ୍ଚଳ ଯୁଗ୍ମ ନିର୍ଦ୍ଦେଶକ(ପରିସଂଖ୍ୟାନ) କଟକଙ୍କ ସମ୍ମିଳନୀ କକ୍ଷରେ ପରିସଂଖ୍ୟାନର ଉନ୍ନତି ନିମନ୍ତେ ଏକ ବାର୍ଷିକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଫସଲ ପରିସଂଖ୍ୟାନରେ ଉନ୍ନତି ହେଉଛି କ୍ଷେତ୍ର ଏକତ୍ରିକରଣ, ଉତ୍ପାଦନ ଆକଳନରେ ତ୍ରୁଟି ଖୋଜିବା ଓ ସଂଶୋଧନ କରିବା। ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଧାନ ଏବଂ ଅନ୍ୟାନ୍ୟ ୧୩ଟି ଅନୁସୂଚିତ କ୍ଷୁଦ୍ର ଫସଲର ଉତ୍ପାଦନ ଓ ଆକଳନ ସହିତ ଗଣନା ପାଇଁ ଏଷ୍ଟାବ୍ଲିସ୍‌ମେଣ୍ଟ ଅଫ୍ ଆନ୍ ଏଜେନ୍ସି ଫର୍ ରିପୋର୍ଟିଂ ଅଫ୍ ଏଗ୍ରିକଲଚର୍ ଷ୍ଟାଟିଷ୍ଟିକ୍( ଇଏଆର୍‌ଏଜେ) ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି ବିଭିନ୍ନ ଯୋଜନା ଅଧିନରେ ଚାଷୀଙ୍କୁ ସାମିଲ୍ କରି ଶସ୍ୟବାଟ ପ୍ରକ୍ରିୟା ସତର୍କତାର ସହ ସୀମିତ ସମୟ ମଧ୍ୟରେ କରିବା ଆବଶ୍ୟକ। କେନ୍ଦ୍ରାଞ୍ଚଳ ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳ ଅନ୍ତର୍ଗତ ୧୦ଟି ଜିଲ୍ଲାର ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ ଓ ପରିସଂଖ୍ୟାନ ଅଧିକାରୀମାନେ ଯୋଗ ଦେଇଥିଲେ। ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ ଏବଂ ସହକାରୀ ନିର୍ଦ୍ଦେଶକ ରଙ୍କନିଧି ନାୟକ ତାଲିମ ପ୍ରଦାନ କରିଥିଲେ। କେନ୍ଦ୍ରାଞ୍ଚଳ ସହକାରୀ ନିର୍ଦ୍ଦେଶିକା ଗୀତା ରାୟ ଧନ୍ୟବାଦ ଦେଇଥିଲେ। ଉପବିଭାଗ ଅଧିକାରୀ ଭାଗବତ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଟକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ



### ଗୁଣନିଧି ଭବନ

**କଟକ, ୧୭।୮ (ସମିସ):** ଗୁଣନିଧି ଭବନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ମହାସମାରୋହ ପାଳିତ ହୋଇଯାଇଛି। କଟକ ଥୋରିଆ ସାହିସ୍ଥିତ ଗୁଣନିଧି ଭବନରେ ଉତ୍କଳ ଖଦୀ ମଣ୍ଡଳର ସଭାପତି ବିଶିଷ୍ଟ ଗାନ୍ଧୀବାଦୀ ଆଇନଜୀବୀ ବୈଷ୍ଣବ ଚରଣ ଦାସ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ରମା ଦେବୀ ଗୁରୁ ବିଦ୍ୟା ମନ୍ଦିରର ୫୦ରୁ ଊର୍ଦ୍ଧ୍ୱ ଶିଶୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱାଧୀନତା ବିଷୟରେ ବକ୍ତବ୍ୟ ରଖିଥିଲେ। ଅନ୍ନପୂର୍ଣ୍ଣା ସାହୁ, ରବୀନ୍ଦ୍ର ମହାନ୍ତି, ଡ. ବିଶ୍ୱଜିତ ରାୟ, ରମାକାନ୍ତ ପରିଜା, ଅରବିନ୍ଦ ବର୍ମା, ଇନ୍ଦୁମତୀ ସାହୁ, ପ୍ରଣୟ ଦାସ, ସ୍ନେହାଂଶୁ ଦାସ, ବିଜୟଲକ୍ଷ୍ମୀ ମହାନ୍ତି, ବିରଞ୍ଚି ନାରାୟଣ ଗାଆଣ, ମାଳତୀ ଦେବୀ ଯୋଗଦେଇଥିଲେ। ଶେଷରେ ରମାଦେବୀ ଶିଶୁ ବିଦ୍ୟାଳୟର ଓ ସାଧାରଣ ଜନତାଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

### ନୂଆବଜାର ସେଣ୍ଟ ଜାଭିୟର୍ସ ସ୍କୁଲ



ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ବିଦ୍ୟାଳୟ ପ୍ରାଙ୍ଗଣରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ମହାନିର୍ଦ୍ଦେଶକ ଡଃ ଜି.ଏସ୍ ପଟ୍ଟନାୟକ, ନିର୍ଦ୍ଦେଶକ ଡଃ ପ୍ରଭୁ ଚରଣ ମହାନ୍ତି ଓ ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତ ମସଲାର ମହାନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପଣ୍ଡା ସ୍ୱର୍ଣ୍ଣିମ ଭାରତର ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ନାଗରିକମାନେ ସ୍ୱାବଲମ୍ବୀ ହେବା ଉଚିତ ବୋଲି କହିଥିଲେ। ବିଦ୍ୟାଳୟର କର୍ପୋରେଟ ମୁଖ୍ୟ ସମ୍ୟକ ମହାନ୍ତି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାଧୀନ ଭାରତର ବିକାଶଯାତ୍ରାକୁ ବଜାୟ ରଖିବା ନିମନ୍ତେ ଛାତ୍ରଛାତ୍ରୀମାନେ ପ୍ରତିଜ୍ଞାବଦ୍ଧ ହେବା ଉଚିତ୍ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଜ ଅଭିଭାଷଣରେ ପ୍ରକୃତ ସ୍ୱାଧୀନତାର ମର୍ମ ବୁଝାଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବକ୍ତୃତା, ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ବିଡାନାସୀ ପଥଚାରୀ ସଂଘ





ବିଡାନାସୀ ପଥଚାରୀ ସଙ୍ଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ବିଶିଷ୍ଟ କବି ଶୈଳଜ ରବି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଂଘର ସଭାପତି ଦେବେନ୍ଦ୍ର ସୂତାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡାକ୍ତର ପ୍ରସନ୍ନ କୁମାର ନାୟକ, ମହେନ୍ଦ୍ର କୁମାର ପଟ୍ଟନାୟକ, ରବୀନ୍ଦ୍ରନାଥ ସ୍ୱାଇଁ, ଡ. ବିଷ୍ଣୁଚରଣ ସାହୁ, ଜ୍ଞାନରଞ୍ଜନ ଦାସ, ସବିତା ରଞ୍ଜନ ପଟ୍ଟନାୟକ, ମନୋରଞ୍ଜନ ଦାସ, ରମେଶଚନ୍ଦ୍ର ବିଶ୍ୱାଳ, ମିଲୋନିକା ମହାନ୍ତି, ଶ୍ରୀଧର ମହାରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଦସ୍ୟଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ରାଜସ୍ୱ ପର୍ଷଦ କାର୍ଯ୍ୟାଳୟ

ରାଜସ୍ୱ ପର୍ଷଦ କାର୍ଯ୍ୟାଳୟ ପରିସରରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ରାଜସ୍ୱ ପର୍ଷଦର ଅତିରିକ୍ତ ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ, କଟକ ତଥା ଭାଗ ଭାରପ୍ରାପ୍ତ ନିବନ୍ଧନ ମହାନିରୀକ୍ଷକ ସୁମିତା ସରକାର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅତସୀ ଦାସ, ଅତିରିକ୍ତ ସଚିବ ବରେନ୍ଦ୍ର ଧଳ, ଅନିତା ପାତ୍ର, ବସନ୍ତ କୁମାର, ଯୁଗ୍ମ ସଚିବ ଶଶାଙ୍କ ଶେଖର ମିଶ୍ର, ଅନୁସଚିବ ଅରବିନ୍ଦ ସ୍ୱାଇଁ, କୋର୍ଟ ଅଫିସର ଜର୍ମନ ଟୁଡୁ, ବରିଷ୍ଠ ବ୍ୟକ୍ତିଗତ ସଚିବ ତଥା ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଭାଗ୍ୟଧର ସାହୁ, ଜଗଦୀଶ ପଟ୍ଟନାୟକ, ବସନ୍ତ ହାତୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ଜୀବନ ଏକ ପୁଷ୍ପ, ପ୍ରେମ ତାହାର ମଧୁ।
-ଭିକ୍ଟର ହ୍ୟୁଗୋ

## ଚେଇଁ ଶୋଇଥିବ ଯିଏ

ଆମ ସୁଖ ସୁବିଧା ପାଇଁ ଉଦ୍‌ଭାବିତ ଏହି ପ୍ଲାଷ୍ଟିକ୍ ନାମକ ପଲିମର ପଦାର୍ଥଟି ଏବେ କେବଳ ଆମ ଦୈନନ୍ଦିନ ଜୀବନଚର୍ଯ୍ୟାର ଅଂଶ ହୋଇନାହିଁ, ବରଂ ଆମ ଶରୀର ତନ୍ତ୍ରର ଉପାଦାନ ହୋଇସାରିଛି। ବିଡ଼ମ୍ବନା ହେଉଛି ଏଥିରୁ ମୁକ୍ତିର ଉପାୟ ଖୋଜି ବାହାର କରିବା ପାଇଁ ଯେତିକି ପ୍ରଚେଷ୍ଟା ହେଉଛି, ତା' ତୁଳନାରେ ବ୍ୟାବହାରିକ ମାନସିକତା ବଢ଼ିବାରେ ଲାଗିଛି। ପ୍ଲାଷ୍ଟିକ୍ ବର୍ଜ୍ୟ ସମସ୍ୟାର କଷଣ ଏବଂ ଆଗାମୀ ଦିନରେ ଏହାର ଭୟଙ୍କର ପରାଭବ ବିଷୟରେ ସମସ୍ତେ ଅବଗତ ଅଛନ୍ତି, ସମସ୍ୟାର ଭୁକ୍ତଭୋଗୀ ମଧ୍ୟ ହୋଇସାରିଛନ୍ତି। କିନ୍ତୁ ଏଥିରୁ ମୁକ୍ତିର ପଥ ଖୋଜିବା ବେଳକୁ ଦୁଇପାଦ ପଛକୁ ଘୁଞ୍ଚି ଆସୁଛନ୍ତି। ବିଚାରବିମର୍ଶ ଜରିଆରେ ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସର ବାଟ ବାହାର କରିବା ପାଇଁ ନିକଟରେ ଜେନେଭାଠାରେ ଦଶଦିନ ବ୍ୟାପୀ ଅନେକ ଆଲୋଚନାଚକ୍ର, ରୁଦ୍ଧଦ୍ୱାର ବିଚାରବିମର୍ଶ ହେବା ସତ୍ତ୍ୱେ ବୈଠକ ନିଷ୍କର୍ଷଶୂନ୍ୟ ହୋଇଛି। ଗତ ଆଠମାସ ଭିତରେ ଏହା ଦ୍ୱିତୀୟ ବିଫଳ ବୈଠକ। ପରିବେଶ ପ୍ରଦୂଷଣରେ ସିଂହଭାଗ ଅବଦାନ ରଖୁଥିବା ପ୍ଲାଷ୍ଟିକ୍ ଉତ୍ପାଦନ ନିୟନ୍ତ୍ରଣ ଆଲୋଚନା ବିଫଳ ହେବା ପୃଥିବୀ ପ୍ରତି ଶୁଭସଙ୍କେତ ନୁହେଁ।

ବିଶ୍ୱକୁ ପର୍ଯ୍ୟାୟକ୍ରମେ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ୨୦୨୪ ସୁଦ୍ଧା ଏକ ବୈଶ୍ୱିକ ଚୁକ୍ତିନାମା ସମ୍ପାଦନ କରିବାକୁ ୨୦୨୨ ମାର୍ଚ୍ଚ ମାସରେ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ଦ୍ୱାରା ଏକ ଯୁଗାନ୍ତକାରୀ ଉଦ୍ୟମ ଆରମ୍ଭ ହୋଇଥିଲା। ଏହାର ଏକ ସକାରାତ୍ମକ ଓ ପ୍ରଭାବଶାଳୀ ନିଷ୍କର୍ଷରେ ପହଞ୍ଚିବା ପାଇଁ ଅନ୍ତଃରାଷ୍ଟ୍ରୀୟ ଯୋଗାଯୋଗ କମିଟି(ଆଇଏନ୍‌ସି) ନେତୃତ୍ୱରେ ପାଞ୍ଚଟି ବୈଠକ ଧାର୍ଯ୍ୟ କରାଯାଇଥିଲା। ଗତବର୍ଷ ଡିସେମ୍ବର ମାସରେ ଦକ୍ଷିଣ କୋରିଆର ବୁସାନ୍‌ଠାରେ ପଞ୍ଚମ ତଥା ଶେଷ ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନଥିବାରୁ ବୈଠକକୁ ୨୦୨୫ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇଥିଲା। କିନ୍ତୁ ସଦ୍ୟତମ ବୈଠକରେ ମଧ୍ୟ 'ପ୍ଲାଷ୍ଟିକ୍‌କୁ ନା' କୁ କୌଣସି ରାଷ୍ଟ୍ର 'ହଁ' କହିବାକୁ ସାହସ ଜୁଟାଇ ନ ପାରିବା ପୃଥିବୀ ଓ ସଭ୍ୟତା ପାଇଁ ସତର୍କ ଘଣ୍ଟି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଏବଂ ତଦ୍‌ଜନିତ ପରିବେଶ ପ୍ରଦୂଷଣ ଓ ବିଶ୍ୱ ତାପନ ବୃଦ୍ଧି ନିୟନ୍ତ୍ରଣରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାରେ ଯେଉଁ ପ୍ରତିବନ୍ଧକ ଦେଖାଦେଇଛି ତାହା ପ୍ଲାଷ୍ଟିକ୍ ଉତ୍ପାଦନ ନିୟନ୍ତ୍ରଣ ଉଦ୍ୟମରେ ମଧ୍ୟ ପ୍ରତିଫଳିତ ହୋଇଛି। ତେଣୁ ପ୍ଲାଷ୍ଟିକ୍ ପଞ୍ଝାରୁ ନିକଟ ଭବିଷ୍ୟତରେ ମୁକ୍ତି ପାଇବାର ଆଶା କ୍ଷୀଣ।

'ପ୍ଲାଷ୍ଟିକ୍‌କୁ ନା' କୁ ବିରୋଧ କରୁଥିବା ଦେଶଗୁଡ଼ିକର ଯୁକ୍ତି ହେଲା ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସ ପାଇଲେ ତାହାର ପ୍ରଭାବ ବ୍ୟବସାୟ-ବାଣିଜ୍ୟ ଓ ଅର୍ଥନୀତି ଉପରେ ପଡ଼ିବ। ବିଡ଼ମ୍ବନା ହେଉଛି ଉତ୍କଟ ପ୍ରଦୂଷଣ ଓ ପ୍ଲାଷ୍ଟିକ୍ ବର୍ଜ୍ୟ ପାହାଡ଼ କୋଳକୁ ଧୀରେ ଧୀରେ ଚାଲିଯାଉଥିବା ଭାରତ ମଧ୍ୟ ପ୍ଲାଷ୍ଟିକ୍ ହ୍ରାସ ବିପକ୍ଷ ମତକୁ ସମର୍ଥନ କରିଛି। ଦକ୍ଷିଣ-ବିଶ୍ୱର ୨୦ଟି ବିକାଶଶୀଳ ରାଷ୍ଟ୍ର ବିଶ୍ୱର ପ୍ରାୟ ୬୯% ପ୍ଲାଷ୍ଟିକ୍ ପ୍ରଦୂଷଣ ସୃଷ୍ଟି ପାଇଁ ଦାୟୀ। ଏହି ରାଷ୍ଟ୍ରଗୁଡ଼ିକ ଦକ୍ଷିଣ-ଏସିଆ, ଦକ୍ଷିଣ-ପୂର୍ବଏସିଆ ଓ ସାହାରା-ଆଫ୍ରିକୀୟ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଛନ୍ତି। ଅପରପକ୍ଷରେ ଉତ୍ତର-ବିଶ୍ୱର ପ୍ରତିନିଧିତ୍ୱ କରୁଥିବା ବିକଶିତ ରାଷ୍ଟ୍ରମାନଙ୍କରୁ ସର୍ବାଧିକ ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି ହେଉଥିଲେ ମଧ୍ୟ ଉପଯୁକ୍ତ ପରିଚାଳନା ପୁନଃଚକ୍ରଣ ପଦ୍ଧତିର ସଠିକ୍ କାର୍ଯ୍ୟକାରିତା ଯୋଗୁଁ ସେହି ଦେଶଗୁଡ଼ିକ ପ୍ଲାଷ୍ଟିକ୍ ପ୍ରଦୂଷଣ ସୃଷ୍ଟି ତାଲିକାରେ ବହୁ ତଳେ ଅଛନ୍ତି। ତେଣୁ ବିକଶିତ ଦେଶମାନଙ୍କଠାରୁ ଆର୍ଥିକ ଓ ବୈଷୟିକ ସହାୟତା ଦାବିକୁ ଭାରତ ପ୍ଲାଷ୍ଟିକ୍ ବର୍ଜ୍ୟ ନିୟନ୍ତ୍ରଣରେ ମଧ୍ୟ ଦୋହରାଇଛି।

ବୈଠକ ବିଫଳ ହେବା ପଛର ଆଉ ଏକ କାରଣ ହେଲା ଚୁକ୍ତିନାମାର ଚିଠା ପ୍ରସ୍ତାବରେ ଥିବା ଦ୍ୱନ୍ଦ୍ୱ। ଚିଠା ପ୍ରସ୍ତାବରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ର ସଂଜ୍ଞା, ପ୍ଲାଷ୍ଟିକ୍ ବର୍ଜ୍ୟ ସମସ୍ୟା, ଏହାର ବିଘଟନ ପ୍ରଣାଳୀ ବିଷୟରେ ପ୍ରାଞ୍ଜଳ ଭାବେ ଉଲ୍ଲେଖ ନଥିବା ଅଭିଯୋଗ ହୋଇଛି। ନରୱେ, ପାନାମା ଗୋଷ୍ଠୀ, ୟୁରୋପୀୟ ସଂଘ, ୟୁକେ ପ୍ରମୁଖ ରାଷ୍ଟ୍ର ଜୀବଶ୍ମ ଇନ୍ଧନ ବ୍ୟବହାର ହ୍ରାସ ପାଇଁ ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସ ଘଟାଇବା ଜରୁରୀ ବୋଲି ବୈଠକରେ ମତ ଦେଇଥିବା ବେଳେ ଚୁକ୍ତିନାମାର ଚିଠାପ୍ରସ୍ତାବ ପରିବେଶ ସଂକ୍ରାନ୍ତୀୟ ହେବା ବଦଳରେ ବାଣିଜ୍ୟ ଭିତ୍ତିକ ହୋଇଥିବା ଅଭିଯୋଗ ଆଣିଥିଲେ ଭାରତ ସମେତ ଚୀନ୍, ରୁଷ୍, ଇରାନ୍, କୁଏତ୍ ଆଦି ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ପ୍ଲାଷ୍ଟିକ୍ ବିନା ଅର୍ଥନୀତି ପ୍ରଭାବିତ ହେବ ବୋଲି ବୋଲି ମଧ୍ୟ ସେମାନେ ଯୁକ୍ତି ଦର୍ଶାଇଥିଲେ। ତେଣୁ 'ପ୍ଲାଷ୍ଟିକ୍‌ମୁକ୍ତ ଭାରତ ଗଠନ' ସ୍ଲୋଗାନ୍ କେବଳ ଏକ ପ୍ରହସନ ଏବଂ ଦୋକାନବଜାର ଉପରେ ଚଢ଼ଉ କେବଳ ଲୋକଦେଖାଣିଆ ଭଳି ଲାଗୁ ନାହିଁ କି? କେତେକ ବିଶେଷଜ୍ଞଙ୍କ ମତରେ ପ୍ଲାଷ୍ଟିକ୍‌ର ବିକଳ୍ପ ବାହାରି ନ ଥିବାରୁ ଏହାର ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ହୋଇପାରିବ ନାହିଁ। ଆଉ କେତେକ ବିଶେଷଜ୍ଞଙ୍କ ମତରେ ସରକାର ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ସମ୍ପୂର୍ଣ୍ଣ ବନ୍ଦ କରିଦେଲେ ଅନେକ ଲୋକ ଜୀବିକା ହରାଇବେ। ତେଣୁ ଏହା ଏକ ଜୀବନ-ଜୀବିକା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଏହାର ସୁଯୋଗ ନେଇ ପ୍ଲାଷ୍ଟିକ୍ ରାଜର ଆଧିପତ୍ୟ ବଢ଼ିବାରେ ଲାଗିଛି।

ଯେଉଁମାନେ ପ୍ଲାଷ୍ଟିକ୍ ପ୍ରଦୂଷଣ ନିରୋଧୀ ଆଇନ୍ ପ୍ରଣୟନ କରୁଛନ୍ତି ଏବଂ ଏହା ସପକ୍ଷରେ ବିଭିନ୍ନ ମଞ୍ଚ, ସଭା, ସମିତିରେ ଭାଷଣ ଦେଉଛନ୍ତି ସେମାନେ ବ୍ୟକ୍ତିଗତ ଦୈନନ୍ଦିନ ଜୀବନରେ 'ପ୍ଲାଷ୍ଟିକ୍ ମୋହ'କୁ ପରିହାର କରିପାରୁନାହାନ୍ତି। ତେଣୁ ପ୍ଲାଷ୍ଟିକ୍ ପଞ୍ଝାରୁ ମୁକ୍ତିର ବାଟ ପ୍ରାୟତଃ ବନ୍ଦ ହୋଇସାରିଛି। ମାନବ ସଭ୍ୟତାକୁ ପ୍ଲାଷ୍ଟିକ୍ ସମ୍ପୂର୍ଣ୍ଣ କରାଗତ କରିବା ପୂର୍ବରୁ ବ୍ୟକ୍ତିଗତ ଓ ସରକାରୀ ସ୍ତରରେ ଆନ୍ତରିକ ଉଦ୍ୟମ ସହିତ ବଜାର ବିଶେଷଜ୍ଞ ଓ ଶିଳ୍ପ ଜଗତ ମଧ୍ୟ ଏ ଦିଗରେ ସମନ୍ୱୟ ରକ୍ଷା କରି ଏକ ବିଶ୍ୱବ୍ୟାପୀ ସର୍ବଗ୍ରହଣୀୟ ବିକଳ୍ପ ପନ୍ଥା ଆବିଷ୍କାର କରିବା ଉଚିତ। ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ଆଳରେ ପ୍ଲାଷ୍ଟିକ୍ ଉତ୍ପାଦନକୁ ବିରୋଧ କରୁଥିବା ରାଷ୍ଟ୍ରମାନେ ପ୍ରଥମେ ନିଜକୁ ପ୍ରଶ୍ନ କରିବା ଆବଶ୍ୟକ ଯେ ପ୍ଲାଷ୍ଟିକ୍ ଯୋଗୁଁ ପରିବେଶ ଉପରେ ଯେଉଁ କୁପ୍ରଭାବ ପଡୁଛି ସେଥିରେ ଅର୍ଥନୀତିର କ୍ଷତି ପରିମାଣ କେତେ? କିନ୍ତୁ ଚେଇଁ ଶୋଇଥିବ ଯିଏ ତା'କୁ ଉଠେଇବ କିଏ? ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ଯେ ପ୍ଲାଷ୍ଟିକ୍ ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ବନ୍ଦ କରିଦେଲେ ସମସ୍ୟା ରହନ୍ତା ନାହିଁ କି ଚଢ଼ଉର ଆବଶ୍ୟକତା ପଡ଼ନ୍ତା ନାହିଁ। କିନ୍ତୁ ଯେଉଁଠି ସରକାର ହିଁ ପ୍ଲାଷ୍ଟିକ୍ ସପକ୍ଷରେ ଯୁକ୍ତି ବାଢୁଛନ୍ତି ସେଠାରେ ପ୍ଲାଷ୍ଟିକ୍ ପଞ୍ଝାରୁ ମୁକ୍ତିର ବାଟ ଦେଖାଇବ କିଏ? ପ୍ଲାଷ୍ଟିକ୍ ପ୍ରାଦୁର୍ଭାବର ପରାଭବ ଆଖିସାମ୍ନାରେ ଥାଇ ମଧ୍ୟ ପ୍ଲାଷ୍ଟିକ୍‌କୁ 'ନା' ବଦଳରେ 'ହଁ' କହିବାର ପ୍ରତିଫଳ ମଣିଷକୁ ଖୁବ୍‌ଶୀଘ୍ର ଭୋଗିବାକୁ ପଡ଼ିବ।

## ମ୍ୟାଲେରିଆ ନିରାକରଣରେ ଦିଗହରା 'ଦମନ'

**ଡ.ଉଷାରାଣୀ ଦାଶ**

ଏକଦା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମ୍ୟାଲେରିଆ ନିରାକରଣରେ 'ଓଡ଼ିଶା ମଡେଲ୍'କୁ ଏକ ବିଶ୍ୱସ୍ତରୀୟ ସର୍ବୋତ୍ତମ ରୂପେ ସ୍ୱୀକୃତି ପ୍ରଦାନ କରିଥିବା ବେଳେ ଆଜି ଓଡ଼ିଶା ଜାତୀୟସ୍ତରରେ ସର୍ବୋଚ୍ଚ ମ୍ୟାଲେରିଆ ସଂଖ୍ୟାଯୁକ୍ତ ରାଜ୍ୟ ଭାବରେ ପରିଣତ ହୋଇଛି, ଯାହା ଅତ୍ୟନ୍ତ ଚିନ୍ତାଜନକ। ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କେନ୍ଦ୍ର ଅନୁଯାୟୀ, ରାଜ୍ୟରେ ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ୩୬, ୩୮୮ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି, ଯାହା ମେଲେରିଆ ପ୍ରବଣ ରାଜ୍ୟରୂପେ ଜଣାଶୁଣା ଛତିଶଗଡ଼୍, ତ୍ରିପୁରା, ମିଜୋରାମ୍, ପଶ୍ଚିମବଙ୍ଗ ଆଦି ରାଜ୍ୟଗୁଡ଼ିକୁ ଟପି ଯାଇଛି। ଓଡ଼ିଶାର ଛଅଟି ଜିଲ୍ଲାରେ ମୋଟ ମ୍ୟାଲେରିଆ ଆକ୍ରାନ୍ତଙ୍କ ୮୯ ପ୍ରତିଶତ ଅଛନ୍ତି। କଳାହାଣ୍ଡିରେ ସର୍ବାଧିକ ୮,୦୨୯, ରାୟଗଡ଼ାରେ ୭,୦୮୧, କନ୍ଧମାଳରେ ୪,୫୮୧, ମାଲକାନଗିରିରେ ୪,୨୪୩, କୋରାପୁଟରେ ୩,୯୯୬ ଏବଂ ମୟୂରଭଞ୍ଜରେ ୩,୪୨୧ ଜଣ ରୋଗୀ ଥିବା ଜଣାପଡ଼ିଛି। ୨୦୨୨ ମସିହାରୁ ରାଜ୍ୟରେ ଭେକ୍ଟର-ବାହିତ ରୋଗର କ୍ରମାଗତ ଭାବରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ଘଟିଚାଲିଛି। ୨୦୨୨ରେ ୨୩,୭୭୦ ରୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୨୦୨୩ରେ ୪୧,୯୭୩ ଓ ୪ ମୃତ୍ୟୁ, ୨୦୨୪ରେ ୬୮,୬୯୩ ଓ ୮ ଜଣଙ୍କ ମୃତ୍ୟୁ ସହିତ ମ୍ୟାଲେରିଆ ରୋଗୀ ସଂଖ୍ୟାରେ ଓଡ଼ିଶା ଲଗାତାର ତୃତୀୟ ବର୍ଷ ପାଇଁ ଦେଶରେ ଶୀର୍ଷରେ ରହିଥିଲା।

ଓଡ଼ିଶା ଏକ ମ୍ୟାଲେରିଆ ପ୍ରବଣ ରାଜ୍ୟ ଭାବରେ ଅପଖ୍ୟାତି ଅର୍ଜନ କରିଥିଲା। ୨୦୧୬ ମସିହାରେ ୪.୪୪ ଲକ୍ଷ ଆକ୍ରାନ୍ତ ହୋଇଥିବା ବେଳେ ୭୭ଜଣଙ୍କ ମୃତ୍ୟୁ ଘଟିଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ବିଶେଷକରି 'ଦମନ' କାର୍ଯ୍ୟକାରୀ ହେବା ପରେ ୨୦୧୮-୧୯ ମଧ୍ୟରେ ଓଡ଼ିଶାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୯୦% ହ୍ରାସ ପାଇଥିଲା। ୨୦୨୨ ମଧ୍ୟଭାଗ ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟାରେ ୯୫% ରୁ ଅଧିକ ହ୍ରାସ ହୋଇଥିଲା ଏବଂ ମ୍ୟାଲେରିଆ ଜନିତ ମୃତ୍ୟୁ ମାତ୍ର ୫ଜଣରେ ସୀମିତ ଥିଲା। ଏହି କାର୍ଯ୍ୟକ୍ରମକୁ ୨୦୨୨ରେ ୨୧ ଜିଲ୍ଲାକୁ ବିସ୍ତାର କରାଯାଇଥିଲା, ଯାହା ୨୦୩୦ ସୁଦ୍ଧା ମ୍ୟାଲେରିଆ ସମ୍ପୂର୍ଣ୍ଣ ନିରାକରଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା।

'ଦମନ' ହେଉଛି ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ନିମିତ୍ତ ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୧୬-୨୦୧୭ ମସିହାରେ ଆରମ୍ଭ ହୋଇଥିବା ଏକ ଯୋଜନା, ଯାହା ଓଡ଼ିଶାର ଅପହଞ୍ଚ ମ୍ୟାଲେରିଆ ପ୍ରବଣ ଅଞ୍ଚଳ ଏବଂ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସେବା ଅନୁପଲବ୍ଧ ଆଦିବାସୀ ଅଞ୍ଚଳରେ ମ୍ୟାଲେରିଆ ନିୟନ୍ତ୍ରଣ ଉପରେ ଧ୍ୟାନ ଦେଇଥିଲା। ଏହା ଦକ୍ଷିଣ ଓଡ଼ିଶାର ଆଠଟି ଅତ୍ୟନ୍ତ ମ୍ୟାଲେରିଆ ପ୍ରବଣ ଜିଲ୍ଲା ଯଥା କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ନୂଆପଡ଼ା ଏବଂ କନ୍ଧମାଳର ସମସ୍ତ ୭୯ଟି ବ୍ଲକର ସମସ୍ତ ୮, ୦୦୦ ଗାଁରେ କାର୍ଯ୍ୟକାରୀ ହୋଇଥିଲା। ଏଥିରେ ଦ୍ୱିବାର୍ଷିକ ସାମୂହିକ ଯାଞ୍ଚ, ଦ୍ରୁତ ରୋଗ ନିର୍ଣ୍ଣୟ ପରୀକ୍ଷା ଓ ଚିକିତ୍ସା, ଦୀର୍ଘସ୍ଥାୟୀ କୀଟନାଶକଯୁକ୍ତ ମଶାରୀ ବଣ୍ଟନ, ଡିଡିଟି କିମ୍ବା ପାଇରେଥ୍ରଏଡ୍ ବ୍ୟବହାର କରି ଘର ଅଭ୍ୟନ୍ତରରେ ସ୍ପ୍ରେ କରିବା ଏବଂ ଲାର୍ଭାଇଭୋରସ୍ ମାଛ ପରି ଜୈବିକ ନିୟନ୍ତ୍ରଣ ପଦ୍ଧତି ଅବଲମ୍ବନ ଏବଂ ଆଚରଣଗତ ପରିବର୍ତ୍ତନ ଅନ୍ତର୍ଭୁକ୍ତ ଥିଲା। ଏଥିରେ ଆଶାକର୍ମୀ, ଏଏନଏମ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଇସିଡିଏସ କର୍ମୀ ଏବଂ ବିଭିନ୍ନ ଗୋଷ୍ଠୀର ସ୍ୱେଚ୍ଛାସେବକମାନଙ୍କୁ ସାମିଲ କରଯାଇଥିଲା। ସ୍ୱାସ୍ଥ୍ୟ ଶିକ୍ଷା ସମେତ 'ମ୍ୟାଲେରିଆ ଶ୍ରମଧନ ଶିବିର' ଅଭିଯାନ ଦ୍ୱାରା ସଚେତନତା ଏବଂ ଭାଗିଦାରୀକୁ ବୃଦ୍ଧି କରାଯାଇଥିଲା।

ମାତ୍ର ପୂର୍ବ ସଫଳତା ସତ୍ତ୍ୱେ ଓଡ଼ିଶା ଏକ ମ୍ୟାଲେରିଆ ପ୍ରବଣ ରାଜ୍ୟ ଭାବରେ ଲଗାତାର ତିନିବର୍ଷ ଧରି ଶୀର୍ଷ ସ୍ଥାନରେ ରହିଆସିବା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଚିନ୍ତାଜନକ ବିଷୟ। ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଦ୍ୱାରା ଜାତୀୟ ଭେକ୍ଟର-ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଯାହା ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ସମ୍ପୂର୍ଣ୍ଣ ଚିକିତ୍ସା, ସମନ୍ୱିତ ଭେକ୍ଟର ପରିଚାଳନା, ନିରୀକ୍ଷଣ ଏବଂ ସ୍ୱାସ୍ଥ୍ୟ ଯୋଗାଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ଜ୍ୱର ଚିକିତ୍ସା ଡିପୋ, ଆର୍ଟେମିସିନିନ୍-ଆଧାରିତ ମିଶ୍ରଣ ଚିକିତ୍ସା, କୀଟନାଶକଯୁକ୍ତ ମଶାରୀ ବଣ୍ଟନ, ଲାର୍ଭିଭୋରସ୍ ମାଛ(ଯଥା, ଗାମ୍ବୁସିଆ ଆଫିନିସ୍) ନିୟୋଜନ, ଆଚରଣ ପରିବର୍ତ୍ତନ ଏବଂ କାର୍ଯ୍ୟକ୍ଷମ ଗବେଷଣା ଆଦି ମଧ୍ୟ ହାତକୁ ନିଆଯାଇଛି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଜାତୀୟ ଭେକ୍ଟର-ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଉପାଦାନଗୁଡ଼ିକୁ ଗ୍ରାମୀଣ ଓ ସହରାଞ୍ଚଳ ସେବା ସମନ୍ୱୟ, କର୍ମଚାରୀ ତାଲିମ ମାଧ୍ୟମରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଉନ୍ନତ ତଦାରଖ ମାଧ୍ୟମରେ ବୃଦ୍ଧି କରାଯାଇଛି। 'ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ'ର 'ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଲେରିଆ ରିସର୍ଚ୍ଚ' ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଏବଂ ପରୀକ୍ଷାଗାରରେ କୀଟନାଶକ ପ୍ରତିରୋଧ, ନୂତନ ଔଷଧ/ଟିକା ପରୀକ୍ଷଣ, ଭେକ୍ଟର ଆଚରଣ ଅଧ୍ୟୟନ ଆଦି କ୍ଷେତ୍ରରେ ଗବେଷଣା କରିବା ସହିତ ଜାତୀୟ ମ୍ୟାଲେରିଆ ନିୟନ୍ତ୍ରଣ ନୀତିକୁ ମାର୍ଗଦର୍ଶନ କରୁଛି।

ପୁନଶ୍ଚ 'ଦମନ'ର ଏକ ଅଗ୍ରଦୂତ ଭାବରେ ବ୍ୟାପକ କାର୍ଯ୍ୟକ୍ରମ ଯୋଗାଣ ଶୃଙ୍ଖଳକୁ ଉନ୍ନତ କରିବା ସହିତ ମାଇକ୍ରୋସ୍କୋପି କେନ୍ଦ୍ର ଆଦି ଭିତ୍ତିଭୂମି ସ୍ଥାପନ କରିଛି। 'ମ୍ୟାଲେରିଆ ଆଉ ନୁହେଁ' ସହିତ ମିଳିତ ସହଯୋଗରେ ରାଜ୍ୟ ପାଞ୍ଚ ବର୍ଷିଆ ବୁଝାମଣାପତ୍ର ଅଧୀନରେ ରିପୋର୍ଟିଂ ସଠିକତା, ପ୍ରଯୁକ୍ତିବିଦ୍ୟା ଓ ଆନ୍ତଃବିଭାଗୀୟ ସମନ୍ୱୟ ବୃଦ୍ଧି କରିବା ଏବଂ କୀଟତତ୍ତ୍ୱ କ୍ଷମତାକୁ ସୁଦୃଢ଼ କରିବା ଆଦି ଲକ୍ଷ୍ୟ ଉପରେ କାର୍ଯ୍ୟ ଜାରି ରହିବା ସହିତ ଓଡ଼ିଶାର ମ୍ୟାଲେରିଆ ପ୍ରବଣ ଜିଲ୍ଲାଗୁଡ଼ିକରେ ସତର୍କ ଦୃଷ୍ଟି ରଖାଯାଇଛି। ପରିବେଶଗତ ସଫାସୁତୁରା, ଜ୍ୱର ଚିକିତ୍ସା ଡିପୋ, ଦ୍ରୁତ ରୋଗ ନିର୍ଣ୍ଣୟ କିଟ୍, ଔଷଧର ବଫର ଷ୍ଟକ୍, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଇକ୍ରୋସ୍କୋପି କେନ୍ଦ୍ର, ସମର୍ପିତ ବ୍ଲକ-ସ୍ତରୀୟ ପରିଚାଳକ ଏବଂ ଡାଟା ଡିଜିଟାଇଜେସନଏବଂ ଏସିଟି ଆଧାରିତ ଚିକିତ୍ସା ଇତ୍ୟାଦି ମାଧ୍ୟମରେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ସମ୍ପୂର୍ଣ୍ଣ ଚିକିତ୍ସା ପ୍ରଦାନ କରାଯାଉଛି।

ମାତ୍ର ଯୋଜନାଗୁଡ଼ିକର ସଠିକ ପରିଚାଳନା ଓ ନିରନ୍ତର ପଦକ୍ଷେପ ଅଭାବରୁ ଓଡ଼ିଶାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧିଘଟୁଛି। ଯେଉଁ ଅଞ୍ଚଳରେ ଦୀର୍ଘସ୍ଥାୟୀ କୀଟନାଶକଯୁକ୍ତ ମଶାରୀ ତିନି ବର୍ଷରୁ ଅଧିକ ସମୟ ପୂର୍ବରୁ ବଣ୍ଟନ କରାଯାଇଥିଲା ସେଗୁଡ଼ିକ ଏବେ ଅକାମୀ ହୋଇପଡ଼ିଛି। ପୁନଃ ବଣ୍ଟନରେ ବିଳମ୍ବ ଆକ୍ରାନ୍ତ ସଂଖ୍ୟାକୁ ବୃଦ୍ଧି କରିଚାଲିଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି, ସାମୂହିକ ଯାଞ୍ଚ ମାଧ୍ୟମରେ ଚିହ୍ନଟ ହୋଇଥିବା ବହୁସଂଖ୍ୟକ ମ୍ୟାଲେରିଆ ଆକ୍ରାନ୍ତଙ୍କ ସୂଚନା 'ଦମନ' ଅଧୀନରେ ଥିବା ଆଦିବାସୀ ବିଦ୍ୟାଳୟଗୁଡ଼ିକରେ ଜାତୀୟ ନିରୀକ୍ଷଣ ପ୍ରଣାଳୀକୁ ନିୟମିତ ଭାବରେ ଦିଆଯାଉନାହିଁ। ତେଣୁ ପ୍ରକୃତ ସ୍ଥିତି ଜଣାପଡୁନାହିଁ ଏବଂ ନିରାକରଣ ବ୍ୟବସ୍ଥା ତ୍ୱରାନ୍ୱିତ ହୋଇପାରୁନାହିଁ। ସଠିକ୍ ମୂଲ୍ୟାଙ୍କନ ଓ ନିରାକରଣରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଏହାଛଡ଼ା ଓଡ଼ିଶାର ପରିବେଶଗତ ପରିସ୍ଥିତି ଦୃଷ୍ଟିରୁ ବିଚାର କଲେ ଦୁର୍ଗମ ଆଦିବାସୀ ଏବଂ ଜଙ୍ଗଲ ଅଞ୍ଚଳ, ବିଶେଷକରି ମାଲକାନଗିରି ଭଳି ଜିଲ୍ଲାଗୁଡ଼ିକରେ ମଶା ବଂଶ ବୃଦ୍ଧି ପାଇଁ ଅନୁକୂଳ ପରିସ୍ଥିତି ରହିଛି। ପ୍ରାଥମିକ ବାହକ ଆନୋଫିଲ୍ସ କୁଲିସିଫାସି ମଶା ପ୍ରଜାତି ମ୍ୟାଲେରିଆ ପ୍ରବଣତା ପାଇଁ ୬୫-୭୫% ଦାୟୀ। ଜଳାଶୟ, ଜଳସେଚିତ କ୍ଷେତ ଏବଂ ପଶୁପାଳନ ଆଶ୍ରୟସ୍ଥଳ ନିକଟରେ ଏହି ମଶାମାନେ ଅଧିକ ସଂଖ୍ୟାରେ ଡିମ୍ବ ଦିଅନ୍ତି। ଓଡ଼ିଶାରେ ବିଶେଷ ଚିନ୍ତାର ବିଷୟ ହେଉଛି ଡିଡିଟି ଓ ମାଲାଥିଅନ୍ ଭଳି କୀଟନାଶକ ପ୍ରତି ଏହାର ବଢୁଥିବା ପ୍ରତିରୋଧ। ସେହିପରି ଜଙ୍ଗଲ-ଆଧାରିତ ଜୀବନଶୈଳୀରେ ପ୍ରାୟତଃ ବାହାରେ କିମ୍ବା ଅସୁରକ୍ଷିତ ଆଶ୍ରୟସ୍ଥଳରେ ଲୋକମାନେ ଶୋଇଥା'ନ୍ତି ଏବଂ ମଶା କାମୁଡ଼ାର ଶିକାର ହେଉଛନ୍ତି। ଗମନାଗମନ ଓ ସ୍ୱାସ୍ଥ୍ୟସେବା ଉପଲବ୍ଧତା ସୀମିତ ହୋଇଥିବାରୁ ରୋଗ ନିର୍ଣ୍ଣୟ ଓ ଚିକିତ୍ସାରେ ବିଳମ୍ବ ହେଉଛି।

ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଜରୁରୀ ଆବଶ୍ୟକତାଗୁଡ଼ିକୁ ପୂରଣ କରିବାର ପ୍ରାଥମିକତା ରହିଛି। ସମସ୍ତ ଦମନ-ଚିହ୍ନିତ ମାମଲାଗୁଡ଼ିକୁ ଜାତୀୟ ବ୍ୟବସ୍ଥାରେ ତୁରନ୍ତ ସୂଚିତ କରିବା ଆବଶ୍ୟକ। ମଶାରୀରେ କୀଟନାଶକ ପ୍ରଭାବ ତିନି ବର୍ଷ କିମ୍ବା ୨୦ଥର ଧୋଇବା ପର୍ଯ୍ୟନ୍ତ ରହିଥାଏ ଏବଂ ୨୦୧୯ ପୂର୍ବରୁ ବଣ୍ଟନ କରାଯାଇଥିବା ମଶାରୀ ୨୦୨୨ ସୁଦ୍ଧା ବଦଳାଯିବା କଥା। ତଥାପି ଅନେକ ଗାଁରେ ନୂତନ ମଶାରୀ ଯୋଗାଇ ଦିଆଯାଇନାହିଁ। ଗତବର୍ଷ ରାଜ୍ୟ ସରକାରଙ୍କ ଦ୍ୱାରା ୫୬ ଲକ୍ଷ ମଶାରୀ ୧୦ଟି ଜିଲ୍ଲାରେ ବଣ୍ଟନ କରାଯାଇଛି, ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସରକାରଙ୍କର ଜନହିତକର ଯୋଜନାଗୁଡ଼ିକର ସୁପରିଚାଳନା ଓ ସମୟୋଚିତ ନିରନ୍ତର ପଦକ୍ଷେପ ନେବା ସହିତ ପରବର୍ତ୍ତୀ ସମୟରେ ଏହାର କାର୍ଯ୍ୟକାରିତାକୁ ଉପଯୁକ୍ତ ଭାବରେ ତଦାରଖ କରିବା ଦ୍ୱାରା ଏହା ଫଳପ୍ରଦ ହୋଇଥାଏ ଏବଂ ମୂଳ ଉଦ୍ଦେଶ୍ୟ ସାଧିତ ହୋଇଥାଏ। ନେଡ଼ିଗୁଡ଼ କହୁଣୀକୁ ବୋହିବା ପୂର୍ବରୁ ପ୍ରତ୍ୟେକ ସ୍ତରରେ ସଚେତନତା ଓ ନିଷ୍ଠାର ସହିତ କାର୍ଯ୍ୟ କରି ନିରନ୍ତର ପଦକ୍ଷେପ ନେଲେ 'ଦମନ' ପୁଣି ପ୍ରଭାବଶାଳୀ ହୋଇପାରିବ।

ଏମ୍ସ, ଭୁବନେଶ୍ୱର, ମୋ: ୯୪୩୮୧୩୩୬୧୨

## ଆତ୍ମଚିନ୍ତନ ବିନା ଜୀବନ ମୂଲ୍ୟହୀନ

**ଡ. ସ୍ୱାଧୀନ କୁମାର ଦାଶ**

ଜୀବନକୁ ଶୃଙ୍ଖଳିତ, ମାର୍ମିକ, ତତ୍ତ୍ୱଦର୍ଶୀ କରିବା ଲାଗି ବିଭିନ୍ନ ଧର୍ମ, ମତବାଦ, ଶାସ୍ତ୍ର, ପୁରାଣ ଓ ସଂହିତାମାନ ପ୍ରଣୟନ କରାଯାଇଛି। ହିନ୍ଦୁ ଧର୍ମାବଲମ୍ବୀମାନଙ୍କର ଭଗବତ୍ ଗୀତାର କର୍ମଯୋଗ, ରାଜଯୋଗ ଓ ଭକ୍ତିଯୋଗରେ ଶ୍ରୀକୃଷ୍ଣଙ୍କ ଶ୍ରୀମୁଖର ମାର୍ମିକ ବାଣୀ ସମୂହକୁ ଯଜନ କଲେ ମନୁଷ୍ୟର ଅନିୟନ୍ତ୍ରିତ ଜୀବନ ଚଳଣି ନିୟନ୍ତ୍ରିତ ହୋଇ ଜୀବନର ପ୍ରତ୍ୟେକଟି ସୋପାନକୁ ସୂକ୍ଷ୍ମ ଭାବେ ପରିଚାଳନା କରିବାର ଦକ୍ଷତା ହାସଲ କରି କୌଶଳର ଅଧିକାରୀ ହୋଇଥାଏ। ଖ୍ରୀଷ୍ଟ ଧର୍ମରେ ପବିତ୍ର ବାଇବେଲ୍‌ର ପୁରାତନ ନିୟମ, ଯାହା ୩୮ଟି ପୁସ୍ତକ ଓ ନୂତନ ନିୟମ ୨୭ଟି ପୁସ୍ତକ ମାଧ୍ୟମରେ ପ୍ରକାଶିତ ହୋଇଛି। ସେଗୁଡ଼ିକ ମୂଳତଃ ଈଶ୍ୱରଙ୍କର ବିହିତ ବାର୍ତ୍ତା ମାନବ ସମାଜର ମଙ୍ଗଳ, ସୁରକ୍ଷା ଓ ଉନ୍ନତି ପାଇଁ ପଥ ପ୍ରଦର୍ଶନ କରିବାର ସାମର୍ଥ୍ୟ ରଖିଛି। ଇସ୍‌ଲାମ ଧର୍ମର ପବିତ୍ର ଗ୍ରନ୍ଥ କୋରାନ୍‌ର ଦିବ୍ୟବାଣୀ ସମୂହ ଈଶ୍ୱରଙ୍କୁ ମନନ, ଚିନ୍ତନ ଓ ପ୍ରାର୍ଥନା ଦ୍ୱାରା ମନୁଷ୍ୟର ବହୁବିଧ ସମସ୍ୟାର ସମାଧାନ ହୋଇପାରିବ ବୋଲି ଉଦ୍‌ଘୋଷଣା କରୁଛି। ଏହିପରି ଅନେକ ସଂପ୍ରଦାୟର ମତବାଦୀମାନେ ଜୀବନର କଳା-କୌଶଳ ନୀତି-ନୈତିକତା ଶିକ୍ଷା ପ୍ରଦାନ କରି ଜୀବନକୁ ଅମୃତମୟ ପଥରେ ନେବା ଲାଗି ବିହିତ କୌଶଳମାନ ପ୍ରଦାନ କରିଛନ୍ତି।

ବର୍ତ୍ତମାନ ପ୍ରଶ୍ନ ଉଠେ ଏତେସବୁ ବିଧିବିଧାନ ପ୍ରଦାନ ଓ ସିଦ୍ଧିର ମାର୍ଗ ପ୍ରଣୟନ ସତ୍ତ୍ୱେ ଅନେକ ଜୀବନ ନିମ୍ନଗାମୀ କାହିଁକି? ପରଶ୍ରୀକାତରତା, ହୀନମନ୍ୟତା, ଦଙ୍ଗା, ହଙ୍ଗାମା ଓ ଦୁଶ୍ଚରିତ୍ର ବଶବର୍ତ୍ତୀ ହୋଇ ମାନବ କୁକର୍ମ କରିବସୁଛି। ଅଧୁନା ସମାଜରେ ମୃତ୍ୟୁର ତାଣ୍ଡବ ରଚନା କରିଚାଲିଛି ମଣିଷ। ପୋଥି ପୁରାଣର ବାଣୀ ସମୂହକୁ ମନରୁ ପାଶୋରି ପ୍ରବୃତ୍ତିମୁଖୀ ପରତନ୍ତ୍ରୀ ଚଳଣିରେ ଦିବ୍ୟ ଜୀବନକୁ ଧ୍ୱଂସାଭିମୁଖୀ ଆଡ଼କୁ ନେଇଚାଲିଛି। ଧର୍ମ ନାମରେ ବାହ୍ୟ ଆଡ଼ମ୍ବର ଓ ଚାକଚକ୍ୟତାକୁ ପ୍ରାଧାନ୍ୟ ଦିଆଯାଉଛି। ସମାଜ ବି ଦିନକୁ ଦିନ ବ୍ୟାଧିଗ୍ରସ୍ତ ହେବାରେ ଲାଗିଛି। ଜନୈକ ମହାପୁରୁଷଙ୍କ ଉକ୍ତିରେ 'ଧର୍ମ ଯଦି ନ ଫୁଟିଲା ଜୀବନର ପ୍ରତିକର୍ମେ, ବାତିଲ କରି ରଖ ତା'କୁ କି ହେବ ତୋର ସେଭଳି ଧର୍ମେ'। ଏଥିରୁ ଅନୁମେୟ ଯେ ଶାସ୍ତ୍ର ପୁରାଣ ସଂହିତା ଦ୍ୱାରା ପ୍ରଦତ୍ତ ବାଣୀସମୂହ କେବଳ ପଠନ ଆଉ ଲିଖନରେ ସୀମିତ ରହିଯାଏ ତେବେ ଜୀବନର ପୂର୍ଣ୍ଣତାର ସୂର୍ଯ୍ୟ ଅସ୍ତମିତ ହେବାକୁ ବେଶି ଡେରି ହୋଇନପାରେ।

ପ୍ରତ୍ୟେକ ମନୁଷ୍ୟ ସେ ରାଜା ହେଉ କି ରଙ୍କ, ଧନୀ ହେଉ କି ଗରୀବ, ଗଜମୂର୍ଖ ହେଉ କି ମହାପଣ୍ଡିତ ପ୍ରତ୍ୟେକଟି ପ୍ରାଣସତ୍ତା ଚାହେଁ ଆନନ୍ଦର ଅଧିକାରୀ ହେବା। ଯଦିଓ ସମସ୍ତ ଚରିତ୍ରକୁ ବିଭିନ୍ନ ଦୃଷ୍ଟିକୋଣରୁ ପର୍ଯ୍ୟାଲୋଚନା କଲେ ପ୍ରତ୍ୟେକଙ୍କର ଜୀବନଶୈଳୀ ସ୍ୱତନ୍ତ୍ର ହୋଇଥାଇପାରେ, କିନ୍ତୁ ଆନନ୍ଦ ପ୍ରାପ୍ତିର ସାଧନ ନିଜସ୍ୱ ବିହିତ କର୍ମ, ମାନସିକତାର ସକାରାତ୍ମକ ପରିବର୍ତ୍ତନ ଓ ସତ୍‌ପଥର ପଥିକ ହେବାର ମାର୍ମିକତା ଦ୍ୱାରା ସମ୍ଭବ। ସୂର୍ଯ୍ୟଙ୍କର ଉଦୟ-ଅସ୍ତ, ରାତି ଓ ଦିନର ଆଗମନ ଯେପରି ଚିରାଚରିତ ଗତିଶୀଳ, ସେହିପରି ଜୀବନ ଓ ମୃତ୍ୟୁ ମଧ୍ୟ ସମାନ ପ୍ରକ୍ରିୟା। ଜୀବନ ଓ ମୃତ୍ୟୁ ମଧ୍ୟର ପ୍ରବାହିତ ଗତି ଯଦିଓ ଏକ ସରଳରେଖା ସଦୃଶ ନୁହେଁ, ପରନ୍ତୁ ସଂଘର୍ଷମୟ, ଜଞ୍ଜାଳପୂର୍ଣ୍ଣ, ଦୁଃଖ ଓ ସୁଖରେ ଭରା। କିନ୍ତୁ ଜୀବନକୁ କୌଶଳରେ ଚଳାଇ ନେଉଥିବା ବ୍ୟକ୍ତି ହିଁ ପୂର୍ଣ୍ଣ ଜୀବନର ଅଧିକାରୀ ହୋଇଥାଏ। ଚେତନା ବିଶିଷ୍ଟ ଆତ୍ମା ଜୀବନକୁ ମୂଲ୍ୟାଙ୍କନ କରି ନିଷ୍ଠା ନିପୁଣ ଅଧ୍ୟୟନ ପୂର୍ବକ କୃତକାର୍ଯ୍ୟ ହାସଲ ଦ୍ୱାରା ନିଜେ ଆନନ୍ଦର ଅଧିକାରୀ ହେବା ସହ ପରିବେଶକୁ ଆନନ୍ଦ ପରଶିବାରେ ସିଦ୍ଧହସ୍ତ ପୁରୋଧା ଭୂମିକା ନିର୍ବାହ କରିଥାଏ।

ଧର୍ମକୁ ନେଇ ଏତେସବୁ ମାର୍ମିକ ଗାଥା ଦେଖିବାକୁ ଓ ଶୁଣିବାକୁ ମିଳୁଥିଲେ ମଧ୍ୟ ବାସ୍ତବିକ ଧର୍ମର ପ୍ରକୃତ ଅର୍ଥ କ'ଣ ତାହା ଆଜିବି ଅନେକଙ୍କୁ ଅଗୋଚର। ଉଦାହରଣ ସ୍ୱରୂପ ଆମମାନଙ୍କର ଜୀବନ ଯେପରି ପିତାମାତାଙ୍କର ମିଳନ ଓ ଧାତୁଗତ ସମଷ୍ଟିରୁ ଉତ୍ପତ୍ତି। ଠିକ୍ ସେହିପରି ଶବ୍ଦାର୍ଥର ଭାବାର୍ଥ ବୁଝାପଡ଼େ ଶବ୍ଦର ଧାତୁଗତ ମର୍ମରୁ। ଧର୍ମ ଧୃ ଧାତୁରୁ ଉତ୍ପନ୍ନ ଏବଂ ଧୃ ଧାତୁର ଅର୍ଥ ଧାରଣ କରିବା, ଅତୁଟ ରଖିବା ଓ ବହନ କରିବା। ଏଥିରୁ ସ୍ପଷ୍ଟ ଅନୁମେୟ ଧର୍ମ ହିଁ ଜୀବନର ନିୟାମକ, ଧର୍ମ ହିଁ ଜୀବନର ରତିକ୍, ଧର୍ମ ହିଁ ବର୍ଦ୍ଧନାର ପଥ, ଧର୍ମ ହିଁ ଆନନ୍ଦ ପ୍ରାପ୍ତିର ପୁରୋହିତ। ତେଣୁ ଧର୍ମକୁ ବାଦ୍ ଦେଇ ଜୀବନର ପୂର୍ଣ୍ଣତା ପ୍ରାପ୍ତିର ଆଶାବୃଥା। ଏଠାରେ ଜୀବନ ସମ୍ବନ୍ଧରେ ପୃଥିବୀର ବିଶିଷ୍ଟ ବିଶିଷ୍ଟ ଦାର୍ଶନିକମାନଙ୍କର ମତବାଦକୁ ବିଚାରକୁ ନିଆଯାଇପାରେ। ସେମାନଙ୍କର ଦାର୍ଶନିକ ପୂର୍ଣ୍ଣ ଆତ୍ମଚିନ୍ତନ ଓ ତଥ୍ୟଭିତ୍ତିକ ଦିଗ୍‌ଦର୍ଶନ ମାନବକୁ ବିପଥରୁ ରକ୍ଷା କରି ଶାନ୍ତିର ପ୍ରଶସ୍ତ ରାଜମାର୍ଗ ଦେଖାଇଦେବାର ସାମର୍ଥ୍ୟ ରଖେ। ଗ୍ରୀକ୍ ଦାର୍ଶନିକ ପ୍ଲେଟୋ ମାନବ ଜୀବନ ସମ୍ବନ୍ଧରେ ଖ୍ରୀଷ୍ଟପୂର୍ବ ୪୪୭ ଶତାବ୍ଦୀରେ ଦେଇଥିବା ସାରଗର୍ଭକ ଉପଦେଶମାନ ଆଜି ବି ସୁନ୍ଦର ଜୀବନର ପଥ ନିର୍ଦ୍ଦେଶିତ କରେ। ପ୍ଲେଟୋଙ୍କ ମତରେ ପ୍ରତିଟି ଜୀବନ ଅନୁସନ୍ଧାନମୂଳକ। ଗଛର ଜୀବନ ଥାଇ ମଧ୍ୟ ଆତ୍ମଚିନ୍ତନ ନଥିବା ଯୋଗୁଁ ମୂକ ପରି ସବୁକିଛି ସହି ବୋହି ଜୀବନର ପ୍ରକୃତ ସ୍ୱାଦ ଆସ୍ୱାଦନ କରିବାରେ ସକ୍ଷମ ହୁଏ ନାହିଁ। ସୁତରାଂ ସୃଜନଶୀଳତା, ନୈତିକତା ମୂଲ୍ୟବୋଧାତ୍ମକ ବିଚାର ଓ ନିୟମ ମଣିଷକୁ ବାସ୍ତବଧର୍ମୀ କରି ମୋକ୍ଷ ପ୍ରଦାନ କରେ। ଅନ୍ୟପକ୍ଷରେ ସ୍ୱାର୍ଥପୂର୍ଣ୍ଣ, ଅହଂକାରୀ, ନିଷ୍ଠୁର, କଦାଚାରୀ, ହୀନମନ୍ୟତା ଧାରୀ ବ୍ୟକ୍ତି ଆହାର, ନିଦ୍ରା, ମୈଥୁନକୁ ଜାବୁଡି ଧରି ସ୍ୱାର୍ଥସର୍ବସ୍ୱ ବିବେଚନା ପୂର୍ବକ ଜୀବନର ଅସଲ ରସ ଆସ୍ୱାଦନର ନିଜକୁ ନିବୃତ୍ତ କରେ। ଅତଏବ ମାନବ ସମୂହ ଶାସ୍ତ୍ର, ଧର୍ମ, ତତ୍ତ୍ୱ, ଜ୍ଞାନ ଓ ସାଧୁସଙ୍ଗ ରୂପକ ପରଶମଣିର ପରଶରେ ଆସି ଜୀବନର ମୂଳ ଲକ୍ଷ୍ୟକୁ କୋଳାଗ୍ରତ କରି ପୂର୍ଣ୍ଣତା ହାସଲ ପୂର୍ବକ ଅନେକ ଜନ୍ମର ତପବଳରେ ପ୍ରାପ୍ତ ଏହି ଦୁର୍ଲଭ ମାନବ ଜୀବନକୁ ସାର୍ଥକ ମଣ୍ଡିତ କରି ତୋଳିବ।

ଭୁବନେଶ୍ୱର, ମୋ: ୯୯୩୭୭୮୧୦୧୨

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### ଅମୃତଭଣ୍ଡା

**ସୌଭାଗ୍ୟସୁନ୍ଦର**

ଅମୃତଭଣ୍ଡା ଏକ ନରମ କାଣ୍ଡ ବିଶିଷ୍ଟ, ଚିରହରିତ ଗଛ, ଯାହା ଆମେରିକାର ଉଷ୍ମମଣ୍ଡଳୀୟ ଅଞ୍ଚଳର ମୂଳଜାତ ଉଦ୍ଭିଦ। ୧୮ ଶତାବ୍ଦୀର ପର୍ଯ୍ୟଟକ ଏବଂ ଉଦ୍ଭିଦ ବିଜ୍ଞାନୀମାନଙ୍କ ଐତିହାସିକ ବିବରଣୀ ଅନୁଯାୟୀ ଭଣ୍ଡା ବିହନ କାରିବିଆନରୁ ମାଲାକା (ମାଲାସିଆରେ), ଫିଲିପାଇନ୍ସ ଏବଂ ତା'ପରେ ଭାରତକୁ ପରିବହନ କରାଯାଇଥିଲା। ଆଜି ଭଣ୍ଡା ବିଭିନ୍ନ ଜଳବାୟୁ ସହିତ ଖାପ ଖାଉଥିବା ଏବଂ ଏକ ଉଷ୍ମମଣ୍ଡଳୀୟ ଫଳ ଭାବରେ ଲୋକପ୍ରିୟତା ହେତୁ ସାରା ବିଶ୍ୱରେ ବ୍ୟାପକ ଭାବରେ ଚାଷ କରାଯାଏ। ଅସାଧାରଣ ପୁଷ୍ଟିକର ଏବଂ ଔଷଧୀୟ ଗୁଣ ପାଇଁ ଅମୃତଭଣ୍ଡା ବର୍ତ୍ତମାନ ଭାରତ, ହାୱାଇ, ମଧ୍ୟ ଆଫ୍ରିକା, ଅଷ୍ଟ୍ରେଲିଆ ସମେତ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଚାଷ କରାଯାଏ।

ଅମୃତଭଣ୍ଡା ୫ ରୁ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ପହଞ୍ଚି ପାରେ। କେତେକ ସମୟରେ ଏହା ବିରଳ ଭାବରେ ଶାଖାଯୁକ୍ତ ହୋଇଥାଏ। ପତ୍ରଗୁଡ଼ିକ କାଣ୍ଡର ଶୀର୍ଷରେ କୁଣ୍ଡଳାକାର ଭାବରେ ସଜାଯାଇଥାଏ। କାଣ୍ଡର ନିମ୍ନ ଭାଗରେ ପତ୍ର ଏବଂ ଫଳ ଝଡ଼ା ଦାଗ ସ୍ପଷ୍ଟ ଭାବରେ ବାରି ହୁଏ। ପତ୍ରଗୁଡ଼ିକ ଆକାରରେ ବଡ଼, ଲମ୍ବା ଡେମ୍ଫ ଯୁକ୍ତ, ୫୦-୭୦ ସେମି ବ୍ୟାସ ବିଶିଷ୍ଟ। ପତ୍ର ଧାର ସାତଟି ଲୋବ ବା ପାଳିରେ ବିଭକ୍ତ। ଫଳ ହେଉଛି ପ୍ରାୟ ୧୫-୪୫ ସେମି ଲମ୍ବା ଏବଂ ୧୦-୩୦ ସେମି ବ୍ୟାସ ବିଶିଷ୍ଟ ଏକ ବଡ଼ ବେରି। ଫଳର ମଧ୍ୟଭାଗରେ ଏକ ବଡ଼ କେନ୍ଦ୍ରୀୟ ଗହ୍ୱରର କାନ୍ଥ ସହିତ ଅନେକ କଳା ବିହନ ସଂଲଗ୍ନ ଥାଏ। ବିହନଗୁଡ଼ିକ ଦେଖିବାକୁ ଗୋଲମରିଚ ଭଳି। ଫଳ କଞ୍ଚା ଥିବା ବେଳେ ଟାଣ ଥାଏ, ଚର୍ମ ସବୁଜ ଥାଏ, ତେବେ ପାଚିଲା ଫଳ ନରମ ହୁଏ ଏବଂ ଏହାର ଚର୍ମ କମଳା ରଙ୍ଗ ପ୍ରାପ୍ତ କରିଥାଏ।

ଅମୃତଭଣ୍ଡା କଞ୍ଚା ଫଳ ରୋଷେଇ କରି ଖିଆ ଯାଏ। ପାଚିଲା ଫଳ ଅମୃତ ସମ। ତେଣୁ ଏହାକୁ ଅମୃତଭଣ୍ଡା କୁହାଯାଏ। ଏହା ଅନେକ ଦେଶରେ ଏକ ଲୋକପ୍ରିୟ ନାସ୍ତା ଫଳ ଓ ସାଲାଡ, ପାଇ, ସରବେଟ୍, ଜୁସ୍ ଓ ମିଠାରେ ମଧ୍ୟ ବ୍ୟବହୃତ ହୁଏ। ସବୁଜ ଅମୃତଭଣ୍ଡା ଫଳର ଖୀର ବା ଲାଟେକ୍ସ ପାପେନ୍ ରେ (ଏକ ପ୍ରକାର ସିଷ୍ଟାଇନ୍ ପ୍ରୋଟିଏଜ୍) ଭରପୂର ଥାଏ, ଯାହା ମାଂସ ଏବଂ ଅନ୍ୟାନ୍ୟ ପ୍ରୋଟିନ୍‌କୁ ନରମ କରିବା ପାଇଁ ବ୍ୟବହୃତ ହୁଏ।

ଅମୃତଭଣ୍ଡାର ଅନେକ ଔଷଧୀୟ ଉପକାରିତା ରହିଛି। ଏଥିରେ ଚର୍ବି-ଦ୍ରବଣୀୟ ଭିଟାମିନ୍, ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟର ଉଚ୍ଚ ପରିମାଣ ଥାଏ। ଏଥିରେ ଫୋଲିକ୍ ଏସିଡ୍ ଥାଏ, ଯାହା ଜୈବିକ ଯୌଗିକ ହୋମୋସିଷ୍ଟାଇନ୍‌କୁ କମ୍ କ୍ଷତିକାରକ ଆମିନୋ ଏସିଡରେ ପରିଣତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ନିୟମିତ ଅମୃତଭଣ୍ଡା ଖାଇବା ଦ୍ୱାରା ହୃଦରୋଗର ଆଶଙ୍କା କମିପାରେ। ଏକ ମଧ୍ୟମ ଆକାରର ଅମୃତଭଣ୍ଡା ରେ ପ୍ରତିଦିନ ଆବଶ୍ୟକ ହେଉଥିବା ଭିଟାମିନ୍ ସି ର ୨୦୦% ରୁ ଅଧିକ ପରିମାଣ ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ଫୋଲେଟ୍, ଭିଟାମିନ୍ ଏ, ଫାଇବର, କପର, ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଓ ପାଣ୍ଟୋଥେନିକ୍ ଏସିଡର ଏକ ଭଲ ଉତ୍ସ। ଅମୃତଭଣ୍ଡା ଫଳରେ ଦୁଇଟି ଏନଜାଇମ ବା ପାଚକ ରସ, ପାପେନ୍ ଓ କାଇମୋପାପେନ୍ ଥାଏ। ଉଭୟ ଏନଜାଇମ ପ୍ରୋଟିନ ହଜମ ପ୍ରକ୍ରିୟାରେ ସାହାଯ୍ୟ କରନ୍ତି ଏବଂ ପ୍ରଦାହ କମ କରନ୍ତି। ଏଗୁଡ଼ିକ ପୋଡ଼ା କିମ୍ବା ଆଘାତ ଭଳି ତୀବ୍ର ଯନ୍ତ୍ରଣା ଉପଶମରେ ମଧ୍ୟ ସାହାଯ୍ୟ କରିପାରନ୍ତି। ଏହାବ୍ୟତୀତ ଗଣ୍ଠିରୋଗ ଓ ଆସ୍ଥମା ଭଳି ଦୀର୍ଘକାଳୀନ ରୋଗ ଉପଶମ ପାଇଁ ବ୍ୟବହାର ହୁଏ। ଏହାର ଚୋପା, ପଲ୍ପ ଓ ବିହନରେ କ୍ୟାରୋଟିନଏଡ୍ସ ଓ ପଲିଫେନୋଲ୍ସ ସମେତ ବିଭିନ୍ନ ପ୍ରକାରର ଫାଇଟୋକେମିକାଲ୍ସ ବେଞ୍ଜାଇଲ୍ ଆଇସୋଥିଓସାଇଆନେଟ୍ସ ଓ ବେଞ୍ଜାଇଲ୍‌ଗ୍ଲୁକୋସିନେଟ୍ସ ଥାଏ। ପାଚିଲା ଫଳରେ କ୍ୟାରୋଟିନଏଡ୍ସ, ଲ୍ୟୁଟିନ୍, ବିଟା-କ୍ୟାରୋଟିନ୍, ଲାଇକୋପିନ୍ ପ୍ରମୁଖ ଥାଏ। ଭଣ୍ଡା ବିହନରେ ସାଇନୋଜେନିକ୍ ପଦାର୍ଥ ପ୍ରୁନାସିନ୍ ମଧ୍ୟ ଥାଏ। କଞ୍ଚା ଭଣ୍ଡା ଫଳରେ ଏକ ଲେଟେକ୍ସ ଖିର ତରଳ ପଦାର୍ଥ ନିର୍ଗତ ହୁଏ, ଯାହା କିଛି ଲୋକଙ୍କ ମଧ୍ୟରେ ଜ୍ୱଳନ ଓ ଆଲର୍ଜି ପ୍ରତିକ୍ରିୟା ସୃଷ୍ଟି କରିପାରେ।

୨୦୨୨ ରେ ଭଣ୍ଡା ର ବିଶ୍ୱ ଉତ୍ପାଦନ ୧୩.୮ ନିୟୁତ ଟନ୍ ଥିଲା, ଯାହାର ନେତୃତ୍ୱ ଭାରତ ନେଇଥିଲା। ବିଶ୍ୱର ମୋଟ ଉତ୍ପାଦନର ୩୮% ଭାରତରେ ହୋଇଥିଲା। ଯୁକ୍ତରାଷ୍ଟ୍ର ଆମେରିକା ଅମୃତଭଣ୍ଡାର ସବୁଠାରୁ ବଡ଼ ଆମଦାନୀକାରୀ ରାଷ୍ଟ୍ର। ଭଣ୍ଡା ଗଛ ସାଧାରଣତଃ ଏକ ଲିଙ୍ଗ ବିଶିଷ୍ଟ। ତେବେ ବୈଜ୍ଞାନିକ ଗବେଷଣା ଫଳରେ ହର୍ମାଫ୍ରୋଡାଇଟ୍ ବା ଦ୍ୱିଲିଙ୍ଗ ବିଶିଷ୍ଟ ଭଣ୍ଡା ଉପଲବ୍ଧ ହେଲାଣି, ଯାହା ଅଧିକ ଅମଳ ଦିଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ**

# ବିମାନବନ୍ଦରରେ ବଦଳ ହୋଇଗଲା ଶବ

ସୋର,୧୭।୮ (ସମିସ): ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଜଣେ ଯୁବକଙ୍କ ଶବ ବଦଳ ହୋଇଯାଇଛି। ଜଣେ ଓଡ଼ିଆ ଯୁବକଙ୍କ ଶବ ପଶ୍ଚିମବଙ୍ଗ ପଳାଇଥିବା ବେଳେ ସେଠାକାର ଜଣେ ଯୁବକଙ୍କ ବାଲେଶ୍ୱରରେ ପହଞ୍ଚିଛି। ମୃତଦେହକୁ ଦେଖି ପରିବାରଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ପୁଅର ଶବ ଆଣିବାକୁ ପଶ୍ଚିମବଙ୍ଗ ସିଲିଗୁଡ଼ି ଯାଇଛନ୍ତି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ମୂଳିସିଂ ପଞ୍ଚାୟତ ମୂଳିସିଂ ଗ୍ରାମର ପ୍ରଶାନ୍ତ ସଙ୍କ ପୁଅ ରାକେଶ(୨୧)।

**ପୁଅର ଶବ ଆଣିବାକୁ ସିଲିଗୁଡ଼ି ଗଲେ ପରିବାରଲୋକେ**

ରାକେଶ ଗତ ୩ବର୍ଷ ଧରି ବେଙ୍ଗାଲୁରୁର ଏକ ସଫ୍ଟୱେର୍ କମ୍ପାନୀରେ କାମ କରୁଥିଲେ। ଗତ ୧୦ ତାରିଖ ଦିନ ସେ ନିଜ ଭଡ଼ାଘରେ ଥିବା ବେଳେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ତାଙ୍କୁ ସେଠାକାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ଶବକୁ ତାଙ୍କ ବାପା ବିମାନରେ ଭୁବନେଶ୍ୱର ଆଣିଥିଲେ। ପରେ ଶବକୁ ଏକ ଆମ୍ବୁଲାନ୍ସରେ ଭୁବନେଶ୍ୱରରୁ ଅଣାଯାଇଥିଲା। କିନ୍ତୁ ପରିବାରଲୋକେ ଗ୍ରାମରେ କଫିନ୍ ଖୋଲିବା ପରେ ଅନ୍ୟ ଜଣଙ୍କ ଶବ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରିବାରଲୋକେ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବା ପରେ ଉକ୍ତ ବିମାନରେ ରାକେଶ ନାମରେ ଦୁଇଟି ଶବ ଆସିଥିଲା। ଗୋଟିଏ ମୂଳିସିଂ ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ ପଶ୍ଚିମବଙ୍ଗ ସିଲିଗୁଡ଼ି ଅଞ୍ଚଳର ହୋଇଥିବା କର୍ତ୍ତୃପକ୍ଷ କହିଥିଲେ। ପରିବାରଲୋକେ ଏହା ଜାଣିବା ପରେ ତାଙ୍କ ପୁଅର ଶବ ଆଣିବାକୁ ପଶ୍ଚିମବଙ୍ଗ ସିଲିଗୁଡ଼ି ଅଭିମୁଖେ ଯାଇଥିବା ଜଣାପଡ଼ିଛି।

# ୨୪ ଘଣ୍ଟାରେ ବଦଳିଗଲା ନିଷ୍ପତ୍ତି

## ମୁଖ୍ୟମନ୍ତ୍ରୀଙ୍କୁ ଅନ୍ଧାରରେ ରଖିଲେ ବିଭାଗୀୟ ମନ୍ତ୍ରୀ

ଭୁବନେଶ୍ୱର,୧୭।୮ (ସମିସ): ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ନିଜ ସମ୍ବୋଧନରେ ରାଜ୍ୟରେ ନୂଆ ୨୧ ଏନଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ପ୍ରତିଷ୍ଠା ହେବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କଲେ। ମାତ୍ର ଏହାର ଦିନକଟିଏ ପରେ ବିଭାଗ ମାତ୍ର ୧୨ଟି ନୂଆ ଏନଏସି ପ୍ରତିଷ୍ଠା ହେବା ନେଇ ବିଧିବଦ୍ଧ ଭାବେ ଚିଠା ବିଜ୍ଞପ୍ତି ପ୍ରକାଶ କଲା। ମାତ୍ର ୨୪ ଘଣ୍ଟା ମଧ୍ୟରେ ଏନଏସି ସଂଖ୍ୟା ୨୧ରୁ ୧୨କୁ କିପରି କମିଗଲା ଏବଂ ଏହି ନିଷ୍ପତ୍ତି ପଛରେ କାରଣ କଣ, ତାହାକୁ ନେଇ ଏବେ ରାଜ୍ୟ ପାୱାର କରିଡରରେ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି। ଏହା ପଛରେ ଅନ୍ୟ କାହାର ହାତ ରହିଛି, ତାହା ଏବେ ଆଲୋଚନାର ବିଷୟ ହୋଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଧୀନତା ଦିବସ ଭାଷଣ ପ୍ରସ୍ତୁତ ପୂର୍ବରୁ ନୂଆ ଏନଏସି ଘୋଷଣା ନେଇ ନିଷ୍ପତ୍ତି ସରିଥିଲା। ରାଜ୍ୟବ୍ୟାପୀ ନୂତନ ଭାବେ ୨୧ଟି ଏନଏସି ପ୍ରତିଷ୍ଠା ପାଇଁ ବିଭାଗୀୟସ୍ତରରେ ଫାଇଲ ପ୍ରସ୍ତୁତ ହୋଇ ରହିଥିଲା। ଏପରିକି ଏ ସଂକ୍ରାନ୍ତ ବିଜ୍ଞପ୍ତି ଫାଇଲରେ ମନ୍ତ୍ରୀ ମଧ୍ୟ ସ୍ୱାକ୍ଷର କରିସାରିଥିଲେ। ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା

### ୨୧ରୁ ଏନଏସି ୧୨କୁ ହ୍ରାସ ପଛରେ କାହା ହାତ

ତଥ୍ୟ ଆଧାରରେ ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ୨୧ଟି ପୌରାଞ୍ଚଳ ଗଠନ ନିମନ୍ତେ ଘୋଷଣା କଲେ। ରାଜ୍ୟର ଦ୍ରୁତ ବିକାଶ ଓ ଅଭିବୃଦ୍ଧି ସହ ଜନ ସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ ଅଭିଭାଷଣରେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମ୍ବୋଧନ ପରେ ସମ୍ଭାବିତ ୨୧ଟି ଏନଏସି ତାଲିକାକୁ ନେଇ ଉତ୍ସାହିତ ହୋଇ ପଡ଼ିଥିଲେ ରାଜ୍ୟବାସୀ।

ମାତ୍ର ଏହାର ଗୋଟିଏ ଦିନ ପରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ତାଲିକାରେ ଏନଏସି ତାଲିକା ୧୨କୁ ଖସି ଆସିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ସମସ୍ତ ନିର୍ଣ୍ଣୟ ଏବଂ ଆବଶ୍ୟକୀୟ କାଗଜପତ୍ର ପ୍ରକ୍ରିୟା ସରିଥିଲେ ହେଁ କାହା ଚାପରେ ଏବଂ କେଉଁ ଆଧାରରେ ଏହି ନିଷ୍ପତ୍ତି ବଦଳିଗଲା, ସେନେଇ କେହି ଟେର୍ ପାଉନାହାନ୍ତି। ଏନ୍‌ଏସିର ନାମ ଚୂଡ଼ାନ୍ତ ସହ ଚିଠା ପ୍ରସ୍ତୁତି, ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ କେଉଁସ୍ତରରେ ଏନ୍‌ଏସି ସଂଖ୍ୟା ୧୨କୁ ହ୍ରାସ କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇଲା ତାହା ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି। ଅପରପକ୍ଷେ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ମସିହାରେ ଦୁଇଟି ପର୍ଯ୍ୟାୟରେ ୫୬ଟି ନୂଆ ଏନଏସି ଘୋଷଣା କରିଥିଲେ। ଯାହାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ବେଶ୍ ଖୁସି ପ୍ରକଟ କରିଥିଲେ ସାଧାରଣ ଲୋକେ। ମାତ୍ର ରାଜ୍ୟରେ ନୂଆ ସରକାର ଆସିବା ପରେ ମୋହନ ସରକାର ମାତ୍ର ୧୨ଟି ନୂଆ ଏନଏସି ଘୋଷଣା କରିବା ସାଧାରଣରେ ନିରାଶା ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ଏପରି ପଛୁଆ ଚାଲିକୁ ସାଧାରଣ ଲୋକେ, ବିଶେଷଜ୍ଞ ମହଲ ନାପସନ୍ଦ କରୁଛନ୍ତି। ତୁରନ୍ତ ରାଜ୍ୟ ସରକାର ପୂର୍ବ ସରକାରଙ୍କ ନିଷ୍ପତ୍ତିର ପୁନଃ ସମୀକ୍ଷା କରନ୍ତୁ। ରାଜନୀତିରୁ ଉର୍ଦ୍ଧ୍ୱକୁ ଯାଇ ଅଞ୍ଚଳର ଆବଶ୍ୟକତା ଅନୁଯାୟୀ ନୂଆ ଏନଏସି ଘୋଷଣାକୁ ତ୍ୱରିତ୍ ଭାବେ କାର୍ଯ୍ୟକାରୀ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

# ଓଟିପିସିଏଲର ପୂର୍ବତନ ନିର୍ଦ୍ଦେଶକ ସମୀର ସ୍ୱାଇଁଙ୍କ ବହିଷ୍କାର ଆଦେଶ ରଦ୍ଦ

କଟକ,୧୭।୮ (ସମିସ): ଓଟିପିସିଏଲର ଅର୍ଥ ବିଭାଗ ପୂର୍ବତନ ନିର୍ଦ୍ଦେଶକ ସମୀର ସ୍ୱାଇଁଙ୍କ ସେବାକୁ କୌଣସି କାରଣ ଉଲ୍ଲେଖ ନ କରି ତାଙ୍କର ସେବାର ଅବ୍ୟାହତତା ସଂସ୍ଥାର ହିତ ପ୍ରତି କ୍ଷତିକାରକ ହେବ ବୋଲି କହି, ତାଙ୍କୁ ତରବରିଆ ଭାବରେ ସେବାନିବୃତ୍ତ କରାଯାଇଥିଲା। ଏହି ବିଷୟକୁ ଚ୍ୟାଲେଞ୍ଜ କରି ଶ୍ରୀ ସ୍ୱାଇଁ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ହାଇକୋର୍ଟ ସେହି ଆଦେଶକୁ ସ୍ଥଗିତ କରି, ଶ୍ରୀ ସ୍ୱାଇଁଙ୍କୁ ଅର୍ଥ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ରହିବାକୁ ଅନୁମତି ଦେଇଥିଲେ। ଏହା ମଧ୍ୟରେ, ଶ୍ରୀ ସ୍ୱାଇଁ ଉତ୍ତରପ୍ରଦେଶ ପାୱାର ଟ୍ରାନ୍ସ ମିଶନର ଅର୍ଥ ବିଭାଗ ନିର୍ଦ୍ଦେଶକ ପଦ ପାଇଁ ଚୟନିତ ହୋଇ ଓଟିପିସିଏଲରରୁ ପଦତ୍ୟାଗ କରି ନୂତନ କାର୍ଯ୍ୟରେ ଯୋଗଦେଇ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ହାଇକୋର୍ଟ, ତାଙ୍କର ସେବାର ଅବ୍ୟାହତତା ସଂସ୍ଥାର ହିତ ପ୍ରତି କ୍ଷତିକାରକ ବୋଲି କମ୍ପାନୀ କରିଥିବା ମତାମତକୁ ରଦ୍ଦ କରିଛନ୍ତି। କାରଣ ଏହା ସପକ୍ଷରେ ସରକାରଙ୍କ ପକ୍ଷରୁ କୌଣସି ଯୁକ୍ତିଯୁକ୍ତ ପ୍ରମାଣ ପ୍ରଦାନ କରାଯାଇ ପାରିନଥିଲା। ଯେହେତୁ ଶ୍ରୀ ସ୍ୱାଇଁ ଅନ୍ୟ ସଂସ୍ଥାରେ ଯୋଗଦେଇ ସାରିଛନ୍ତି, ଓଟିପିସିଏଲରେ ପୁନଃ ନିଯୁକ୍ତିର ପ୍ରଶ୍ନ ଉଠୁନାହିଁ। କିନ୍ତୁ ହାଇକୋର୍ଟ ରାଜ୍ୟ ସରକାରଙ୍କର ମତାମତକୁ ରଦ୍ଦ କରିବା ଦ୍ୱାରା ତାଙ୍କ କ୍ୟାରିୟର୍ ସହ ଯୋଡ଼ି ହୋଇଥିବା କଳଙ୍କ ଦୂର ହୋଇପାରିବ। ଶ୍ରୀ ସ୍ୱାଇଁଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀ ଓ ସ୍ୱପ୍ନକୁମାର ଓଝା ମାମଲା ପରିଚାଳନା କରୁଥିଲେ।

**ମାଓ ଲିଙ୍କ୍ ଅଭିଯୋଗ**

# ଅଭିଯୁକ୍ତ ବଦଳରେ ଶିକ୍ଷକଙ୍କୁ ଗିରଫ କରିଛି ପୁଲିସ!

ପାରଳାଖେମୁଣ୍ଡି, ୧୭।୮ (ସମିସ): ନିକଟ ଅତୀତରେ ଗଜପତି ଜିଲ୍ଲାର ଏକ ଖବର ଗଣମାଧ୍ୟମର ଶିରୋନାମା ପାଲଟିଥିଲା। ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହେବା ପରେ ଅଡବା ପୁଲିସ୍ ନୂଆ ଖଜୁରୀପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଉକ୍ତ ଶିକ୍ଷକଙ୍କ ମାଓ ଲିଙ୍କ୍ ଏବଂ ମାଓ ହିଂସାରେ ସେ ସାମିଲ ଥିବା ମାମଲାକୁ ନେଇ ଗିରଫଦାରୀ ହୋଇଥିଲା। ଏହି ଘଟଣା ବର୍ତ୍ତମାନ ଜିଲ୍ଲାରେ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ହୋଇଛି।

ଉକ୍ତ ଶିକ୍ଷକଙ୍କ ଓକିଲ ସ୍ୱରୂପ କୁମାର ପାଳ ଅଭିଯୋଗ ଆଣିଛନ୍ତି। କହିଛନ୍ତି, ତାଙ୍କ ମହକିଲ ନିର୍ଦ୍ଦୋଷ ଏବଂ ନକ୍ସଲ ହିଂସା ମାମଲା ସହ ତାଙ୍କର ସମ୍ପର୍କ ନାହିଁ। ତଦନ୍ତକାରୀ ଅଧିକାରୀଙ୍କ ଖାମଖିଆଲି ତଦନ୍ତ ଯୋଗୁଁ ଶିକ୍ଷକଙ୍କୁ ଗିରଫ କରାଯାଇଛି। ସେଥିରେ ସଠିକ୍ ଭାବେ ପରିଚୟ ଯାଞ୍ଚ ଓ ଆବଶ୍ୟକ କାର୍ଯ୍ୟ ପୁଲିସ୍ କରିନଥିବା ଆଇନଜୀବୀ ଶ୍ରୀ ପାଳ ଅଭିଯୋଗ କରିଛନ୍ତି।

ଅଡ଼ବା ପୁଲିସ ଥାନା ଅଞ୍ଚଳରେ ୨୦୧୧ ଓ ୨୦୧୩ ମସିହାରେ ମାଓବାଦୀଙ୍କ ଦ୍ୱାରା ଘଟିଥିବା ୨ ହିଂସାରେ ସେ ସଂପୃକ୍ତି

**■ ଅଭିଯୋଗ ଆଣିଲେ ଶିକ୍ଷକଙ୍କ ଓକିଲ**
**■ ତତ୍କାଳୀନ ତଦନ୍ତକାରୀ ଅଧିକାରୀଙ୍କ ତ୍ରୁଟି ଶିକ୍ଷକଙ୍କ ପାଇଁ କାଳ ସାଜିଛି**

ଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଅଡ଼ବା ଥାନାରେ ମାମଲା ରୁଜୁ ହୋଇଥିଲା। ଗିରଫ ହେବା ପରେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ବିଭିନ୍ନ ଗଣମାଧ୍ୟମରେ ଯେଉଁ ବ୍ୟକ୍ତିଙ୍କ ନାମ ନେଇଥିଲେ, ସେ ବ୍ୟକ୍ତିଜଣଙ୍କ ଆତ୍ମସମର୍ପଣକାରୀ ମାଓବାଦୀ। ସେ ୫.୮.୨୦୧୩ ତାରିଖରେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ତତ୍କାଳୀନ ଗଜପତି ଏସପି ଚରଣସିଂ ମୀନା, ବ୍ରହ୍ମପୁର ଏସ୍‌ପି ଆଶିଷ ସିଂ ଓ ଦକ୍ଷିଣାଞ୍ଚଳ ଡିଆଇଜି ଅମିତାଭ ଠାକୁରଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଥିଲେ। ଏହି ବ୍ୟକ୍ତିଙ୍କ ବାପାଙ୍କ ନାମ ରିକାର୍ଡ ନାୟକ ହୋଇଥିବା ବେଳେ ଗିରଫ ହୋଇଥିବା ଶିକ୍ଷକଙ୍କ ବାପାଙ୍କ ନାମ ସାରୁ ନାୟକ ବୋଲି ଜଣାପଡ଼ିଛି। ସେହିପରି ଆତ୍ମସମର୍ପଣ କରିଥିବା ବ୍ୟକ୍ତିଙ୍କ ୨୦୧୩ ବେଳକୁ ୨୨ ବର୍ଷ ହୋଇଥିବା ସେତେବେଳେ ପୁଲିସ କହିଥିଲା। କିନ୍ତୁ ଗିରଫ ହୋଇଥିବା ଶିକ୍ଷକଙ୍କ ବୟସ ସେତେବେଳେ ୩୫ ହୋଇଥିଲା। ତାଙ୍କ ଆଧାରକାର୍ଡରୁ ଏହା ଜଣାପଡ଼ିଛି। ସେ ୨୦୦୮ ମସିହାରୁ ଗଣଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ।

ଏଠାରେ ପ୍ରଶ୍ନ ଉଠୁଛି, ଶିକ୍ଷକଜଣଙ୍କ ଯଦି ମାଓ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ ପୁଲିସ କହିବା ଅନୁସାରେ, ୨୦୧୧ ରୁ ୨୦୧୩ ମଧ୍ୟରେ ବିଭିନ୍ନ ହିଂସାରେ ସେ ସମ୍ପୃକ୍ତ ଥିବା ମାମଲାଗୁଡ଼ିକରେ ଗିରଫ କଲା ନାହିଁ କାହିଁକି। ବର୍ତ୍ତମାନ ପୁଲିସ ଗିରଫ କରିବା ସମୟରେ ସେ ସମୟର ଶିକ୍ଷା ବିଭାଗକୁ ଶିକ୍ଷକଙ୍କ କାର୍ଯ୍ୟକଳାପ ଉପରେ ପଚାରିଛି କି ନାହିଁ। ସାଧାରଣତଃ ସରକାରୀ କର୍ମଚାରୀଙ୍କ ବିରୋଧରେ କୌଣସି ମାମଲା ରୁଜୁ ହେଲେ ସମ୍ପୃକ୍ତ ବିଭାଗକୁ ମଧ୍ୟ ପୁଲିସ୍ ଯୋଗାଯୋଗ କରିଥାଏ। ଏସବୁ କାରଣ ଯୋଗୁଁ କେଉଁଠି ନା କେଉଁଠି ତଦନ୍ତ ଓ ଗିରଫ ପ୍ରକ୍ରିୟାରେ ଅବହେଳା କରାଯାଇଥିବା ଶିକ୍ଷକଙ୍କ ଆଇନଜୀବୀ ଶ୍ରୀ ପାଳ ଅଭିଯୋଗ କରିଛନ୍ତି। ଏପରିକି, ଶିକ୍ଷକଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ନ୍ୟାୟିକ ଲଢ଼େଇ ଜାରି ରହିବ ବୋଲି କହିଛନ୍ତି। ଘଟଣାକୁ ନେଇ ଆର୍.ଉଦୟଗିରି ଏସଡିପିଓ ସୁରେଶ କୁମାର ତ୍ରିପାଠୀଙ୍କୁ ଯୋଗାଯୋଗ କରିବାରୁ ସେ ତଦନ୍ତ କରି କହିବି ବୋଲି କହିଛନ୍ତି।

# ଅଗଷ୍ଟ ୩୧ ଯାଏଁ ଇଗ୍ନୋ ନାମଲେଖା

ଭୁବନେଶ୍ୱର,୧୭।୮ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଜୁଲାଇ ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଅବଧିକୁ ଅଗଷ୍ଟ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅଧାରୁ ପାଠ ଛାଡ଼ିଥିବା ବା ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିବା ପ୍ରାର୍ଥୀମାନେ ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ୍ କାଠ୍ୟକ୍ରମ ପଢ଼ିପାରିବେ। ସ୍ନାତକରେ କଳା, ବିଜ୍ଞାନ ଓ ବାଣିଜ୍ୟ ପଢ଼ିବାକୁ ଆଗ୍ରହୀ ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀଙ୍କ ପାଇଁ ୫୦ ପ୍ରତିଶତ ଫି' ଛାଡ଼ କରାଯାଇଛି। ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ, ଜଣେ ପ୍ରାର୍ଥୀ ଚାହିଁଲେ, ଏକକାଳୀନ ଦୁଇଟି ବିଷୟରେ ସ୍ନାତକ ପାଠ୍ୟକ୍ରମ ପଢ଼ିପାରିବେ। ଇଗ୍ନୋ ୱେବସାଇଟ୍‌କୁ ଯାଇ ଅନ୍‌ଲାଇନ୍‌ରେ ଆବେଦନ କରିବା ସହ ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ ବୋଲି ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିପି ରାଧାକ୍ରିଷ୍ଣନ୍...

ସଂଖ୍ୟା ହେଉଛି ୭୮୨ (ଲୋକସଭା ୫୪୨ ଏବଂ ରାଜ୍ୟସଭା ୨୪୦)। ପ୍ରାର୍ଥୀଙ୍କୁ ବିଜୟୀ କରାଇବା ଲାଗି ୩୯୨ ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ଏନ୍‌ଡିଏ ପାଖରେ ରହିଛି ୪୨୨ ସଭ୍ୟଙ୍କ ସମର୍ଥନ। ତେଣୁ ଶାସକ ଦଳର ପ୍ରାର୍ଥୀ ରାଧାକ୍ରିଷ୍ଣନ ସହଜରେ ନିର୍ବାଚିତ ହେବା ପ୍ରାୟ ନିଶ୍ଚିତ। ବିରୋଧୀଙ୍କ ପାଖରେ ୩୪୧ ସଭ୍ୟ ଥିବାରୁ ସେମାନେ ମଧ୍ୟ ପ୍ରାର୍ଥୀ ଦେଇପାରନ୍ତି। ତେବେ ସେମାନଙ୍କର ପ୍ରାର୍ଥୀ କିଏ ହେବ, ତାହା ଘୋଷଣା କରାଯାଇ ନାହିଁ। ଆସନ୍ତାକାଲି ସକାଳେ ଇଣ୍ଡିଆ ବ୍ଲକ ବୈଠକରେ ଏସଂପର୍କରେ ଆଲୋଚନା ପରେ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି।

### ଜମ୍ମୁ-କଶ୍ମୀରର କଠୁଆରେ...

ବର୍ଷା ହୋଇଛି। ମୌସୁମୀ ବର୍ଷାର ପ୍ରକୋପ ଏହି ରାଜ୍ୟରେ କମିବାର ନାଁ ନେଉନାହିଁ। ରବିବାର ମଣ୍ଡି ଜିଲ୍ଲାରେ ରବିବାର ବାଦଲଫଟା ବର୍ଷା କାରଣରୁ ବନ୍ୟା ଆସିଛି। ଫଳରେ ମଣ୍ଡି- କୁଲ୍ଲୁ ରାସ୍ତା ଓ ଚଣ୍ଡିଗଡ଼- ମନାଲି ଜାତୀୟ ରାଜପଥରେ ଯିବା ଆସିବା ବାଧାପ୍ରାପ୍ତ ହୋଇଛି। ସେହିପରି ପନରସା, ଟାକୋଲି ନଗୱାଁ ଅଞ୍ଚଳରେ ମଧ୍ୟ ବନ୍ୟା ଆସିଥିବାର ଖବର ମିଳିଛି। ତେବେ କୌଣସି ଜୀବନହାନୀ ହୋଇନାହିଁ। ସାରା ରାଜ୍ୟରେ ପ୍ରବଳ ବର୍ଷା କାରଣରୁ ୩୭୪ ରାସ୍ତା, ୫୨୪ ବିଜୁଳି ଟ୍ରାନ୍ସଫରମର ଓ ୧୪୫ ଜଳଯୋଗାଣ ସେବା ବାଧାପ୍ରାପ୍ତ ହୋଇଛି। ମୌସୁମୀ ବର୍ଷା ଜନିତ ବିଭିନ୍ନ କାରଣରୁ ରାଜ୍ୟରେ ଏପର୍ଯ୍ୟନ୍ତ ୨୫୭ ଲୋକ ପ୍ରାଣ ହରାଇଛନ୍ତି। ୧୨୪ ଜଣ ଲୋକ ରାସ୍ତା ଦୁର୍ଘଟଣା ଓ ୧୩୩ ଜଣ ଭୂସ୍ଖଳନ, ବନ୍ୟା ଓ ଘର ଭୁଶୁଡ଼ିବା କାରଣରୁ ପ୍ରାଣ ହରାଇଛନ୍ତି।

### ସର୍ବନିମ୍ନସ୍ତରରେ...

ରଖିଛି । ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ଅନୁରୂପ ଧାରାରେ ଚାଲିଛନ୍ତି। ତେଣୁ ଦରମା ବୃଦ୍ଧି, ଚାକିରି ସୁଯୋଗ ବୃଦ୍ଧି ନ ଘଟେ ତେବେ ଭାରତରେ ମଧ୍ୟବିତ୍ତ ବର୍ଗର ଆର୍ଥିକ ଅବସ୍ଥା ଆହୁରି ଖରାପ ହୋଇଯାଇପାରେ, ଯାହା ଦେଶର ପ୍ରଗତିକୁ ରୋକିପାରେ ବୋଲି ଏଥିରେ କୁହାଯାଇଛି।

### ଅଭିଯୋଗ ଭିତ୍ତିହୀନ...

ସନ୍ଦେହ ରହିବା ଉଚିତ ନୁହେଁ। ବିହାରରେ ତରବରିଆ ଭାବେ ଏସ୍‌ଆଇଆର୍ କରାଯାଉ ନାହିଁ। ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସଂଶୋଧନ କରିବା ହେଉଛି କମିସନଙ୍କ ବୈଧାନିକ ଦାୟିତ୍ୱ। କିନ୍ତୁ କେତେକ ଦଳ ଏହାକୁ ନେଇ ବୃଥାରେ ବିବାଦ କରୁଛନ୍ତି। ଚୂଡ଼ାନ୍ତ ତାଲିକା ପୂର୍ବରୁ ଭୋଟରମାନଙ୍କୁ ସେମାନଙ୍କର ଆପତ୍ତି ଓ ଦାବି ଦାଖଲ ପାଇଁ ସମୟ ଦେଉଛନ୍ତି। ବିହାରରେ ମଧ୍ୟ ଆହୁରି ୧୫ ଦିନ ବାକି ଅଛି। ତେଣୁ ରାଜନୈତିକ ଦଳ ଏଥିରେ ସହଯୋଗ କରନ୍ତୁ। କମିସନଙ୍କ ଅଫିସ ସମସ୍ତଙ୍କ ପାଇଁ ଖୋଲା ରହିଛି ବୋଲି ଉଲ୍ଲେଖ କରି ସେ କହିଲେ ଯେ ବୁଥ ସ୍ତରୀୟ ଅଧିକାରୀ ଏବଂ ରାଜନୈତିକ ଦଳମାନଙ୍କ ଏଜେଣ୍ଟଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଓ ସ୍ୱଚ୍ଛତା ସହିତ ଏସ୍‌ଆଇଆର୍ ପ୍ରକ୍ରିୟା ଜାରି ରହିଛି। କମିସନ କୌଣସି ଭେଦବାଭ କରନ୍ତି ନାହିଁ। ଉଭୟ ଶାସକ ଓ ବିରୋଧୀ ଦଳ କମିସନ ପାଇଁ ସମାନ୍। ଭୋଟ ଚୋରି ସଂପର୍କରେ ସେ କହିଲେ ଯେ ଏହି ଶବ୍ଦ ଉଭୟ ସମ୍ବିଧାନ ଓ ଭୋଟରଙ୍କ ପ୍ରତି ଅପମାନ। ତେବେ ନିର୍ବାଚନ କମିସନ ସର୍ବଦା ଭୋଟରମାନଙ୍କ ସହିତ ରହିବ ଏବଂ ସେମାନଙ୍କ ହିତରେ କାମ କରିବ। ଦେଶରେ ଅନେକ ଭୋଟର ଅନ୍ୟ ଅଞ୍ଚଳକୁ ପଳାଇଥିବା ନେଇ ବିଭିନ୍ନ ଦଳ ଅଭିଯୋଗ କରିବା ପରେ ବିହାରରେ ଏସ୍‌ଆଇଆର୍ କରାଯାଉଛି। ଏହି ପ୍ରକ୍ରିୟାରେ ଏକ କୋଟିରୁ ଅଧିକ କର୍ମଚାରୀ ନିୟୋଜିତ ଅଛନ୍ତି ଏବଂ ଏଥିରେ ସଂପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। ଏଭଳି ପରିସ୍ଥିତିରେ ଭୋଟ ଚୋରି ସମ୍ଭବ ନୁହେଁ ବୋଲି ମୁଖ୍ୟ ନିର୍ବାଚନ କମିସନର କହିଛନ୍ତି। ଗାଟିଏ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ପଶ୍ଚିମ ବଙ୍ଗରେ ଏସ୍‌ଆଇଆର୍ କରାଯିବ କି ନାହିଁ ସେ ସଂପର୍କରେ ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ।

ଭୋଟ ଚୋରି ଓ ଏସ୍‌ଆଇଆର୍‌କୁ ବିରୋଧ କରି ରାହୁଲ ଗାନ୍ଧୀ ଆଜି ବିହାରରେ ଭୋଟ ଅଧିକାର ଯାତ୍ରା ଆରମ୍ଭ କରିଥିବା ବେଳେ କମିସନ ଏଭଳି ସଫେଇ ଦେଇଛନ୍ତି। ୨୦ଟି ଜିଲ୍ଲାର ୧୩୦୦ କିଲୋମିଟର ପର୍ଯ୍ୟନ୍ତ ସେ ଏହି ଯାତ୍ରା କରିବେ। ଜ୍ଞାନେଶ କୁମାରଙ୍କ ସାମ୍ବାଦିକ ସମ୍ମିଳନୀ ନେଇ ତାଙ୍କର ପ୍ରତିକ୍ରିୟାରେ ରାହୁଲ କହିଛନ୍ତି ଯେ ସେ ଯେଉଁ ପ୍ରସଙ୍ଗ ଉଠାଇଛନ୍ତି, ତାହା କମିସନଙ୍କ ତଥ୍ୟ ଆଧାରିତ। ଏଥିପାଇଁ ସେ କାହିଁକି ସତ୍ୟପାଠ ଦାଖଲ କରିବେ ବୋଲି ପ୍ରଶ୍ନ କରିଛନ୍ତି। କମିସନ ପାତରଅନ୍ତର କରୁଥିବା ଅଭିଯୋଗ କରି ରାହୁଲ କହିଛନ୍ତି ଯେ କିଛି ଦିନ ତଳେ ଭୋଟ ଅନିୟମିତତା ନେଇ ବିଜେପି ନେତାମାନେ ଅଭିଯୋଗ କରିଥିଲେ। କିନ୍ତୁ କମିସନ ତାଙ୍କୁ କାହିଁକି ସତ୍ୟପାଠ ଓ ପ୍ରମାଣ ପାଇଁ ଆହ୍ୱାନ କଲେ ନାହିଁ। ବିରୋଧୀ ଦଳ ପ୍ରତି କମିସନଙ୍କର ଏଭଳି ପାତରଅନ୍ତର କାହିଁକି? ବୋଲି ସେ ପ୍ରଶ୍ନ କରିଛନ୍ତି।

### ଚାପରେ ନଇଁଲେ...

ସରକାର ପ୍ରତିଦିନ ସକାଳ ୮ଟାରୁ ରାତି ୮ଟା ଯାଏଁ ପଞ୍ଜୀକରଣ କରିବା ପାଇଁ କହୁଥିଲେ ବି କର୍ମଚାରୀ ଅଭାବ କାରଣରୁ ଏହା ସମ୍ଭବ ହେଉନଥିବା ଅଭିଯୋଗ ହେଉଛି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ସମ୍ପାଦକ କହିଛନ୍ତି, ମନ୍ତ୍ରୀ ଗଣମାଧ୍ୟମରେ ଭାଷଣ ଦେଲା ବେଳେ ସବୁ କିଛି ସରଳୀକରଣ ହେଲା ବୋଲି କହୁଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଜିଲ୍ଲାପାଳ ପଞ୍ଜୀକରଣ କଡ଼ାକଡ଼ି କରିବାକୁ ଆମକୁ ନିର୍ଦ୍ଦେଶ ଦେଉଛନ୍ତି। ମନ୍ତ୍ରୀଙ୍କ କଥା ଶୁଣି ଲୋକମାନେ ଆମକୁ କହିଲା ବେଳକୁ ଆମେ ଲୋକଙ୍କ ଆକ୍ରୋଶର ଶିକାର ହେଉଛୁ। ଅଧିକାଂଶ ସ୍ଥାନରେ ଜଣେ ଦୁଇ ଜଣ କର୍ମଚାରୀରେ ସମବାୟ ସମିତି ଚାଲିଛି। ଏବେ ଚାଷୀଙ୍କୁ ସାର ଦେବାଠୁ ଆରମ୍ଭ କରି ପଞ୍ଜୀକରଣ ପର୍ଯ୍ୟନ୍ତ ଏକାଧିକ କାମ କରିବାକୁ ପଡୁଛି। ତେଣୁ ଚାଷୀ ପଞ୍ଜୀକରଣ ବିଳମ୍ବ ହେଉଛି। ଏହା ଉପରେ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

### ୨୦ ଯାଏଁ...

ସେହିପରି ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁରରେ ୭ରୁ ୧୧ ସେମି ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହିସବୁ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କିମି ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ବର୍ଷା ସହ ସମୁଦ୍ର ଅଶାନ୍ତ ରହିବା ଯୋଗୁଁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି।

### ପୁଲିସର ଭୂମିକାକୁ...

କରିଦେଇଥିଲା। କାରଣ ତାଙ୍କର ଚିକିତ୍ସା ଠିକ୍ ଥିଲା। ସେ ସୁସ୍ଥ ହୋଇଆସୁଥିଲେ ବୋଲି ବିଭିନ୍ନ ସମୟରେ ଗଣମାଧ୍ୟମରେ ଶୁଣିବାକୁ ମିଳୁଥିଲା। ହଠାତ୍ ତାଙ୍କର ମୃତ୍ୟୁ ଖବର ସମସ୍ତଙ୍କୁ ଚକିତ କରିଦେଇଥିଲା। ବାସ୍ତବରେ କ'ଣ ଘଟିଲା ଏହି ଉତ୍ତରକୁ ଅପେକ୍ଷା କରିଥିବା ରାଜ୍ୟବାସୀଙ୍କୁ ସବୁଠୁ ଅଧିକ ଆଚମ୍ବିତ କରିଥିଲା ପୁଲିସର ସ୍ୱଷ୍ଟୋକ୍ତି। ପୀଡ଼ିତା ଦିଲ୍ଲୀ ଏମ୍ସରେ ଆଖି ବୁଜିବା ପରେ ପରେ ଓଡ଼ିଶା ପୁଲିସ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରିଥିଲା 'ବଳଙ୍ଗା ଘଟଣାରେ ପୀଡ଼ିତାଙ୍କ ମୃତ୍ୟୁ ଖବର ଶୁଣି ଆମେ ଅତ୍ୟନ୍ତ ଦୁଃଖିତ। ଏହି ଘଟଣାରେ ପୁଲିସ ପକ୍ଷରୁ ନିଷ୍ଠାର ସହ ତଦନ୍ତ କରାଯାଉଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି। ଏଣୁ ସମସ୍ତଙ୍କୁ ଅନୁରୋଧ ଏହି ଦୁଃଖଦ ମୁହୂର୍ତ୍ତରେ ଏ ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ'।

ପୁଲିସର ଏଭଳି ସ୍ୱଷ୍ଟୋକ୍ତି ପରେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠିଥିଲା, ଯଦି ପୀଡ଼ିତାଙ୍କ ଦେହରେ ନିଆଁ ଲଗାଇବାରେ କାହାର ସମ୍ପୃକ୍ତି ନାହିଁ ତେବେ ପୀଡ଼ିତା କ'ଣ ନିଜେ କିରାସିନି ଢାଳି ନିଆଁ ଲଗାଇ ଦେଇଛନ୍ତି? କ'ଣ ଏମିତି ଘଟଣା ଘଟିଥିଲା ତାଙ୍କ ସହ ଯେଉଁଥିପାଇଁ ନିଜ ଜୀବନ ନେବାକୁ ସେ ନିଷ୍ପତ୍ତି ନେଇଥିଲେ? ତଦନ୍ତରୁ ପୁଲିସ ଯଦି ଜାଣିଥିଲା ଏଥିରେ କାହାର ହାତ ନାହିଁ ତେବେ ୧୫ ଦିନ ଧରି କାହିଁକି ଅପେକ୍ଷା କରିଥିଲା? ବିଭିନ୍ନ ସମୟରେ ତଦନ୍ତରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ପୁଲିସ ଅଧିକାରୀ କହିଥିଲେ। ତେବେ ସେ ତଥ୍ୟ କ'ଣ ଥିଲା। ଏମିତି ଦ୍ୱନ୍ଦ୍ୱ ଭିତରେ ପୀଡ଼ିତାଙ୍କ ବୟାନ ରେକର୍ଡର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏବେ ପୁଲିସର ସାଧୁତା ଉପରେ ଉଠିଛି ପ୍ରଶ୍ନବାଚୀ। ସେଦିନ ପୀଡ଼ିତା ଆଖି ବୁଜିବା ପରେ ପରେ ପୁଲିସ କାହା ଚାପରେ ହଠାତ୍ ସାମାଜିକ ଗଣମାଧ୍ୟମରେ ଏଭଳି ବିବୃତି ରଖିଲା ପୁଲିସ ସାଧାରଣରେ ଚର୍ଚ୍ଚା ଆଲୋଚନା ହୋଇଥିଲା। ସାଧାରଣ ଜନତାଙ୍କର ପୁଲିସ ଉପରେ ଯଥେଷ୍ଟ ବିଶ୍ୱାସ ଓ ଭରସା ରହିଛି। କୌଣସି ଆଇନ ଶୃଙ୍ଖଳା ସ୍ଥିତି ଉପୁଜିଲେ ପୁଲିସ ହିଁ ସର୍ବାଗ୍ରେ ରହି ଲୋକଙ୍କୁ ସୁରକ୍ଷା ଦେଇଥାଏ। ହେଲେ କାହା ଚାପରେ ପୁଲିସ ଆଜି ଜନସାଧାରଣଙ୍କ ବିଶ୍ୱାସ ହରାଉଛି ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ ଭାବେ ଛିଡ଼ାହୋଇଛି।

ଭାଇରାଲ ଭିଡିଓ ସମ୍ପର୍କରେ ଏସ୍‌ପି ପିନାକ୍ ମିଶ୍ର କହିଛନ୍ତି, ପୀଡ଼ିତାଙ୍କୁ ଯେଉଁଦିନ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା ସେହିଦିନ ତାଙ୍କ ବୟାନ ରେକର୍ଡ ହୋଇଥିଲା। ଏହି ଭିଡିଓ ତାହାର ଏକ ଅଂଶବିଶେଷ ହୋଇଥାଇପାରେ। ତେବେ ଭିଡିଓର ସତ୍ୟାସତ୍ୟ ଯାଞ୍ଚ ସହ ଏହି ଭିଡିଓ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ପାଇଁ ସାଇବର ଟିମ୍‌ର ସହଯୋଗ ନିଆଯିବ। ଏହି ଘଟଣାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଇନ ଅନୁଯାୟୀ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଏ ସମ୍ପର୍କରେ ପୀଡ଼ିତାଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ମଧ୍ୟ ଅବଗତ କରାଯାଇଛି। କିଛି ଫରେନ୍‌ସିକ୍ ରିପୋର୍ଟକୁ ଅପେକ୍ଷା କରାଯାଉଛି। ଘଟଣାର ତଦନ୍ତ ପରେ ସମସ୍ତ ତଥ୍ୟ କୋର୍ଟଙ୍କୁ ପ୍ରଦାନ କରାଯିବ। ପୀଡ଼ିତା ନାବାଳିକା ହୋଇଥିବାରୁ ତାଙ୍କର ନାଁ କିମ୍ବା ଭିଡିଓ ଭାଇରାଲ୍ ହୋଇପାରିବ ନାହିଁ। ଏହା ଜୁଭେନାଇଲ ଜଷ୍ଟିସ ଆକ୍ଟ ୭୪ ଧାରାର ଉଲ୍ଲଙ୍ଘନ ବୋଲି କହିଛନ୍ତି ଏସ୍‌ପି।

### ଘୁଞ୍ଚିଘୁଞ୍ଚି ଯାଉଛି...

ନିଆଯିବ। ଏଥିଲାଗି ଆଉ କିଛି ସମୟ ଲାଗିବ, କିନ୍ତୁ ଖୁବ୍ ଶୀଘ୍ର ଘୋଷଣା ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ବ୍ୟାପକ କସରତ ସତ୍ତ୍ୱେ ନିଗମ, ବୋର୍ଡ, ଅକାଦେମୀ ଏବଂ କମିସନରେ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି। ଏହାକୁ ନେଇ ଦଳୀୟ ନେତା ତଥା ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଳମ୍ବିତ ନିଯୁକ୍ତି ଉଭୟ ସରକାର ଏବଂ ସଂଗଠନର ନିଷ୍ପତ୍ତି ନେବା କ୍ଷମତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇତିମଧ୍ୟରେ ଉଭୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକାଧିକ ଥର ଦିଲ୍ଲୀ ଗସ୍ତ କରିଥିଲେ ହେଁ କୌଣସି ଠୋସ୍ ନିଷ୍ପତ୍ତି ନିଆଯାଇ ପାରିନାହିଁ।

# +୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା କେବେ?

ଭୁବନେଶ୍ୱର, ୧୭।୮ (ସମିସ): ସ୍ନାତକ ପାଠ୍ୟକ୍ରମରେ ଖାଲିପଡ଼ିଛି ପ୍ରାୟ ଲକ୍ଷେରୁ ଅଧିକ ସିଟ୍। ନାମ ଲେଖାଇ ପାରିନଥିବା ବହୁ ଆଶାୟୀ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାକୁ ଅପେକ୍ଷା କରିଛନ୍ତି। ପ୍ରଥମ ପର୍ଯ୍ୟାୟ ନାମଲେଖା ସରିବାର ପ୍ରାୟ ମାସେ ଅତିକ୍ରମ କରିଥିଲେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନି। ଅପରପକ୍ଷେ, +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ମଧ୍ୟ ନାମ ଲେଖାଇବାକୁ ଅପେକ୍ଷା କରିଛନ୍ତି। +୩ ପାଠପଢ଼ା ଆରମ୍ଭ ହେବାକୁ ପ୍ରାୟ ମାସେ ପୂରିଲାଣି। ହେଲେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା କାହିଁକି ବିଳମ୍ବ ହେଉଛି ବୋଲି ଆଶାୟୀମାନେ

**■ ମାସେ ହେଲା ସରିଲାଣି ସ୍ପଟ୍ ନାମଲେଖା; ଆରମ୍ଭ ହେଲାଣି ପାଠପଢ଼ା**
**■ ଅପେକ୍ଷାରେ +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ**

ପ୍ରଶ୍ନ କରିଛନ୍ତି। ଠିକ୍ ସମୟରେ ଶିକ୍ଷାଦାନ ଆରମ୍ଭ କରିବାକୁ +୨ ପରୀକ୍ଷା ଫଳ ପ୍ରକାଶ ପୂର୍ବରୁ +୩ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଥିବା ଉଚ୍ଚଶିକ୍ଷା ବିଭାଗ ନାମଲେଖା ପ୍ରକ୍ରିୟା ମଝିରେ ବାଟ ହୁଡ଼ିଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, +୩ ପାଠ୍ୟକ୍ରମରେ ମୋଟ୍ ୨ଲକ୍ଷ ୭୪ହଜାର ୩୬୫ଟି ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟ ତିନି ରାଉଣ୍ଡ ନାମଲେଖା ଶେଷ ସୁଦ୍ଧା ୧ଲକ୍ଷ ୬୦ହଜାର ୨୫୫ଜଣ ପିଲା ନାମ ଲେଖାଇଥିବା ବେଳେ ସ୍ପଟ୍ ନାମଲେଖାରେ ୭ହଜାର ପିଲା ନାମ ଲେଖାଇଛନ୍ତି। ଅର୍ଥାତ୍ ଆହୁରି ପାଖାପାଖି ୧ଲକ୍ଷ ସିଟ୍ ଫାଙ୍କା ପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ମୋଟ୍ ୨ଲକ୍ଷ ୬୫ହଜାର ୫୯୦ଜଣ ଆବେଦନ କରିଥିବା ବେଳେ ପାଖାପାଖି ୧ଲକ୍ଷ ପିଲା କୌଣସି ଶିକ୍ଷାନୁଷ୍ଠାନରେ ନାମ ଲେଖାଇନାହାନ୍ତି। ସେହିପରି ଗତ ଜୁଲାଇ ୧୮ ତାରିଖରେ +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ ପାଇ ସାରିଛି। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୯୧୩ ଛାତ୍ରଛାତ୍ରୀ ନାମ ଲେଖାଇବାକୁ ଅପେକ୍ଷା କରିଛନ୍ତି। ବହୁ ଛାତ୍ରଛାତ୍ରୀ ନାମ ଲେଖାଇବାକୁ ଅପେକ୍ଷାରତ ଥିବା ବେଳେ ନାମଲେଖା ପ୍ରକ୍ରିୟା ବିଳମ୍ବ ସେମାନଙ୍କୁ ଚିନ୍ତାରେ ପକାଇଛି। ଗତ ମାସ ୧୧ ତାରିଖରୁ ଶିକ୍ଷାନୁଷ୍ଠାନରେ ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଆରମ୍ଭ ହୋଇଛି। ପାଠପଢ଼ାକୁ ମାସେରୁ ଅଧିକ ସମୟ ବିତିଥିଲେ ମଧ୍ୟ ନାମଲେଖା ସାରିବାକୁ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ପ୍ରକାଶ କରୁନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।


**AFFIDAVIT**

I, Bijaya Kumar Panigrahi S/o Satya Narayan Panigrahi, Resident of Plot No 900/2561, Near APEX Hospital, PO-Baramunda Colony, Bhubaneswar, Dist-Khordha PIN-751003, Odisha declare by this affidavit CF No.59 dtd 16.07.2025 that now onwards I shall be known as BIJAY KUMAR PANIGRAHI for all future purposes.

**AFFIDAVIT**

I, Rashmita Panigrahi W/o Bijay Kumar Panigrahi, Resident of Plot No 900/2561, Near APEX Hospital, PO-Baramunda Colony, Bhubaneswar, Dist-Khordha PIN-751003, Odisha declare by this affidavit CF No.58 dtd 16.07.2025 that now onwards I shall be known as RASHMI LATA PANIGRAHI for all future purposes.

**AFFIDAVIT**

I BETA NAGA PRABHA, W/o DILIP KUMAR SAHU, resident of NKT Road, Opp Govt High School, sombartota, Po- P.R.Peta, PS- JEYPORE Dt-Koraput, odisha -764 003 Odisha declare by this Affidavit No.4462 Dated - 29/07/2024, that now onwards I shall be known as BETHA NAGAPRABHA for all future purpose.

**M/S CARE SECURITY AND ALLIED SERVICES**
**PLOT NO B-13, 2ND FLOOR, RUCHIKA MARKET, BARAMUNDA,**
**BHUBANESWAR, ODISHA-751003**
**ADVERTISEMENT**

Applications are invited from interested candidates for engagement of WDT (Livelihoods, Engineering, Social & Production System). Monthly remuneration Rs.20,000.00 inclusive of all (as applicable). For details regarding posts, age, requisite qualification as well as for application from please visit website (https://caresecurityservice.com). Eligible candidates may submit their applications with copies of requisite qualification (self -attested) by **Speed Post / Regd. Post** super scribing **"Application for engagement as WDT ______"** to above mentioned address within **10** (Ten days from the date of advertisement).

| Sl. no | Name of the Post | Educational Qualification | Experience |
|---|---|---|---|
| 1. | WDT ( Engineering) | Knowledge in Odia is essential. Knowledge in computer is mandatory. The candidate must be willing to stay and travel extensively in remote villages in the project areas. Degree in Civil Engineering / Agriculture Engineering OR Diploma in civil Engineering with 01 year relevant work experience in watershed Development/Rural Development/ Natural Resources Management etc. | Minimum 01 year experience |
| 2. | WDT ( Social) | Knowledge in Odia is essential. Knowledge in computer is mandatory. The candidate must be willing to stay and travel extensively in remote villages in the project areas. Post Graduate in any discipline with a minimum 1 year relevant work experience in Watershed Development/Rural Development/Social Development etc. | Minimum 01 year experience |
| 3. | WDT ( Production System) | Knowledge in Odia is essential. Knowledge in computer is mandatory. The candidate must be willing to stay and travel extensively in remote villages in the project areas. Post Graduate in any discipline with a minimum 1 year relevant work experience in Watershed Development /Rural Development/Production System etc | Minimum 01 year experience |
| 4. | Office Assistant | Minimum qualification in Graduation with PGDCA | Minimum 01 year experience |

**Nature of Engagement:**

- Mode engagement will be completely contractual and temporary basis. The contract can be terminated by either of the party with one-month prior notice or remuneration in lieu. Initial agreement will be for 01 year.
- Selection will be made on merit basis & computer test (experiences on watershed development) as detailed in website.

## ନଦୀରେ ଭାସିଯାଇ ଚାଷୀ ମୃତ



**ନିଆଳି,୧୭।୮ (ସମିସ):** ନିଆଳି ବ୍ଲକ କପାସୀ ପଞ୍ଚାୟତ କୂଳକୋରକୋର ଗାଁରେ ରବିବାର ଅଘଟଣ ଘଟିଛି। ଜଣେ ଚାଷୀ କ୍ଷେତକୁ ନଦୀ ପାରି ହୋଇ ଯାଉଥିବା ବେଳେ ଜଳସ୍ରୋତରେ ଭାସିଯାଇ ପ୍ରାଣ ହରାଇଥିବା ଜଣାପଡ଼ିଛି। କୂଳକୋରକୋର ଗାଁର ବହୁ ଲୋକଙ୍କ ଅଧିକାଂଶ ଚାଷଜମି ତଅଁଳା ନଦୀର ଅପରପାର୍ଶ୍ୱରେ ଥିବାରୁ ପୋଲବିହୀନ ନଦୀରେ ପଶି ଯାତାୟାତ କରିଥାନ୍ତି। ତାମ୍ପଡାଠାରୁ କରାଙ୍ଗ ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ତଅଁଳା ନଦୀରେ ପୋଲ ନ ଥିବାରୁ ଯାତାୟାତରେ ସମସ୍ୟା ହୋଇଥାଏ। ରବିବାର ସକାଳ ପ୍ରାୟ ୬ଟା ୩୦ରେ କୂଳକୋରକୋରର ଚାଷୀ ଦୁର୍ଗାଚରଣ ପ୍ରଧାନ (୬୩) ପାଣିର ସ୍ରୋତରେ ଭାସିଯାଇଥିଲେ। ବଡପୁଅ ବାଇକ୍‌ରେ ଯାଇ କ୍ଷେତରେ ପହଞ୍ଚିଥିବା ବେଳେ ପ୍ରାୟ ୪ ଘଣ୍ଟା ପରେ ଦେଢକିମି ଦୂର କରାଙ୍ଗ ନିକଟରେ ଦୁର୍ଗାଶଙ୍କର ଶବ ଭାସୁଥିବା ଖବର ମିଳିଥିଲା। ପରିବାର ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ଘରକୁ ଆଣିଥିଲେ। ନିଆଳି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅପରପକ୍ଷରେ ପୋଲ ପାଇଁ ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନର ଅବହେଳା ଯୋଗୁଁ ଆଜି ଜଣେ ଚାଷୀର ଜୀବନ ଯାଇଥିବା ଅଭିଯୋଗ ହୋଇଛି।

## ଚୌଦ୍ୱାର ମହାବିଦ୍ୟାଳୟରେ ଚାରାରୋପଣ

**ଚୌଦ୍ୱାର,୧୭।୮ (ସମିସ):** ସ୍ୱାଧୀନତା ଦିବସ ଅବସରରେ ଚୌଦ୍ୱାର ମହାବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ରଶ୍ମି ରାଉତରାୟ କାର୍ଯ୍ୟକ୍ରମର ଉଦ୍‌ଘଟନ କରିଥିଲେ। କଲେଜ କାଉନସିଲର ଡ. ମମତା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୟୁଥ୍ ରେଡକ୍ରସର ସମସ୍ତ ସ୍ୱେଚ୍ଛାସେବୀ, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ଚୌଦ୍ୱାର ବନଖଣ୍ଡ ଅଧିକାରୀ ଅନିଲ ନାୟକ, ଭଗବାନ ପଲେଇ, ସ୍ମିତଞ୍ଜୀବ ପଟ୍ଟନାୟକଙ୍କ ସମେତ ବନକର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଅଭିଯୋଗ ପୋର୍ଟାଲ ଲୋକାର୍ପିତ

**ବଡମ୍ବା,୧୭।୮ (ସମିସ):** ବଡମ୍ବା-ନରସିଂହପୁର ସାଧାରଣ ଜନତାଙ୍କ ପାଇଁ ସ୍ୱାଧୀନତା ଦିବସରେ ବିଧାୟକ ବିଜୟ କୁମାର ଦଳବେହେରା ଆରମ୍ଭ କଲେ ଅଭିଯୋଗ ୱେବ ପୋର୍ଟାଲ। ବାଲିଝରୀସ୍ଥିତ ବିଧାୟକ-ସାଂସଦଙ୍କ ଅଭିଯୋଗ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଛି ଆଭିଯୋଗ ୱେବ ପୋର୍ଟାଲର ଶୁଭାରମ୍ଭ। ସାଧାରଣ ଜନତା କୌଣସି ଅଭିଯୋଗ ନେଇ ବିଧାୟକଙ୍କ କାର୍ଯ୍ୟାଳୟ ପରିସରକୁ ଯିବାକୁ ପଡିବନି। ଅଭିଯୋଗକାରୀ ନିଜ ଘରେ ରହି ନିଜ ମୋବାଇଲରେ ହେଉ ଅବା ଜନସେବା କେନ୍ଦ୍ରରେ ୱେବ ପୋର୍ଟାଲ ଖୋଲି ଅଭିଯୋଗ ଦାଖଲ କରିପାରିବେ। ଏହି ଅଭିଯୋଗ ୱେବ ପୋର୍ଟାଲରେ କେଉଁ ବିଭାଗକୁ ନେଇ ଅଭିଯୋଗ କରୁଛନ୍ତି ତାହା ମଧ୍ୟ ଉଲ୍ଲେଖ ରହିଛି। ତେବେ, ଯେଉଁମାନେ ଏହି ଅଭିଯୋଗ ୱେବ ପୋର୍ଟାଲ ବିଷୟରେ ଅଭିଯୋଗ ନକରିପାରନ୍ତି ତେବେ ସେମାନେ ବିଧାୟକଙ୍କ କାର୍ଯ୍ୟାଳୟକୁ ଆସି ନିଜର ଅଭିଯୋଗ ଜଣାଇ ପାରିବେ। ଅଭିଯୋଗକାରୀ ଅଭିଯୋଗ ୱେବ ପୋର୍ଟାଲକୁ ଯାଇ ନିଜର ଅଭିଯୋଗ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଦେଖିପାରିବେ। ଅଭିଯୋଗକାରୀ ଘର, ଭତ୍ତା ହେଉ ଅବା ସରକାରଙ୍କ ଯେ କୌଣସି ଯୋଜନା ଆପଣ ପାଇବାକୁ ହକଦାର ତେବେ ଅଭିଯୋଗକାରୀ ଅଭିଯୋଗ କରିପାରିବେ।

## ଚାଷୀଙ୍କ ମୁଣ୍ଡ ଫଟାଇ ଯୁବକ ଗିରଫ

**ଟାଙ୍ଗୀ,୧୭।୮ (ସମିସ):** ଟାଙ୍ଗୀ ଥାନା ତଥା ଶାଳଗାଁ ପଞ୍ଚାୟତ ମାଧପୁର ଗ୍ରାମବାସୀଙ୍କ ପାଇଁ ଷଣ୍ଢ ନିୟନ୍ତ୍ରଣ ମହଙ୍ଗା ସାବ୍ୟସ୍ତ ହୋଇଛି। ସ୍ୱାଧୀନତା ଦିବସ ଅବସରରେ ଉକ୍ତ ଘଟଣାକୁ ନେଇ ଜଣେ ଯୁବକଙ୍କ ଶାବଳ ମାଡ଼ରେ ଚାଷୀ ସନ୍ତୋଷ ସ୍ୱାଇଁଙ୍କ ମୁଣ୍ଡ ଫାଟିଛି। ଟାଙ୍ଗୀ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତ ଯୁବକ ଚରଣ ବାରିକ (୩୪)କୁ ଗିରଫ ପୂର୍ବକ ଅଦାଲତ ଚାଲାଣ କରିଥିବା ଆଇଆଇସି ଶିବପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି। ମାଧପୁରରେ ଷଣ୍ଢ ଉତ୍ପାତ ବୃଦ୍ଧି ପାଇଥିବାରୁ ଗ୍ରାମର ଚାଷୀ ମିଳିତ ହୋଇ ଏକ ଅର୍ଦ୍ଧନିର୍ମିତ ପ୍ରକଳ୍ପ ପରିସରରେ ଷଣ୍ଢଙ୍କୁ ବନ୍ଦକରି ସେମାନଙ୍କ ଦେଖାଶୁଣା କରୁଥିଲେ। ଏହାକୁ ବିରୋଧ କରି ଚରଣ ଚାଷୀମାନଙ୍କୁ ଅସଭ୍ୟ ଭାଷାରେ ଗାଳି କରିବା ସହ ଏକ ଶାବଳରେ ଚାଷୀ ସନ୍ତୋଷଙ୍କ ମୁଣ୍ଡକୁ ପିଟି ଫଟାଇ ଦେଇଥିଲେ।

## ବାଇକ୍ ଚୋରି; ୨ ଗିରଫ

**କନ୍ଦରପୁର,୧୭।୮ (ସମିସ):** ୪୨ମୌଜା ଚାନ୍ଦୁଲି ଗ୍ରାମର ରାକେଶ ରାଉଳଙ୍କ ବାଇକ୍ ଚୋରି ହୋଇଥିବା ନେଇ ସ୍ଥାନୀୟ ୪୨ ମୌଜା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାର ତଦନ୍ତ ଜାରି ରଖିଥିଲା। ଏହି ଘଟଣାରେ ୨ ଅଭିଯୁକ୍ତ ସାମିଲ ଥିବା ପୁଲିସ ଜାଣିବା ପରେ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ପୁଲିସ ସୂତ୍ରରୁ ଜଣାପଡିଛି। ଉକ୍ତ ଅଭିଯୁକ୍ତ ୨ଜଣ ୪୨ ମୌଜା ଥାନା ଅନ୍ତର୍ଗତ ଚାନ୍ଦୁଲି ଗ୍ରାମ ବୃନ୍ଦାବନ ରାୟ ଓ କିଶୋର ନଗର ଥାନା ଅନ୍ତର୍ଗତ ଧରିଣା ଗ୍ରାମର ତପନ ରାଉତ ବୋଲି ଜଣାପଡିଛି।

### ଏନ୍‌ଏସି ମାନ୍ୟତାରୁ ସାଲେପୁର ବାଦ୍ ପଡ଼ିବାର ପ୍ରତିବାଦ

# ୧୯ରେ ବିଜେଡିର ସାଲେପୁର ବନ୍ଦ ଡକରା



**ସାଲେପୁର,୧୭।୮ (ସମିସ):** ସାଲେପୁର ଅଞ୍ଚଳ କଟକ ଜିଲ୍ଲାର ବହୁ ପୁରାତନ ସହର। ଏହି ସହରକୁ ତୁରନ୍ତ ଏନ୍‌ଏସି ମାନ୍ୟତା ପ୍ରଦାନ ପାଇଁ ଦୀର୍ଘ ବର୍ଷ ଧରି ବିଭିନ୍ନ ସଂଗଠନ ପକ୍ଷରୁ ଦାବି ଉପସ୍ଥାପନ କରାଯାଉଥିବାବେଳେ ଏଥର ମଧ୍ୟ ସାଲେପୁର ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଇ ନାହିଁ। ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ସାଲେପୁର ପ୍ରତି ବୈମାତୃକ ମନୋଭାବ ଯୋଗୁ ସରକାର ଅଦ୍ୟାବଧି ସାଲେପୁର ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିନାହାଁନ୍ତି। ଏହା ନେଇ ସାଲେପୁର ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆସନ୍ତା ମଙ୍ଗଳବାର ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ୮ଘଣ୍ଟିଆ ସାଲେପୁର ବନ୍ଦ କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଶିଶୁଆ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ସହର କଟକ ଜିଲ୍ଲାର ବହୁ ପୁରାତନ ସହର ହୋଇଥିବାବେଳେ ଏନ୍‌ଏସି ମାନ୍ୟତା ପାଇବା ପାଇଁ ସମସ୍ତ ଭିତ୍ତିଭୂମି ରହିଥିବାବେଳେ ଅଦ୍ୟାବଧି ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ସାଲେପୁର ପ୍ରତି ବୈମାତୃକ ମନୋଭାବ ଯୋଗୁ ସାଲେପୁର ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଇ ନାହିଁ ବୋଲି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଅଭିଯୋଗ କରିବା ସହ ସରକାରଙ୍କ ଏଭଳି କାର୍ଯ୍ୟକୁ ତୀବ୍ର ନିନ୍ଦା କରିଛନ୍ତି। ଯେପର୍ଯ୍ୟନ୍ତ ସାଲେପୁରକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଇ ନାହିଁ, ସେ ପର୍ଯ୍ୟନ୍ତ ଏହି ଲଢ଼େଇ ଚାଲୁ ରହିବ ବୋଲି ସେ ପ୍ରକାଶ କରିବା ସହ ଆସନ୍ତା ୧୯ ତାରିଖ ଦିନ ସାଲେପୁର ବନ୍ଦ ଡକରା ଦିଆଯାଇଛି। ଏହି ବନ୍ଦ ଡାକରାକୁ ସ୍ୱତଃସ୍ଫୂର୍ତ୍ତ ଭାବେ ସଫଳ କରିବା ପାଇଁ ବିଭିନ୍ନ ସଂଗଠନ, ବ୍ୟବସାୟ ସଂଘ ଓ ସ୍ଥାନୀୟ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ବିଜେଡି କାର୍ଯ୍ୟକାରିଣୀ ସଭାପତି ନାରାୟଣ ପତି, ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଦିଲ୍ଲୀପ ଦାଶ, ସାଲେପୁର ବଜାର କମିଟି ସଭାପତି ନବକିଶୋର କର, ବ୍ଲକ୍ ଯୁବ ସଭାପତି ସଂଜିତ୍ ଦାଶ, ବ୍ଲକ୍ ଯୁବ ମହାସଚିବ ଗୁଲରେଜ ଅଲ୍ଲି, ଛାତ୍ର ମହାସଚିବ ସୁମନ ନାୟକ, ଯୁବନେତା ବିରଞ୍ଚି ନାରାୟଣ କର, ରାଜେଶ ମହାନ୍ତି, ବାଲିସାହି ସରପଞ୍ଚ ପବିତ୍ର ସାମଲ, ବିନୋଦ ମଲିକ, ଜୟରାମ ବେହେରା, ସୁଧିର ଶତପଥି, ସମ୍ବିତ ଦାସ, ସୌମ୍ୟରଞ୍ଜନ ମଲ୍ଲ, ଦିଲୀପ ବରାଳ, କମଳା ସେଠୀ, ଅଶ୍ୱିନୀ ଭୂୟାଁ, ଅଶ୍ୱିନୀ ଦାସ, ଶ୍ରୀପତି ନାରାୟଣ କର, ସନିଆ ସାହୁ, ଅଭୟ ନାୟକ, ଦିଲ୍ଲୀପ ସାହୁଙ୍କ ସମେତ ଶତାଧିକ ବ୍ୟକ୍ତି ଏହି ବୈଠକରେ ସାମିଲ ହୋଇଥିଲେ। ଏଠାରେ ପ୍ରକାଶଯୋଗ୍ୟ ଯେ ସାଲେପୁରକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରା ନ ଯିବା ପ୍ରତିବାଦରେ ସୋମବାର ସାଲେପୁର ବନ୍ଦ ଡକରା କଳିଙ୍ଗ ସେନା ପକ୍ଷରୁ ଦିଆଯାଇଥିଲେ ମଧ୍ୟ ସାଲେପୁର ଅଞ୍ଚଳର ବ୍ୟବସାୟୀ ଓ କୌଣସି ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଅବଗତ କରାଯାଇ ନ ଥିବାରୁ ଆସନ୍ତାକାଲି ହେବାକୁ ଥିବା ସାଲେପୁର ବନ୍ଦ ଡକରା ଆଶା ଆଶଙ୍କାରେ ରହିଛି।

## ଜବାହରଲାଲ ନେହରୁ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ



**ମାହାଙ୍ଗା,୧୭।୮ (ସମିସ):** ମାହାଙ୍ଗା ବ୍ଲକ ଅଲିଯୋଡାସ୍ଥିତ ଜବାହରଲାଲ ନେହରୁ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଉତ୍ସବ ପବିତ୍ର ଜନ୍ମାଷ୍ଟମୀ ଅବସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ୧୫ କୋଟି ଟଙ୍କା ବ୍ୟୟରେ ନୂତନ ଶ୍ରେଣୀ ଗୃହ, ଲାବୋରେଟୋରୀ ଓ ଅଡିଟୋରିୟମର ଭିତ୍ତିଭୂମି ନିର୍ମାଣ କରାଯିବ ବୋଲି କହିଥିଲେ। ୭୯ତମ ସ୍ୱାଧୀନତା ଦିବସ ଏରକଣାଠାରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ ଶ୍ରୀ ପ୍ରଧାନ ସାମିଲ ହୋଇଥିଲା ବେଳେ ମଞ୍ଚରେ ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରସ୍ଥିତ ନିଗମ କଳ୍ପତରୁ ଆଶ୍ରମ ଅଧ୍ୟକ୍ଷ ପରମହଂସ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଯୋଗ ଦେଇଥିଲେ। ଡ. ନିଖିଳେଶ ପଦ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ରବିନାରାୟଣ ବାରିକ, ଅଧ୍ୟାପକ ଅଶୋକ ସାହୁ, ଅଧ୍ୟାପକ ବସନ୍ତ ସେଠୀ, ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ବେହେରା, ଅଧ୍ୟାପକ ଅଶୋକ ସିଂହ, ଅଧ୍ୟାପକ ଆଶିଷ ବରାଳ, ଅଧ୍ୟାପିକା ଡ. ଜୟଶ୍ରୀ ରାଉତ, ଅଧ୍ୟାପିକା ଡ.ଚିନ୍ମୟୀ ସାହୁ, ଅଧ୍ୟାପକ ବିସିକେଶନ ଦାସ, ଅଧ୍ୟାପିକା ସନ୍ଧ୍ୟାରାଣୀ ମହାପାତ୍ର, ଡିଇଓ ଅରୁଣ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟରମୁଖପତ୍ରବନବିଥିକାଅତିଥିମାନେ ଉନ୍ମୋଚନ କରିଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠାରେ ଯେଉଁମାନଙ୍କ ଅବଦାନ ଥିଲା ସେମାନଙ୍କୁ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ପ୍ରଧାନ ସମ୍ବର୍ଦ୍ଧିତ କରିବା ସହିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧ ସଂଗୀତ ଗାନ କରାଯାଇଥିଲା। ଅଧ୍ୟାପକ ରୁଦ୍ରନାରାୟଣ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜନ୍ମାଷ୍ଟମୀ ଉପଲକ୍ଷେ ରାଧାଗୋବିନ୍ଦଙ୍କ ସୁନାବେଶ



**ଆଠଗଡ,୧୭।୮ (ସମିସ):** ବୈଷ୍ଣବ ମତେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ଆଠଗଡ଼ ଆରାଧ୍ୟ ଶ୍ରୀ ଶ୍ରୀ ରାଧାଗୋବିନ୍ଦଜୀୟୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଧାକୃଷ୍ଣଙ୍କୁ ୧ କିଲୋ ୮୪୮ ଗ୍ରାମ ୭୦୦ ମିଲି ଗ୍ରାମର ଅଳଙ୍କାରରେ ସୁସଜ୍ଜିତ କରାଯାଇଛି। ଅଳଙ୍କାର ଭିତରେ ୩ଟି ମୁକୁଟ, ନୂପୁର ୨ ହଳ, ମାଠ ଖଡ୍ଡୁ ୨ଟା, ମଗର ମୁହାଁ ଖଡ୍ଡୁ ୨ଟି, ସୁନା ମାଳି, ମର୍କତ ମାଳି, ପୋହଳା ମାଳ, ସୁନା ପଦକ ମାଳ, ଚୁଡ଼ି ୨ ହଳ, ନୋଳି ୨ ହଳ ରହିଛି। ଜନ୍ମାଷ୍ଟମୀ ନୀତି ସନ୍ଧ୍ୟା ୬ଟାରୁ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ସୁନାବେଶ ଦେଖିବାକୁ ମନ୍ଦିର ମଧ୍ୟରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କର ଭିଡ ଦେଖିବାକୁ ମିଳିଥିଲା। ଦେବୋତ୍ତର ସୁପରଭାଇଜର ଭବାନୀଶଙ୍କର ପଣ୍ଡାଙ୍କ ତତ୍ତ୍ୱବଧାନରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଆଠଗଡ଼ ଉପ କୋଷାଗାରରୁ ମହାପ୍ରଭୁଙ୍କ ଅଳଙ୍କାରଗୁଡ଼ିକ କଡା ସୁରକ୍ଷା ମଧ୍ୟରେ ଅଣାଯାଇଥିବା ବେଳେ ବେଶ ସରିଲା ପରେ ପୁଣି ଗଣତି ମଣତି କରାଯାଇ ଉପକୋଷାଗାରରେ ଦାଖଲ କରାଯିବ ବୋଲି କୁହାଯାଇଛି।

## ଉତ୍କର୍ଷ ଶିଖରମ୍ ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



**ତିଗିରିଆ,୧୭।୮ (ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ୟୁଜିଏମଇ ବିଦ୍ୟାଳୟ ପରିସରରେ ଉତ୍କର୍ଷ ଶିଖରମ ଫାଉଣ୍ଡେସନ ପକ୍ଷରୁ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସମାଜସେବୀ ତ୍ରିନାଥ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କ୍ୟାମ୍ପରେ ଭୁବନେଶ୍ୱର ସାଞ୍ଚି ହସ୍ପିଟାଲର ବିଭିନ୍ନ ବିଭାଗର ୪ଜଣ ଡାକ୍ତର ଓ ତାଙ୍କ ଟିମ ଏହି ଶିବିରରେ ଯୋଗଦେଇଥିଲେ। ଶିବିରରେ ମୋଟ ୨୯୫ ଜଣ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଡାକ୍ତରଙ୍କ ଠାରୁ ଉପାଦେୟ ପରାମର୍ଶ ପ୍ରଦାନ କରାଯାଇଥିଲା। ଶିବିରରେ ସଂଗଠନ ପକ୍ଷରୁ ରୋଗୀମାନଙ୍କର ୫ ପ୍ରକାରର ମାଗଣା ରକ୍ତ ପରୀକ୍ଷା କରାଯାଇଥିଲା। ଶିବିରରେ ଅତିଥିଭାବେ ସମାଜସେବୀ ସରୋଜ କୁମାର ଦାଶ, ସମାଜସେବୀ ପ୍ରଦ୍ୟୁମ୍ନ ଦାଶ, ଅବସରପ୍ରାପ୍ତ ସେନା କର୍ମଚାରୀ ବିରଞ୍ଚି ନାରାୟଣ ବେହେରା, ସମାଜସେବୀ ଜଗଦୀଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଦସ୍ୟ ପ୍ରାଣେଶ୍ୱର ସାହୁ, ବିବେକାନନ୍ଦ ସାହୁ, ସନ୍ତୋଷ ପ୍ରଧାନ, ରୋହିତ ସାହୁ, ଦେବୀପ୍ରସାଦ ସାହୁ, ପ୍ରଦୀପ ସାହୁ, ବିଚିତ୍ରାନନ୍ଦ ସାହୁ, ବବୁଲ ବାରିକ, କାହ୍ନୁ ବାରିକ, ବିଶ୍ୱଜିତ ପ୍ରଧାନ, ରୁଦ୍ର ସାହୁ, ଗୁଡୁ ସାହୁ, ଓଁ ସାହୁ, ରାଜେନ୍ଦ୍ର ମହାପାତ୍ର, ଅରବିନ୍ଦ ସେଠୀ, ପ୍ରଶାନ୍ତ, ଭାଗି, ଟିଲୁଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚାରା ବଣ୍ଟନ କାର୍ଯ୍ୟକ୍ରମ



**ସାଲେପୁର,୧୭।୮ (ସମିସ):** ସ୍ୱାଧୀନତା ଦିବସ ଅବସରରେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଚାରାବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅକ୍ଷୟ ଦାଶ, ସଂପାଦକ ହୃଷିକେଶ ମଲ୍ଲିକ, ଉପସଭାପତି ଦୀପକ ଦାସ, କାର୍ଯ୍ୟାଳୟ ସଂପାଦକ ହେମନ୍ତ ଭୂୟାଁ, ସାମ୍ବାଦିକ ପ୍ରତ୍ୟୁଷ ମହାନ୍ତି, ଶିଶିର ଦାଶ, ପ୍ରତାପଚନ୍ଦ୍ର ଭୂୟାଁ, ଅଜୟ ସାହୁ, ଚିତ୍ତରଂଜନ ମୁଦୁଲି, ତାରାକାନ୍ତ ନାୟକ, ପ୍ରଦୀପ୍ତ କର, ମହେଶ୍ୱର ବେହେରା, ଶିଶୁକାନ୍ତ ନନ୍ଦ, ଯୋଗେଶ୍ୱର ବିଶ୍ୱାଳ, ସେକ୍ ରହିମ୍ ଉଦ୍ଦିନ, ରଘୁନାଥ ପାତ୍ର, ଅନନ୍ତ ଚରଣ ଦାଶ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।

## ପିପି କଲେଜରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ




**ନିଶ୍ଚିନ୍ତକୋଇଲି,୧୭।୮ (ସମିସ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟକୁ ମୁଖ୍ୟ ସଡ଼କରୁ ସଂଲଗ୍ନ କରୁଥିବା ସଂଯୋଗୀକରଣ ରାସ୍ତା, ବାଳକ ସାଧାରଣ ପ୍ରକୋଷ୍ଠ ଓ କଲେଜ କ୍ୟାଣ୍ଟିନ୍‌ର ନୂତନ ଗୃହର ଶୁଭ ଉଦ୍‌ଘାଟନ କରାଯାଇଛି। କଲେଜ ଅଧକ୍ଷା ଡ. ତରୁଲତା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗ ଦେଇଥିଲେ। କଲେଜର ଭିତ୍ତିଭୂମିର ବିକାଶ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର, ସମାଜସେବୀ ତଥା କଲେଜର ପୂର୍ବତନ ସଭାପତି ପିତାମ୍ବର ସାହୁ, ଶିକ୍ଷାବିତ୍ ଦେବେନ୍ଦ୍ର ସାହୁ, ଅଧ୍ୟାପକ ରଶ୍ମିରଂଜନ ପଟ୍ଟନାୟକ, ଅଧ୍ୟାପକ ଡ. ଅଲେଖଚନ୍ଦ୍ର ସାମଲ ଯୋଗ ଦେଇଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ପ୍ରସନ୍ନ ଦାସ, ଅମରିଶ ସ୍ୱାଇଁ, ଶିଶିର ସ୍ୱାଇଁ, ପ୍ରଶାନ୍ତ ଭାରତୀ, ପ୍ରୀତିଶ୍ରୀ ଦାସ, ମୁଖ୍ୟ ସହକାରୀ କ୍ଷୀରୋଦଚନ୍ଦ୍ର ମହାନ୍ତିଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। ହରଘର ତ୍ରିରଙ୍ଗା ଓ ସଂସ୍କୃତ ସପ୍ତାହ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ବିଧାୟକ ଶ୍ରୀ ପ୍ରଧାନ ପୁରସ୍କାର ପ୍ରଦାନ କରିବା ସହ କଲେଜ ପରିସରରେ ବିଭିନ୍ନ ଚାରା ରୋପଣ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ପୁଷ୍ପଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ଦିବସରେ ପ୍ରଦର୍ଶନୀ ଫୁଟବଲ ମ୍ୟାଚ



**ଆଠଗଡ,୧୭।୮ (ସମିସ):** ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଯୁବଜ୍ୟୋତି କ୍ଲବ୍, ପଙ୍କାଳ ସହ ରଶ୍ମି କ୍ଲବ୍, ହେମାମାଳପୁର ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଶ୍ମି କ୍ଲବ୍, ହେମାମାଳପୁର ୨-୧ ବ୍ୟବଧାନରେ ବିଜୟ ହୋଇଛି। ମ୍ୟାଚରେ ମୁଖ୍ୟଅତିଥି ଭାବେ ଆଠଗଡ କ୍ରୀଡା ସଂସଦର ଉପସଭାପତି ଜ୍ଞାନରଞ୍ଜନ ବେହେରା ସମ୍ପାଦକ ଶ୍ୟାମାନନ୍ଦ ମହାରଣା ଓ ସମ୍ମାନୀୟ ଅତିଥି ଭାବେ ହେମାମାଳପୁର ଗ୍ରାମ୍ୟ କମିଟି ସମ୍ପାଦକ ବେଣୁଧର ଜେନା ଏବଂ କାଉନସିଲର ସୁଶାନ୍ତ ଜେନା ଓ ଅଜୟ ଜେନା ଅତିଥିଭାବେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଲୋକ ପ୍ରଧାନ, ଅନାମ ସାମଲ ଓ ପ୍ରାଣବନ୍ଧୁ ବାରିକ ଖେଳ ପରିଚାଳନା କରିଥିଲେ। କ୍ରୀଡା ସଂସଦର ସହ ସମ୍ପାଦକ ସୋମନାଥ ଭକ୍ତା, ନିରଞ୍ଜନ ଦାସ ଓ ସୁନ୍ଦର କୁମାର ରାୟସାମନ୍ତ ସହଯୋଗ କରିଥିଲେ।

### ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ

# ସମସ୍ୟା କରୁଛି ୧୧ କେଭି ତାର



**ସାଲେପୁର,୧୭।୮ (ସମିସ):** ସାଲେପୁର ବ୍ଲକ୍ ଅନ୍ତର୍ଗତ ନଇଗୁଆଁ ଗ୍ରାମପଞ୍ଚାୟତର ନଇଗୁଆଁ ରାଜସ୍ୱ ଗ୍ରାମରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଓ ଅନୁଦାନରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ୨ ମହଲା ବିଶିଷ୍ଟ କୋଠାଘର ନିର୍ମାଣ ନିମିତ୍ତ କଟକ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୩୫୩-୦୮।୦୧।୨୦୨୪ରେ ସାଲେପୁର ତହସିଲଦାରଙ୍କୁ ଆବଶ୍ୟକ ଜମି ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସାଲେପୁର ତହସିଲଦାର ଅନୁସନ୍ଧାନ କରି ନଇଗୁଆଁ ମୌଜାରେ ଅନ୍ୟ କୌଣସି ସରକାରୀ ଜମି ନ ଥିବାରୁ ଖାତା ନଂ-୮୭୮, ପ୍ଲଟ୍ ନଂ-୧୪୫୫, ଉନ୍ନତ ଯୋଜନା ଯୋଗ୍ୟ କିସମ ଯୋଗାଇଦେଇଥିଲେ। ଏ ସଂପର୍କରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାର ଚୟନ କରାଯାଇଛି। ଉକ୍ତ ଉନ୍ନତ ଯୋଜନା କିସମ ଜମିରେ ବିଦ୍ୟୁତ୍ ବିଭାଗର ଇଲେଭେନ୍ କେଭି ଲାଇନ୍ ତାର ଯାଇଛି। ଏହି ତାରକୁ ସ୍ଥାନାନ୍ତର ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପକ୍ଷରୁ ଟାଟା ପାୱାର ଟିପିସିଓଡିଏଲ୍‌ର ସାଲେପୁରଠାରେ ଅବସ୍ଥାପିତ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ ମଧ୍ୟ ଅଦ୍ୟାବଧି ୧୧କେଭି ତାର ସ୍ଥାନାନ୍ତର ହୋଇପାରୁ ନାହିଁ। ଅପରପକ୍ଷରେ ଠିକାଦାର ନିଅଁ ଖୋଳିବାର ୨ମାସ ଅତିବାହିତ ହୋଇଥିଲେ ମଧ୍ୟ ଠିକା କାର୍ଯ୍ୟ ବନ୍ଦ କରି ରଖିଛନ୍ତି। ଯାହା ଫଳରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଦିଗରେ କେନ୍ଦ୍ର ସରକାର ଯେଉଁ ନୀତି ପ୍ରଣୟନ କରିଛନ୍ତି ତାହା ବାସ୍ତବ ରୂପରେ ପରିଣତ ହୋଇପାରୁନାହିଁ। ଟାଟା ପାୱାରର ଆନ୍ତରିକତାର ଅଭାବ ଯୋଗୁ କେନ୍ଦ୍ର ସରକାରଙ୍କ ଯୋଜନା ସ୍ଥାଣୁ ହୋଇପଡିଛି। ଏଥିପାଇଁ ଗ୍ରାମବାସୀ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଉକ୍ତ ପଞ୍ଚାୟତର ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ସ୍ୱରୂପ ୧୧ କେଭି ତାରକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୫୫ ● ପାଉଣ୍ଡ ୧୧୮.୯୧
- ୟୁରୋ ୧୦୨.୩୮ ● ୟେନ୍ ୦.୫୯




**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୯୦୦ (ନୂଆଦିଲ୍ଲୀ)
- ରୁପା : ୧,୧୬,୨୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୦,୫୯୭.୦୦
- ନିଫ୍ଟି ୨୪,୬୩୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



● ଟ୍ରମ୍ପଙ୍କ ତାଗିଦ୍‌କୁ ଅଣଦେଖା

# ଭାରତରେ ଆଇଫୋନ୍ ୧୭ର ଉତ୍ପାଦନ ଆରମ୍ଭ

ନୂଆଦିଲ୍ଲୀ,୧୭।୮ (ଏଜେନ୍ସି): କମା ଦେଲାନି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପ। ଚୀନ୍ ଏବଂ ଆମେରିକାର ଚାପକୁ ଅଣଦେଖା କରି ଆପଲ୍ ପୁଣି ଥରେ ଭାରତରେ ଏହାର ଆଇଫୋନ୍ ଉତ୍ପାଦନ ବୃଦ୍ଧି କରିଛି। ବିଶ୍ୱର ସର୍ବବୃହତ ଆଇଫୋନ୍ ନିର୍ମାଣକାରୀ



କମ୍ପାନୀ ଫକ୍ସକନ୍ ବେଙ୍ଗାଲୁରୁ ନିକଟରେ ଏହାର ନୂତନ ପ୍ଲାଣ୍ଟରେ ଆଇଫୋନ୍-୧୭ ଉତ୍ପାଦନ ଆରମ୍ଭ କରିଛି। ଏହା ଭାରତରେ ଫକ୍ସକନ୍‌ର ଦ୍ୱିତୀୟ ବୃହତ ପ୍ଲାଣ୍ଟ। କମ୍ପାନୀ ପୂର୍ବରୁ ଚେନ୍ନାଇରେ ଆଇଫୋନ୍-୧୭ ଉତ୍ପାଦନ କରୁଥିଲା, କିନ୍ତୁ ବର୍ତ୍ତମାନ ବେଙ୍ଗାଲୁରୁରେ ମଧ୍ୟ ଏହାର ଉତ୍ପାଦନ ଆରମ୍ଭ ହୋଇଛି। ରିପୋର୍ଟ ଅନୁଯାୟୀ, ଫକ୍ସକନ୍ ପ୍ରାୟ ୨.୮ ବିଲିୟନ (ପ୍ରାୟ ୨୫,୦୦୦ କୋଟି ଟଙ୍କା) ବିପୁଳ ପରିମାଣର ଅର୍ଥ ବିନିଯୋଗ କରି ବେଙ୍ଗାଲୁରୁର ଦେବନାହଲ୍ଲିରେ ଏହାର ନୂତନ ପ୍ଲାଣ୍ଟ ସ୍ଥାପନ କରିଛି। ଆଇଫୋନ୍-୧୭ର ଉତ୍ପାଦନ ଏବେ ଏଠାରେ ଏକ କ୍ଷୁଦ୍ର ସ୍ତରରେ ଆରମ୍ଭ ହୋଇଛି। ଏହା ଚୀନ୍ ବାହାରେ ଫକ୍ସକନ୍‌ର ଦ୍ୱିତୀୟ ବୃହତ୍ କାରଖାନା। ବେଙ୍ଗାଲୁରୁରେ ନୂତନ କାରଖାନାର ଉଦ୍‌ଘାଟନ ଚେନ୍ନାଇରେ ଏକ ବଡ଼ କାରଖାନା ରଖିବା ପରେ ଭାରତରେ ଉତ୍ପାଦନ ବୃଦ୍ଧି କରିବା ପାଇଁ ଆପଲର ଯୋଜନାର ଏକ ଅଂଶ।


ଟ୍ରମ୍ପ ଭାରତରେ ଉତ୍ପାଦନ ବନ୍ଦ କରିବାକୁ ଟେକ୍ କମ୍ପାନୀ ଆପଲକୁ କହିଥିଲେ। କିନ୍ତୁ କମ୍ପାନୀ ଭାରତରେ ଏହାର ଉତ୍ପାଦନ ବୃଦ୍ଧି କରିଛି। କିଛି ମାସ ପୂର୍ବରୁ, ଟ୍ରମ୍ପ କତାର ଗସ୍ତ ସମୟରେ ଆପଲର ସିଇଓ ଟିମ୍ କୁକ୍‌ଙ୍କ ସହ ଏ ବିଷୟରେ କଥା ହୋଇଥିଲେ। ଟ୍ରମ୍ପ କହିଥିଲେ, ଗତକାଲି ମୋର ଟିମ୍ କୁକ୍‌ଙ୍କ ସହିତ ଟିକିଏ ସମସ୍ୟା ହୋଇଥିଲା। କୁକ୍ ଭାରତରେ ଏକ କାରଖାନା ନିର୍ମାଣ କରୁଛନ୍ତି ଏବଂ ମୁଁ ଚାହୁଁନାହିଁ ଯେ ଆପଲ ଭାରତରେ ଏକ କାରଖାନା ନିର୍ମାଣ କରୁ। ଟ୍ରମ୍ପ ଦାବି କରିଥିଲେ ଯେ ଏହି ଆଲୋଚନା ପରେ, ଆପଲ ଏବେ ଆମେରିକାରେ ଏହାର ଉତ୍ପାଦନ ବୃଦ୍ଧି କରିବ। ସେ ଏହା ମଧ୍ୟ କହିଥିଲେ, ଆମେ ଭାରତରେ ଆପଣଙ୍କର କାରଖାନା ନିର୍ମାଣ କରିବାକୁ ଆଗ୍ରହୀ ନୁହଁ। ଭାରତ ନିଜର ଯତ୍ନ ନେଇପାରିବ। କିନ୍ତୁ ଆପଲ ଟ୍ରମ୍ପଙ୍କ ଧମକକୁ ସମ୍ପୂର୍ଣ୍ଣ ଅଣଦେଖା କରି ଭାରତରେ ଏହାର ଉତ୍ପାଦନ ଆହୁରି ବୃଦ୍ଧି କରିଛି। ଭାରତରେ ଆପଲ ପୂର୍ବରୁ ଘୋଷଣା କରିସାରିଛି ଯେ ଏହି ବର୍ଷ ଶେଷ ସୁଦ୍ଧା ଭାରତରେ ଆଇଫୋନ୍‌ର ଉତ୍ପାଦନ ୬୦ ନିୟୁତ ୟୁନିଟ୍‌କୁ ବୃଦ୍ଧି କରାଯିବ। ଗତ ବର୍ଷ, କମ୍ପାନୀ ପ୍ରାୟ ୩୫ ରୁ ୪୦ ନିୟୁତ ଆଇଫୋନ୍ ତିଆରି କରିଥିଲା, ଯାହାକୁ ଏବେ ୬୦ ନିୟୁତକୁ ବୃଦ୍ଧି କରିବାକୁ ଯୋଜନା କରାଯାଉଛି। ଆପଲ୍ ସିଇଓ ଟିମ୍ କୁକ୍ ସମ୍ପ୍ରତି କହିଛନ୍ତି ଯେ ଆମେରିକାରେ ବିକ୍ରି ହେଉଥିବା ଅଧିକାଂଶ ଆଇଫୋନ୍ ଭାରତରୁ ଆମଦାନି କରାଯିବ, ଯାହା ଭାରତକୁ ଏକ ଉତ୍ପାଦନ କେନ୍ଦ୍ର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

**ଫାସ୍ଟ୍ୟାଗ୍ ଆନୁଆଲ୍ ପାସ୍**

# ପ୍ରଥମ ଦିନରେ ପାସ୍ କିଣିଲେ ୧.୪୦ ଲକ୍ଷରୁ ଅଧିକ ୟୁଜର୍

ନୂଆଦିଲ୍ଲୀ,୧୭।୮ (ଏଜେନ୍ସି): ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ସ୍ୱାଧୀନତା ଦିବସରେ ଫାସ୍ଟ୍ୟାଗ୍ ଆନୁଆଲ ପାସ୍ ଲଞ୍ଚ କରିଛି। ଆରମ୍ଭ କରାଯିବାର ପ୍ରଥମ ଦିନରୁ ଏହାର ଜବରଦସ୍ତ ପ୍ରଭାବ ଦେଖିବାକୁ ମିଳିଛି। ପ୍ରଥମ ଦିନରେ ହିଁ ୧.୪୦ ଲକ୍ଷରୁ ଅଧିକ ୟୁଜର୍ ପାସ୍ କିଣିଛନ୍ତି ଏବଂ ଆକ୍ଟିଭ୍ କରିଛନ୍ତି। ଅନ୍ୟପଟେ ୧.୩୯ ଲକ୍ଷରୁ ଅଧିକ କାରବାର ସାରା ଦେଶର ୧,୧୫୦ ଟୋଲ୍ ପ୍ଲାଜାରେ ରେକର୍ଡ କରାଯାଇଛି।

ଏହି ନୂଆ ପାସ୍ ବିଶେଷକରି ନନ୍-କମର୍ସିଆଲ ବାହନଗୁଡ଼ିକ ପାଇଁ ରଖାଯାଇଛି। ଏହାର ସବୁଠୁ ଅଧିକ ବିଶେଷତ୍ୱ ରହିଛି ଯେ, ଏବେ ବାରମ୍ବାର ଫାସ୍ଟ୍ୟାଗ୍ ରିଚାର୍ଜ କରିବାର



ସମସ୍ୟା ଶେଷ ହୋଇଯିବ। ଏଥିରେ ୩,୦୦୦ ଟଙ୍କା ୱାନ –ଟାଇମ୍ ପେମେଣ୍ଟ କରିବାକୁ ହେବ ଏବଂ ଏହି ପାସ୍ ପୂରା ବର୍ଷକ ପାଇଁ ବା ୨୦୦ ଟୋଲ୍ କାରବାର (ଯାହା ବି ପୂର୍ବରୁ ଥିବ) ଯାଏ ଭାଲିଡ୍ ରହିବ। ଏହି ବାର୍ଷିକ ପାସ୍ 'ରାଜମାର୍ଗ ଯାତ୍ରା ଆପ୍' ବା ଏନ୍‌ଏଚ୍‌ଏଆଇ ୱେବସାଇଟ୍ ମାଧ୍ୟମରେ କ୍ରୟ ବା ଆକ୍ଟିଭ୍ କରାଯାଇପାରେ। ଆକ୍ଟିଭେସନ କେବଳ ୨ ଘଣ୍ଟାରେ ପୂରା ହୋଇଯାଏ। ଅନ୍ୟପଟେ ୟୁଜରଙ୍କୁ ଏସଏମଏସ୍ ମିଳୁଛି ଯେ , ତାଙ୍କର ଟୋଲ କଟୁନାହିଁ। ଅର୍ଥାତ୍ ପାସ୍ ନେବା ପରେ ଜିରୋ ଡିଡକ୍ସନ ହୋଇଥାଏ। ପାଖାପାଖି ୨୦-୨୫ ହଜାର ଲୋକ ଏକା ସାଥିରେ ଆପ୍‌ରେ ଆକ୍ଟିଭ୍ ହୋଇ ପାସ୍‌ର ଲାଭ ଉଠାଉଛନ୍ତି। ଉକ୍ତ ପାସ୍‌ରେ ଯାତ୍ରୀଙ୍କୁ ବାରମ୍ବାର ରିଚାର୍ଜର ଟେନସନ ରହିବ ନାହିଁ ଏବଂ ଯାତ୍ରା ପୂରା ସହଜ ରହିବ। ଏହା ବ୍ୟତୀତ ଏହା ଦୀର୍ଘକାଳୀନ ଭାବେ ଫଳପ୍ରଦ ମଧ୍ୟ ସାବ୍ୟସ୍ତ ହେବ। ପ୍ରତି ଟୋଲ୍ ପ୍ଲାଜାରେ ଏନଏଚଏଆଇ ଅଧିକାରୀ ଓ ନୋଡାଲ ଅଫିସର ନିୟୋଜନ କରାଯାଇଛି। ଅଭିଯୋଗର ସମାଧାନ ପାଇଁ ୧୦୩୩ଟି ନ୍ୟାସନାଲ ହାଇୱେ ହେଲ୍ପଲାଇନ୍‌କୁ ଆହୁରି ମଜବୁତ୍ କରାଯିବ, ଯେଉଁଠି ୧୦୦ରୁ ଅଧିକ ନୂଆ ଏକଜିକ୍ୟୁଟିଭ୍ ଯୋଡ଼ି ହୋଇଛନ୍ତି। ସରକାରଙ୍କ କହିବାନୁସାରେ, ଏହି ପାସ୍ ଯାତ୍ରୀଙ୍କୁ ଭଲ ଓ ସହଜ ଯାତ୍ରାର ଅନୁଭବ ଦେବ।

**ଟ୍ରମ୍ପ ଶୁଳ୍କରୁ ଆଶ୍ୱସ୍ତି ନାହିଁ !**

# ସଙ୍କଟରେ ବାଣିଜ୍ୟ ଆଲୋଚନା

ନୂଆଦିଲ୍ଲୀ,୧୭।୮ (ଏଜେନ୍ସି)

ଭାରତ-ଆମେରିକା ସମ୍ପର୍କ ଗତ କିଛି ଦଶନ୍ଧି ମଧ୍ୟରେ ସବୁଠାରୁ ନିମ୍ନ ସ୍ତରରେ ପହଞ୍ଚିଛି। ଆଗାମୀ ଦିନରେ ଭାରତକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କରୁ କୌଣସି ଆଶ୍ୱସ୍ତି ମିଳିବ ବୋଲି ମନେ ହେଉନାହିଁ। ସୂତ୍ର ଅନୁଯାୟୀ, ଭାରତକୁ ଏବେ ଏକ ବଡ଼ ଝଟକା ଲାଗିଛି, ଯେତେବେଳେ ଆମେରିକା ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଷଷ୍ଠ ପର୍ଯ୍ୟାୟ ଆଲୋଚନାକୁ ସ୍ଥଗିତ ରଖିଛି। ଏହି ବୈଠକ ଚଳିତମାସ ୨୫ରୁ ୨୯ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ହେବାର ଥିଲା। ଜଣେ ଆମେରିକୀୟ ଅଧିକାରୀ ସୂଚନା ଦେଇଛନ୍ତି ଯେ ଏହି ଗସ୍ତ ସମ୍ଭବତଃ ପୁନଃନିର୍ଦ୍ଧାରିତ ହେବ।

ବାଣିଜ୍ୟ ଶୁଳ୍କକୁ ନେଇ ଭାରତ ଏବଂ ଆମେରିକା ମଧ୍ୟରେ ଆର୍ଥିକ ସମ୍ପର୍କରେ ତିକ୍ତତା ବଢ଼ିବାରେ ଲାଗିଛି। ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ପାଇଁ ଆମେରିକୀୟ ପ୍ରତିନିଧି ଦଳର ଚଳିତମାସ ୨୫ରୁ ୨୯ ପର୍ଯ୍ୟନ୍ତ ଭାରତ ଗସ୍ତକୁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି। କୁହାଯାଉଛି ଯେ ଏହି ଗସ୍ତର ନୂତନ ତାରିଖ ଖୁବ୍ ଶୀଘ୍ର ଘୋଷଣା କରାଯିବ। ଖବର ଅନୁଯାୟୀ, ଆମେରିକା ପ୍ରତିନିଧି ଦଳ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନାକୁ ଆଗକୁ ବଢ଼ାଇବାର ଥିଲା, ଯାହା ଏହି ସମୟରେ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ ତୈଳ ଆମଦାନୀ ଉପରେ ଭାରତୀୟ ସାମଗ୍ରୀ ଉପରେ ୨୫% ଶୁଳ୍କ ଘୋଷଣା କରିଛନ୍ତି, ଯାହା ପୂର୍ବରୁ ଘୋଷିତ ୨୫% ଶୁଳ୍କ ସହିତ ଅତିରିକ୍ତ ଭାବେ ଲାଗୁ କରାଯିବ। ଏ ପର୍ଯ୍ୟନ୍ତ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ୫ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି। ଷଷ୍ଠ ପର୍ଯ୍ୟାୟ ଆଲୋଚନା ହେବାର ଥିଲା, କିନ୍ତୁ ବର୍ତ୍ତମାନ ଏହାକୁ ସ୍ଥଗିତ ରଖାଯାଇଛି। ଏହି ବୈଠକ ସ୍ଥଗିତ ରଖିବା ଭାରତ ପାଇଁ ଏକ ବଡ଼ ଝଟକା। କାରଣ ଭାରତ ଉପରେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଅତିରିକ୍ତ ୨୫ ପ୍ରତିଶତ ଅର୍ଥାତ୍ ମୋଟ ୫୦ ପ୍ରତିଶତ ଶୁଳ୍କ ଅଗଷ୍ଟ ୨୭ରୁ କାର୍ଯ୍ୟକାରୀ ହେବ। ଆମେରିକା ଭାରତର କୃଷି ଏବଂ କ୍ଷୀର କ୍ଷେତ୍ରରେ ଅଧିକ ବ୍ୟବସାୟ କରିବାକୁ ଚାହୁଁଛି। କିନ୍ତୁ ଭାରତ ସ୍ପଷ୍ଟ କରିଛି ଯେ ଏହା ଏହାର କୃଷକମାନଙ୍କ ସ୍ୱାର୍ଥ ସହିତ କୌଣସି ପ୍ରକାରର ସାଲିସ କରିବ ନାହିଁ। ଭାରତ ଏକ କୃଷି ପ୍ରଧାନ ଦେଶ ଏବଂ ଯଦି ଆମେରିକୀୟ ବଜାର ଭାରତର କୃଷି ବଜାରରେ ପ୍ରବେଶ କରେ, ତେବେ ଏହା ଏକ ବିରାଟ ଆର୍ଥିକ କ୍ଷତି କରିବ।




■ ଭାରତ ଆସିବେନି ଆମେରିକୀୟ ପ୍ରତିନିଧି

■ ଆମେରିକା ବାଣିଜ୍ୟ ଦଳର ଗସ୍ତ ସ୍ଥଗିତ

ଆମେରିକା ଏବଂ ଭାରତ ଦୀର୍ଘ ସମୟ ଧରି ବଡ଼ ମାତ୍ରାରେ ବାଣିଜ୍ୟ କରିଆସୁଛନ୍ତି। ଚଳିତବର୍ଷ ସେପ୍ଟେମ୍ବର-ଅକ୍ଟୋବର ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହିତ, ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୫୦୦ ବିଲିୟନ ଡଲାରକୁ ବୃଦ୍ଧି କରିବା ପାଇଁ ଏକ ଯୋଜନା କରାଯାଇଛି। ବର୍ତ୍ତମାନ, ଉଭୟଙ୍କ ମଧ୍ୟରେ ବାଣିଜ୍ୟ ୧୯୧ ବିଲିୟନ ଡଲାର। ଆମେରିକା ଅଗଷ୍ଟ ୭ରୁ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଛି। ରୁଷରୁ ଅଶୋଧିତ ତେଲ ଏବଂ ସାମରିକ ଉପକରଣ କିଣିବା ଯୋଗୁଁ ଭାରତ ଉପରେ ଅତିରିକ୍ତ ୨୫ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କ ଲାଗୁ କରାଯାଇଛି। ଯାହା ଅଗଷ୍ଟ ୨୭ରୁ କାର୍ଯ୍ୟକାରୀ ହେବ। ବାଣିଜ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଏପ୍ରିଲ-ଜୁଲାଇ ମଧ୍ୟରେ ଆମେରିକାକୁ ଭାରତର ରପ୍ତାନି ୨୧.୬୪% ବୃଦ୍ଧି ପାଇ ୩୩.୫୩ ବିଲିୟନ ଡଲାର ହୋଇଛି, ଯେତେବେଳେ ଆମଦାନୀ ୧୨.୩୩% ବୃଦ୍ଧି ପାଇ ୧୭.୪୧ ବିଲିୟନ ଡଲାର ହୋଇଛି। ଏହି ସମୟ ମଧ୍ୟରେ ଆମେରିକା ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର ରହିଥିଲା।

# ବଦଳିବ ୧୦ ଲକ୍ଷରୁ ଅଧିକାଂଶ ସାମଗ୍ରୀର ଜିଏସ୍‌ଟି ସ୍ଲାବ୍

ନୂଆଦିଲ୍ଲୀ,୧୭।୮ (ଏଜେନ୍ସି): ଭାରତ ସରକାର ଏବେ ଆମେରିକାର ଶୁଳ୍କର ଜବାବ ଦେବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିପାଇଁ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି)ରେ ଏକ ବଡ଼ ପରିବର୍ତ୍ତନ ଯୋଜନା ରହିଛି। ଏହାକୁ 'ଜିଏସ୍‌ଟି ୨.୦' କିମ୍ବା ନେକ୍ସଟଜେନ୍ ଜିଏସ୍‌ଟି ନାମ ଦିଆଯାଇଛି। ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘୋଷଣା କରିଛନ୍ତି। ଅର୍ଥାତ୍, ସରକାର ସେପ୍ଟେମ୍ବରରେ ଜିଏସ୍‌ଟି ବୈଠକ କରି ଏଥିରେ ପରିବର୍ତ୍ତନ କରିପାରନ୍ତି।

ବର୍ତ୍ତମାନ, ଜିଏସ୍‌ଟିରେ ୪ଟି ଟିକସ ସ୍ଲାବ୍ ଅଛି ୫%, ୧୨%, ୧୮% ଏବଂ ୨୮%। ସଂସ୍କାର ପରେ, କେବଳ ଦୁଇଟି ସ୍ଲାବ୍ ୫% ଏବଂ ୧୮% ରହିବ। ଏହାସହିତ, ୧୨% ଜିଏସ୍‌ଟି ପରିସରଭୁକ୍ତ ଲହୁଣୀ, ଫଳ ରସ, ଶୁଖିଲା ଫଳ ଭଳି ୯୯% ସାମଗ୍ରୀ ୫% ଟିକସ ପରିସରଭୁକ୍ତ ହେବ। ସରଳ ଶବ୍ଦରେ, ଏହି ଜିନିଷଗୁଡ଼ିକର ମୂଲ୍ୟ ୭% ଶସ୍ତା ହୋଇଯିବ। ସେହିପରି, ୨୮% ଟିକସ ବର୍ଗରେ ଆସୁଥିବା ସିମେଣ୍ଟ, ଏସି, ଟିଭି, ଫ୍ରିଜ୍, ୱାସିଂ ମେସିନ୍ ଭଳି ୯୦% ସାମଗ୍ରୀ ୧୮% ସ୍ଲାବ୍ ଅଧିନକୁ ଆସିବ। ଅର୍ଥାତ୍ ଏଗୁଡିକର ମୂଲ୍ୟ ୧୦% ଶସ୍ତା ହେବ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଅଧିକାରୀଙ୍କ କହିବାନୁଯାୟୀ, ୨୦୪୭ ମସିହା ବେଳକୁ ଦେଶରେ ଏକ ସମାନ ଟିକସ ସ୍ଲାବ୍ ରହିବ। ଏହି ଦିଗରେ ଦୁଇଟି ସ୍ଲାବ୍ ଆଣିବା ପ୍ରଥମ ପଦକ୍ଷେପ। ସରକାର ରାଜ୍ୟଗୁଡ଼ିକର ଅର୍ଥମନ୍ତ୍ରୀଙ୍କ ଗୋଷ୍ଠୀକୁ ଜିଏସ୍‌ଟି ସଂସ୍କାରର ଏହି ପ୍ରସ୍ତାବ ପଠାଇଛନ୍ତି। ଅର୍ଥ ମନ୍ତ୍ରଣାଳୟ ଏକ ବିବୃତ୍ତିରେ ସ୍ପଷ୍ଟ କରିଛି ଯେ ଜିଏସ୍‌ଟି ସଂସ୍କାରର ତିନୋଟି ପ୍ରମୁଖ ଆଧାର ରହିବ। ପ୍ରଥମତଃ, ସାରଞ୍ଜନିକ ସଂସ୍କାର। ୪୦,୦୦୦




● ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ୧୦% ଖସିଯିବ

● ଫ୍ରିଜ୍‌ଠାରୁ ସିମେଣ୍ଟ ପର୍ଯ୍ୟନ୍ତ ସବୁ ହେବ ଶସ୍ତା

● ବୀମା ପ୍ରିମିୟମ୍‌ରେ ହ୍ରାସ ସମ୍ଭାବନା

ଟଙ୍କା ମୂଲ୍ୟର ଫ୍ରିଜ୍ ୪,୦୦୦ ଟଙ୍କା ଏବଂ ୮୦,୦୦୦ ଟଙ୍କା ମୂଲ୍ୟର ଟିଭି ୮,୦୦୦ ଟଙ୍କା ଶସ୍ତା ହେବ। ବର୍ତ୍ତମାନ, ଜିଏସ୍‌ଟି ଅଧୀନରେ ୧୦ ଲକ୍ଷରୁ ଅଧିକ ସାମଗ୍ରୀ ରହିଛି। ଯଦି ଆମେ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ବୁଝିବା, ତେବେ ସାଧାରଣ ଲୋକ ନୂତନ ସଂସ୍କାରରୁ ସିଧାସଳଖ ଲାଭ ପାଇବେ। ୩୫୦ ଟଙ୍କା ମୂଲ୍ୟର ସିମେଣ୍ଟ ବସ୍ତା ୨୮ ଟଙ୍କା, ୮୦,୦୦୦ ଟଙ୍କା ମୂଲ୍ୟର ଟିଭି ୮,୦୦୦ ଟଙ୍କା, ୪୦,୦୦୦ ଟଙ୍କା ମୂଲ୍ୟର ଫ୍ରିଜ୍ ୪,୦୦୦ ଟଙ୍କା ଏବଂ ପ୍ରତି କିଲୋଗ୍ରାମ ୧୦୦୦ ଟଙ୍କା ମୂଲ୍ୟର ମିଠା ୫ ଟଙ୍କା ଶସ୍ତା ହେବ। ଶୁଖିଲା ଫଳ, ବ୍ରାଣ୍ଡେଡ୍ ନମକିନ୍, ଟୁଥ୍ ପାଉଡର, ଟୁଥ୍‌ପେଷ୍ଟ, ସାବୁନ, କେଶ ତେଲ, ସାଧାରଣ ଆଣ୍ଟିବାୟୋଟିକ୍ସ, ଯନ୍ତ୍ରଣା ନିବାରକ ଔଷଧ, ପ୍ରକ୍ରିୟାକୃତ ଖାଦ୍ୟ, ଖାଦ୍ୟ, ଫ୍ରୋଜେନ୍, ଫ୍ରୋଜେନ୍ ପନିପରିବା, ମୋବାଇଲ୍, କମ୍ପ୍ୟୁଟର, ସିଲାଇ ମେସିନ୍, ପ୍ରେସର୍ କୁକର୍, ଗିଜର, ଅଣ-ଇଲେକ୍ଟ୍ରିକ୍ ପାଣି ଫିଲ୍ଟର, ୧୦୦୦ ଟଙ୍କାରୁ ଅଧିକ ମୂଲ୍ୟର ପ୍ରସ୍ତୁତ ପୋଷାକ, ୫୦୦-୧୦୦୦ ଟଙ୍କା ପର୍ଯ୍ୟନ୍ତ ଜୋତା, ଅଧିକାଂଶ ଟୀକା, ଏଚ୍‌ଆଇଭି/ଟିବି ଡାଇଗ୍ନୋଷ୍ଟିକ୍ କିଟ୍, ସାଇକେଲ, ପାତ୍ର, ଜ୍ୟାମିତି ବାକ୍ସ ଆଦି ଉପରେ ଟିକସ ୧୨%ରୁ ୫%କୁ ହ୍ରାସ ପାଇବ। ସମସ୍ତ ପ୍ରକାରର ବୀମାର ପ୍ରିମିୟମ୍ ହ୍ରାସ ପାଇବ। ବର୍ତ୍ତମାନ ଜୀବନ ବୀମା ଏବଂ ସ୍ୱାସ୍ଥ୍ୟ ବୀମା ଉପରେ ୧୮% ଜିଏସ୍‌ଟି ରହିଛି। ଏହାକୁ ୫% କରାଯାଇପାରିବ। ଏମିତିକି ଏହାକୁ ଶୂନ ପ୍ରତିଶତ ମଧ୍ୟ କରାଯାଇପାରିବ।

# ସଞ୍ଜୟ କପୁରଙ୍କ ମୃତ୍ୟୁ ଉପରେ ଭଉଣୀ ମନ୍ଦିରା ଉଠାଇଲେ ପ୍ରଶ୍ନ

ନୂଆଦିଲ୍ଲୀ,୧୭।୮ (ଏଜେନ୍ସି): ସୋନା କମ୍‌ଷ୍ଟାରର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ସଞ୍ଜୟ କପୁରଙ୍କ ଭଉଣୀ ମନ୍ଦିରା କପୁର ସ୍ମିଥ୍ ତାଙ୍କ ଭାଇଙ୍କ ଆକସ୍ମିକ ମୃତ୍ୟୁ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ମନ୍ଦିରା କହିଛନ୍ତି, ତାଙ୍କ ମା'ଙ୍କୁ ଉତ୍ତର କିଏ ଦେବ। ସଞ୍ଜୟ ତାଙ୍କ ପାଇଁ ଜଣେ ଭାଇ ଥିଲେ ଏବଂ ମାଆଙ୍କ ପାଇଁ ସେ ଜଣେ ପୁଅ ଥିଲେ। ଆମେ ଉତ୍ତର ଚାହୁଁଛୁ

**ମା'ଙ୍କୁ ସୋନା କମ୍‌ଷ୍ଟାରରେ ଅଣ-କାର୍ଯ୍ୟକାରୀ ବୋର୍ଡ ପଦବୀ ମିଳୁ**



ବୋଲି ମନ୍ଦିରା କହିଛନ୍ତି। ମନ୍ଦିରା କହିଛନ୍ତି ଯେ ସଞ୍ଜୟ କପୁରଙ୍କ ମୃତ୍ୟୁ ପରେ, ତାଙ୍କ ମାଆ ଏବଂ ପରିବାରକୁ ପାଖରୁ ବାହାର କରିଦିଆଯାଇଥିଲା। ମୋ ମାଆ କେବଳ କହିଥିଲେ ଯେ (ଶୋକ ବାର୍ତ୍ତାରେ) ଆମର ନାମ ରଖନ୍ତୁ, କିନ୍ତୁ କୁହାଯାଇଥିଲା ଯେ ଏହା ସୋନା କମ୍ପାନୀ ଦ୍ୱାରା କରାଯାଇଛି। ସେ କହିଥିଲେ, ଏହା ଠିକ୍ ନୁହେଁ। ବାପା କମ୍ପାନୀ ପ୍ରତିଷ୍ଠା କରିଥିଲେ। ସେଥିରେ ପରିବାର ରକ୍ତ ଏବଂ ଝାଳ ଦେଇଥିଲେ। ଆଜି ଆମକୁ ଅପରିଚିତ କରିଦିଆଯାଇଛି। ଶୋକ ବାର୍ତ୍ତାରେ ନାମ, ନା କୌଣସି ସମ୍ମାନ ଅଛି। ଏହା ଭୁଲ। ଭାବପ୍ରବଣ ହୋଇ ସେ କହିଛନ୍ତି ଯେ, , ଆମେ କେବଳ ଜଣେ ଭାଇକୁ ହରାଇନାହୁଁ, ଆମେ ସବୁକିଛି ହରାଇଛୁ। ମୋ ମାଆ ୮୦ ବର୍ଷ ବୟସ୍କା। ତାଙ୍କର କ'ଣ ତାଙ୍କ ପୁଅ ପାଇଁ ଶୋକ କରିବାର ଅଧିକାର ନାହିଁ। ମନ୍ଦିରା କହିଛନ୍ତି ଯେ ତାଙ୍କ ମାଆ ରାନୀ କପୁରଙ୍କୁ ଅତି କମ୍‌ରେ ଏକ ଅଣ-କାର୍ଯ୍ୟକାରୀ ବୋର୍ଡ ପଦବୀ ମିଳିବା ଉଚିତ।ଅପରପକ୍ଷେ ସୋନା କମ୍‌ଷ୍ଟାର ପକ୍ଷରୁ କୁହାଯାଇଛି ଯେ, ରାନୀ କପୁର ୨୦୧୯ ପରଠାରୁ କୌଣସି ପ୍ରକାରେ କମ୍ପାନୀରେ ସକ୍ରିୟ ନାହାନ୍ତି। ତଥାପି, ରାନୀ ବୋର୍ଡକୁ ଦେଇଥିବା ଏକ ଚିଠିରେ ଦାବି କରିଛନ୍ତି ଯେ ସେ ତାଙ୍କ ସ୍ୱର୍ଗତ ସ୍ୱାମୀ ସୁରିନ୍ଦର କପୁରଙ୍କ ସମ୍ପତ୍ତିର ଏକମାତ୍ର ଉତ୍ତରାଧିକାରୀ। ସେ ସୋନା ଗ୍ରୁପ୍ ଏବଂ ସୋନା କମ୍‌ଷ୍ଟାରର ଅଧିକାଂଶ ଅଂଶୀଦାର ମଧ୍ୟ। ଉଲ୍ଲେଖନୀୟ ଯେ ମାତ୍ର ୫୩ ବର୍ଷ ବୟସରେ ସଞ୍ଜୟ କପୁର ଜୁନ୍ ୧୨ରେ ବ୍ରିଟେନରେ ମୃତ୍ୟୁବରଣ କରିଥିଲେ।

## ଚୀନ୍ ଷ୍ଟକ୍ ବଜାର; ସାରା ବିଶ୍ୱ ପାଇଁ ମୁଣ୍ଡବିନ୍ଧାର କାରଣ

ନୂଆଦିଲ୍ଲୀ,୧୭।୮ (ଏଜେନ୍ସି): ଆମେରିକା ପରେ ଚୀନର ଷ୍ଟକ୍ ବଜାର ବିଶ୍ୱର ଦ୍ୱିତୀୟ ବୃହତ୍ତମ ବଜାର, ଯାହାର ମୋଟ ଆକାର ୧୧ ଟ୍ରିଲିୟନ ଡଲାର (ପ୍ରାୟ ୮୫୦ ଲକ୍ଷ କୋଟି ଟଙ୍କା)। କିନ୍ତୁ ଗତ କିଛି ବର୍ଷ ଧରି ଏହା ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। ଚୀନ୍ ସରକାରଙ୍କଠାରୁ ଆମେରିକା ପର୍ଯ୍ୟନ୍ତ ସମସ୍ତେ ଏହି ଷ୍ଟକ୍ ବଜାରକୁ ନେଇ ଅସୁବିଧାରେ ପଡ଼ିଛନ୍ତି। ଏହି ବଜାର କେବଳ ଚୀନ୍ ନିବେଶକଙ୍କ ପାଇଁ ସମସ୍ୟା ପାଲଟିଛି ନାହିଁ, ବରଂ ବିଶ୍ୱର ବଡ଼ ଅର୍ଥନୀତି ମଧ୍ୟ ଏଥିରେ ପ୍ରଭାବିତ ହେଉଛି। ପ୍ରକୃତରେ, ଆରମ୍ଭରୁ ଚୀନ୍ ଷ୍ଟକ୍ ବଜାର ନିବେଶକମାନଙ୍କ ପାଇଁ ଲାଭଦାୟକ ହୋଇନାହିଁ। ବହୁ ବର୍ଷ ପୂର୍ବରୁ ଯେତେବେଳେ ବଜାରରେ ଏକ ବଡ଼ ହ୍ରାସ ହୋଇଥିଲା, ସେଥିରେ ନିବେଶକମାନେ ବହୁତ କ୍ଷତି ସହିଥିଲେ। ଏହି କ୍ଷତି ଲୋକଙ୍କୁ ଏତେ ଭୟଭୀତ କରିଥିଲା ଯେ ଏବେ ସେମାନେ ଷ୍ଟକ୍ ବଜାରରେ ଟଙ୍କା ନିବେଶ କରିବାକୁ ଏଡ଼ାଇବା ଆରମ୍ଭ କରିଛନ୍ତି। ଏହି କାରଣରୁ, ଚୀନର ଲୋକମାନେ ଯଥା ସମ୍ଭବ ଅଧିକ ଟଙ୍କା ସଞ୍ଚୟ କରିବାକୁ ଚେଷ୍ଟା କରୁଛନ୍ତି। ସେମାନେ ଖର୍ଚ୍ଚ ହ୍ରାସ କରୁଛନ୍ତି ଏବଂ ଏହା ସେମାନଙ୍କର ଆର୍ଥିକ କାର୍ଯ୍ୟକଳାପକୁ ମଧ୍ୟ ପ୍ରଭାବିତ କରୁଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ୧୦ ବର୍ଷ ପୂର୍ବେ ଆମେରିକାର ଏସ୍‌ଆଣ୍ଡପି ୫୦୦ ସୂଚକାଙ୍କରେ ୧୦ହଜାର ଡଲାର ନିବେଶ କରିଥାନ୍ତେ, ତେବେ ଆଜି ତାଙ୍କର ପରିମାଣ ତିନିଗୁଣରୁ ଅଧିକ ହୋଇଥାନ୍ତା।

# ଅରୁଣାଚଳ ପ୍ରଦେଶରେ ରେୟାର ଆର୍ଥର ବଡ଼ ଭଣ୍ଡାରର ସନ୍ଧାନ

ନୂଆଦିଲ୍ଲୀ,୧୭।୮ (ଏଜେନ୍ସି)



ରେୟାର ଆର୍ଥ ପ୍ରସଙ୍ଗରେ ଭାରତ ହାତରେ ଲାଗିଛି ଏକ ବଡ଼ ସଫଳତା। ରେୟାର ଆର୍ଥ ଉପରେ ଚୀନର ଦବଦବାକୁ କମ୍ କରିବା ଦିଗରେ ବଡ଼ ପଦକ୍ଷେପ ନେଉଛି ଭାରତ। ଦେଶରେ ଅନେକ ସ୍ଥାନରେ ରେୟାର ଆର୍ଥ ମ୍ୟାଟେରିଆଲର ସନ୍ଧାନ ଜାରି ରହିଛି। ଅରୁଣାଚଳ ପ୍ରଦେଶର ପାପୁମ ପାରେ ଜିଲ୍ଲାରେ ରେୟାର ଆର୍ଥ ଏଲିମେଣ୍ଟସର ଏକ ବଡ଼ ଭଣ୍ଡାର ମିଳିଥିବା ନେଇ ଦାବି କରାଯାଉଛି।

ରିପୋର୍ଟ ଅନୁଯାୟୀ, ଜୁନ୍‌ରେ ଖଣି ମନ୍ତ୍ରଣାଳୟ ଏକ ରିପୋର୍ଟ ଜାରି କରିଥିଲା। ଯେଉଁଥିରେ ଏହି କ୍ଷେତ୍ରରେ ନୟୋଡିମିୟମ ବିପୁଳ ମାତ୍ରାରେ ଥିବା କଥା କୁହାଯାଇଛି। ନିୟୋଡିମିୟମ ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ। ଏହାର ବ୍ୟବହାର ଇଲେକ୍ଟ୍ରିକ୍ ଗାଡ଼ି, ଆଧୁନିକ ଇଲେକ୍ଟ୍ରୋନିକ୍ସ ଏବଂ ମ୍ୟାଗ୍ନେଟ୍ ତିଆରି କରିବାରେ କରାଯାଇଥାଏ। ଏହି ଧାତୁର ବର୍ତ୍ତମାନ ବିଶ୍ୱ ବଜାରରେ ଅତ୍ୟଧିକ ଚାହିଦା ରହିଛି। ବିଶେଷକରି ସେହି ସମୟରେ ଯେତେବେଳେ ସବୁ ଦେଶ ଇଲେକ୍ଟ୍ରିକ ଗାଡ଼ି ଏବଂ ଗ୍ରୀନ ଟେକ୍ନୋଲୋଜି ଆଡ଼କୁ ବଢୁଛି। ଯଦି ପାପୁମ ପାରେ ଅଞ୍ଚଳରେ ଏହି ଧାତୁକୁ ବାହାର କରିବା କାମ ଆରମ୍ଭ ହୁଏ, ତେବେ ଦେଶର ଅନେକ ପ୍ରମୁଖ ସହର ଯେପରିକି ଗୁଡଗାଓଁ, ପୁନେ ଏବଂ ଚେନ୍ନାଇରେ ଇଲେକ୍ଟ୍ରିକ୍ ଗାଡ଼ି ଏବଂ ଅଟୋମୋବାଇଲ ଉଦ୍ୟୋଗକୁ ବଡ଼ ପ୍ରୋତ୍ସାହନ ମିଳିପାରେ। ସେହିଭଳି ଆସାମର କାର୍ବି ଆଙ୍ଗଲୋଙ୍ଗ ଏବଂ ମେଘାଳୟର ସୁଙ୍ଗ ଘାଟୀରେ ମଧ୍ୟ ପ୍ରଚୁର ରେୟାର ଆର୍ଥର ସନ୍ଧାନ ମିଳିଛି। ଏହାବାଦ ମଧ୍ୟପ୍ରଦେଶର ସିଙ୍ଗରୋଲୀ କ୍ଷେତ୍ରରେ ମଧ୍ୟ ବିରଳ ଖଣିଜର ସଙ୍କେତ ମିଳିଛି।

ଭାରତ ପାଇଁ ଏହି ଖୋଜ ଖୁବ୍ ମହତ୍ୱପୂର୍ଣ୍ଣ କାରଣ, ଚୀନ ଉପରେ ରେୟାର ଆର୍ଥ ମ୍ୟାଟେରିଆଲ ପାଇଁ ନିର୍ଭରତା ରହିଆସିଛି। ଭାରତର ପ୍ରାୟ ୮୫-୯୦% ବିରଳ ଖଣିଜ ଚୀନରୁ ଆମଦାନୀ ହେଉଛି। ଅବଶ୍ୟ ଏବେ ଏହି ନୂଆ ଭଣ୍ଡାର ମିଳିବା ଦ୍ୱାରା ଭାରତକୁ ଏହି ଧାତୁର ଚାହିଦା ପୂରଣ ଦିଗରେ ଆତ୍ମନିର୍ଭର ହେବାକୁ ଅବସର ମିଳିପାରେ। ଏହାଦ୍ୱାରା ଇଲେକ୍ଟ୍ରିକ୍ ଗାଡ଼ି ନିର୍ମାଣ କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବା ସହ ଦେଶର ପ୍ରଯୁକ୍ତି ଏବଂ ଔଦ୍ୟୋଗିକ ବିକାଶରେ ମଧ୍ୟ ସାହାଯ୍ୟ ହେବ। ଆଉ ଭାରତ ଉପରେ ଚୀନର ଯୋଗାଣ ନୀତିର ମଧ୍ୟ ପ୍ରଭାବ ପଡ଼ିବ ନାହିଁ କି' ଭବିଷ୍ୟତରେ ଯୋଗାଣରେ କୌଣସି ପ୍ରକାର ବାଧାର ସୃଷ୍ଟି ହେବନାହିଁ। ସୂଚନାଯୋଗ୍ୟ, ବର୍ତ୍ତମାନ ରେୟାର ଆର୍ଥ ମ୍ୟାଟେରିଆଲ ଉତ୍ପାଦନରେ ବିଶ୍ୱରେ ଭାରତର ଭାଗ ପ୍ରାୟ ୧%ରୁ ମଧ୍ୟ କମ୍।

# ଟାଟା ପାୱାର ପକ୍ଷରୁ ଡିଜିଟାଲ୍ ସମାଧାନ 'ସୁରକ୍ଷା କବଚ' ଆରମ୍ଭ

ଭୁବନେଶ୍ୱର,୧୭।୮ (ସମିସ): ସୁରକ୍ଷା ଏବଂ ପରିଚାଳନା ଉତ୍କର୍ଷ ପ୍ରତି ଅଟଳ ପ୍ରତିବଦ୍ଧତାକୁ ଦୋହରାଇ ଟାଟା ପାୱାର ନେତୃତ୍ୱାଧୀନ ଓଡିଶା ଡିସକମଗୁଡ଼ିକ ଏକ ପରିବର୍ତ୍ତନଶୀଳ ଡିଜିଟାଲ୍ ସମାଧାନ 'ସୁରକ୍ଷା କବଚ' ଆରମ୍ଭ କରିଛନ୍ତି। ଏହି ପ୍ରଯୁକ୍ତି ସମ୍ବଳିତ ସୁରକ୍ଷା ପ୍ରାଚୀର ଓଡିଶାରେ ହାଇ ଟେନ୍‌ସନ୍ (ଏଚ୍‌ଟି) ନେଟୱର୍କ କାର୍ଯ୍ୟଗୁଡିକୁ କିପରି ନିର୍ବାହ କରାଯାଉଛି ତାହାକୁ ପୁନର୍ଗଠନ କରିଥିବା ବେଳେ ପରମିଟ୍ ଟୁ ୱାର୍କ (ପିଟିଡବ୍ଲ୍ୟୁ) ପଦ୍ଧତିକୁ ଏକ ଦୃଢ଼ ଡିଜିଟାଲ୍ ଢାଂଚା ଅଧୀନରେ ସୁରକ୍ଷା ପ୍ରୋଟୋକଲ୍ ପାଳନ ସହିତ ସଂଯୋଜିତ କରିଛି। ସୁରକ୍ଷା କବଚ ହେଉଛି ଏକ ସମ୍ପୂର୍ଣ୍ଣ ଟୁଲ୍,ଯାହା ବିଦ୍ୟୁତ ବଣ୍ଟନ କାର୍ଯ୍ୟଗୁଡିକର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକୁ ସୁରକ୍ଷା ଏବଂ ପରିଚାଳନାକୁ ଏକତ୍ରୀତ କରିଛି। ଏଚ୍‌ଟି ଲାଇନ୍ ଉପରେ ପ୍ରତ୍ୟେକ କାର୍ଯ୍ୟକ୍ରମ ଏହି ପ୍ଲାଟଫର୍ମ ମାଧ୍ୟମରେ ଏକ ଡିଜିଟାଲ୍ ପରମିଟ୍ ସୁରକ୍ଷିତ କରିବା ପରେ ହିଁ ନିର୍ବାହ କରାଯାଉଛି ଯାହା ଦ୍ୱାରା ସୁରକ୍ଷା ପ୍ରୋଟୋକଲ୍ ଦୈନନ୍ଦିନ କାର୍ଯ୍ୟରେ ସଂଯୋଜିତ ହୋଇପାରିଛି। ଏହି ପ୍ରଣାଳୀରେ ଏମ୍ବେଡେଡ୍ ଉପକରଣ ଡାଟାବେସ୍, ପ୍ରି-ମାର୍ଫି ଅନୁମୋଦନ,ଢାଞ୍ଚାଗତ ସୁରକ୍ଷା ଚେକଲିଷ୍ଟ, ଏବଂ ଏସଏମ୍‌ଏସ୍ ଏବଂ ହ୍ୱାଟସ୍‌ଆପ୍ ମାଧ୍ୟମରେ ବାସ୍ତବ ଯୋଗାଯୋଗ ସୁବିଧା ଆଦି ସାମିଲ ରହିଛି ଯାହା ଏକ ଶୂନ୍ୟ-ସମାଧାନ ସୁରକ୍ଷା ସଂସ୍କୃତିକୁ ଆଗକୁ ବଢ଼ାଉଛି।





## ନ୍ୟୁୟର୍କରେ ଗୁଳିମାଡ଼; ୩ ମୃତ

ନ୍ୟୁୟର୍କ,୧୭।୮(ଏଜେନ୍ସି): ଆମେରିକାରେ ଗୁଳିକାଣ୍ଡ ଘଟଣା ଥମିବାର ନା ଧରୁନି। ରବିବାର ବଡ଼ି ଭୋରରେ ନ୍ୟୁୟର୍କ ସ୍ଥିତ କ୍ରାଉନ ହାଇଟ୍ସ ରେଷ୍ଟୋରାଁରେ ରବିବାର ସକାଳେ କିଛି ଅଜ୍ଞାତ ବନ୍ଧୁକଧାରୀ ଲୋକଙ୍କ ଉପରେ ଅତର୍କିତ ଗୁଳିମାଡ କରିଛନ୍ତି। ଏଥିରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବ୍ୟକ୍ତିଗତ ବିବାଦ କାରଣରୁ ଏହି ଘଟଣା ଘଟିଛି ବୋଲି କୁହାଯାଇଛି। ପୁଲିସ ଅପରାଧୀଙ୍କୁ ଖୋଜିବା ଜାରି ରଖିଛି। ଘଟଣାସ୍ଥଳରୁ ଏକ ବନ୍ଧୁକ ଓ କାର୍ତ୍ତୁଜ ଜବତ କରାଯାଇଛି।

## ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି

ବେଙ୍ଗାଲୁରୁ, ୧୭।୮ (ଏଜେନ୍ସି): କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ ଥମିବାର ନା ଧରୁନି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦାବି କରି ଛନାଗିରି ବିଧାୟକ ବାସବରାଜୁ ଭି ଶିବଗଙ୍ଗା ଫସି ଯାଇଛନ୍ତି। ତାଙ୍କୁ ପ୍ରଦେଶ କଂଗ୍ରେସର ଶୃଙ୍ଖଳାଗତ କମିଟି ରବିବାର କାରଣ ଦର୍ଶାଅ ନୋଟିସ ଜାରି କରିଛି। ୭ ଦିନ ମଧ୍ୟରେ ଏହାର ଜବାବ ଦେବାକୁ କୁହାଯାଇଛି। କିଛି ଦିନ ତଳେ ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ ଚର୍ଚ୍ଚା ଜୋର୍ ଧରିଥିଲା। ମାତ୍ର ୫ ବର୍ଷର କାର୍ଯ୍ୟକାଳ ପୂରଣ କରିବି ବୋଲି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିବା ପରେ ଏଥିରେ ବିରାମ ଲାଗିଥିଲା। କିନ୍ତୁ ଶନିବାର ଶିବଗଙ୍ଗା କହିଥିଲେ ଯେ ଡିସେମ୍ବର ପରେ ଡିକେ ମୁଖ୍ୟମନ୍ତ୍ରୀ ହେବେ କହି ପୁଣି ଦଳ ଭିତରେ ଭ୍ରମ ଏବଂ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଥିଲେ ବୋଲି ଶୃଙ୍ଖଳାଗତ କମିଟିର ସଂଯୋଜକ ନିବେଦିତ ଅଲୱା କହିଛନ୍ତି ଶିବକୁମାର ମଧ୍ୟ ଏଭଳି ମନ୍ତବ୍ୟକୁ ନିନ୍ଦା କରିଥିଲେ। ଶିବକୁମାର ମଧ୍ୟ ବିଧାୟକଙ୍କ ମନ୍ତବ୍ୟକୁ ନିନ୍ଦା କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।



### ବିଧାୟକଙ୍କୁ ନୋଟିସ ପଠାଇଲା କଂଗ୍ରେସ

## ୱାଶିଂଟନରେ ନ୍ୟାସନାଲ ଗାର୍ଡ ମୁତୟନ ବୃଦ୍ଧି କଲେ ଟ୍ରମ୍ପ

ୱାଶିଂଟନ,୧୭।୮(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଜଧାନୀ ୱାଶିଂଟନରେ ନ୍ୟାସନାଲ ଗାର୍ଡ ମୁତୟନ ବୃଦ୍ଧି କରିଛନ୍ତି। ଏଥିପାଇଁ ୩ ରାଜ୍ୟରୁ ୭୦୦ରୁ ଅଧିକ ଯବାନଙ୍କୁ ଡକାଯାଇଛି। ୱେଷ୍ଟ ଭିର୍ଜିନିଆରୁ ୩୦୦ରୁ ୪୦୦, ସାଉଥ କାରୋଲିନାରୁ ୨୦୦ ଓ ଓହିଓରୁ ପ୍ରାୟ ୧୫୦ ନ୍ୟାସନାଲ ଗାର୍ଡଙ୍କୁ ଅଣାଯାଇ ୱାଶିଂଟନରେ ମୁତୟନ କରାଯାଇଛି। ଏମାନଙ୍କୁ ଟ୍ରମ୍ପ ସିଧାସଳଖ ନିୟନ୍ତ୍ରଣ କରୁଛନ୍ତି। ତେବେ ନ୍ୟାସନାଲ ଗାର୍ଡ ମୃତୟନ ପ୍ରକ୍ରିୟାକୁ ଲୋକେ ବିରୋଧ କରିଛନ୍ତି। ପୂର୍ବରୁ ଲସ୍ ଏଞ୍ଜେଲ୍ସରେ ଟ୍ରମ୍ପ ୫ ହଜାର ନ୍ୟାସାନାଲ ଗାର୍ଡ ମୁତୟନ କରିଥିଲେ।

## ନୋବେଲ ପୁରସ୍କାର ଦେବାକୁ ନରୱେ ମନ୍ତ୍ରୀଙ୍କୁ କହିଲେ ଟ୍ରମ୍ପ

ଓସ୍ଲୋ,୧୭।୮(ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧୈର୍ଯ୍ୟହରା ହେବାକୁ ଲାଗିଲେଣି। ସେ ନୋବେଲ ପୁରସ୍କାର ଚାହୁଁଛନ୍ତି ବୋଲି ନରୱେ ଅର୍ଥମନ୍ତ୍ରୀ ଜେନ୍ସ ଷ୍ଟୋଲଟେନବର୍ଗଙ୍କୁ ସିଧାସଳଖ ଫୋନ୍ କରି ନିଜର ଇଚ୍ଛା ଜଣାଇଥିବା ଏକ ସ୍ଥାନୀୟ ଦୈନିକ ଖବରକାଗଜ ଉଲ୍ଲେଖ କରିଛି। ଅବଶ୍ୟ ସେ ଟାରିଫ୍ ଲାଗୁ କରିବା ନେଇ ତାଙ୍କ ସହ ଆଲୋଚନା କରିଥିଲେ। ଇସ୍ରାଏଲ, କାମ୍ବୋଡିଆ, ପାକିସ୍ତାନ ଭଳି କେତୋଟି ରାଷ୍ଟ୍ର ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ପ୍ରସ୍ତାବ ଦେଇଛନ୍ତି। ଆସନ୍ତା ଅକ୍ଟୋବରରେ ନୋବେଲ ପୁରସ୍କାର ନେଇ ଘୋଷଣା ହେବ। ଟ୍ରମ୍ପ ଗତ କିଛି ଦିନ ମଧ୍ୟରେ କେତୋଟି ଦେଶଗୁଡିକ ମଧ୍ୟରେ ୬ଟି ଯୁଦ୍ଧକୁ ବନ୍ଦ କରିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ବୋଲି ଦାବି କରିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ସେ ଅସ୍ତ୍ରବିରତି କରାଇଛନ୍ତି ବୋଲି ବହୁବାର କହି ଚର୍ଚ୍ଚା ସୃଷ୍ଟି କରିଛନ୍ତି।

## ତ୍ରିରଙ୍ଗାକୁ ଅସମ୍ମାନ କରି ପ୍ରଧାନଶିକ୍ଷୟିତ୍ରୀ ଗିରଫ

ଗୌହାଟୀ,୧୭।୮(ଏଜେନ୍ସି): ଆସାମରେ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଫାତିମା ଖାତୁନ ଜାତୀୟ ପତାକା ତ୍ରିରଙ୍ଗାକୁ ଅସମ୍ମାନ କରି ଗିରଫ ହୋଇଛନ୍ତି। ଆସାମସ୍ଥିତ ନାଗାଓଁ ଜିଲ୍ଲାରେ ସମଗୁରି ଅଞ୍ଚଳରେ ଥିବା ଗୋପୀନାଥ ଦେବ ଗୋସ୍ୱାମୀ ଉଚ୍ଚ ବିଦ୍ୟାଳୟ ପରିସରରେ ଫାତିମା ଗୋଡ଼ରେ ତ୍ରିରଙ୍ଗା ଚଡ଼ତିବାକୁ ପ୍ରୟାସ କରିଥିଲେ। ସ୍ୱାଧୀନତା ଦିବସ ପରଦିନ ଅର୍ଥାତ ଶନିବାର ସକାଳେ ସେ ଏକା ପତାକା ଅବତରଣ କରିବା ବେଳେ ଗୋଡ଼ରେ ତ୍ରିରଙ୍ଗା ଭାଙ୍ଗିଥିଲେ। 'ରାଷ୍ଟ୍ରୀୟ ସମ୍ମାନ ଅପମାନ ନିବାରଣ ଆଇନ'ର ଧାରା ୨ ଅନୁସାରେ ତାଙ୍କୁ ଗିରଫ କରି ନାଗାଓଁ ସିଜେଏମ୍ କୋର୍ଟରେ ହାଜର କରା ଯାଇଥିଲା। ତାଙ୍କୁ କୋର୍ଟ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଫାତିମା ଏକା ସ୍କୁଲ ଆସି ସକାଳ ୭.୩୦ରେ ପତାକା ଅବତରଣ କରିବା ଅବସରରେ ଏହି ଅନୁଚିତ କାର୍ଯ୍ୟ କରିଥିଲେ ବୋଲି ପୁଲିସ ତରଫରୁ କୁହାଯାଇଛି।

# ୨୧ ହଜାର ଶିଶୁଙ୍କୁ ଅପହରଣ କଲାଣି ରୁଷ୍: ୟୁକ୍ରେନ୍

କିଭ୍, ୧୭।୮ (ଏଜେନ୍ସି):

ଦୀର୍ଘ ଦିନ ହେଲା ରୁଷ୍-ୟୁକ୍ରେନ ଯୁଦ୍ଧ ଜାରି ରହିଛି। ଏଥିରେ ୟୁକ୍ରେନ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ରୁଷ୍ ମଧ୍ୟ ଯୁଦ୍ଧରେ ଅନେକ ଯବାନଙ୍କୁ ହରାଇଲାଣି। ଏଥିଯୋଗୁଁ ସେନାରେ ଯବାନଙ୍କ ଅଭାବ ରହିଛି। ଏହାକୁ ପୂରଣ କରିବା ପାଇଁ ରୁଷ୍ ୟୁକ୍ରେନ ଶିଶୁଙ୍କୁ ଅପହରଣ କରୁଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ୨୧ ହଜାର ଶିଶୁଙ୍କୁ ଅପହରଣ କଲାଣି। ଏହି ଶିଶୁଙ୍କୁ ଅଲଗା ଅଲଗା ଠିକଣାରେ ରଖି ବ୍ରେନୱାଶ କରାଯାଉଛି। ୟୁକ୍ରେନ ବିରୋଧରେ ଲଢ଼ିବା ପାଇଁ ଉସୁକା ଯାଉଛି। ପରେ ଯୁଦ୍ଧ ଲଢିବା ପାଇଁ ୟୁକ୍ରେନ ପଠାଯାଉଛି। ଯୁଦ୍ଧ ବନ୍ଦ କରିବା ପାଇଁ ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନା ଶେଷ ହେବାର ଦିନକ ପରେ ୟୁକ୍ରେନ ସିକ୍ୟୁରିଟି ସର୍ଭିସ (ଏସ୍‌ବିୟୁ) ଏହି ଦାବି କରିଛି।

ଅନ୍ୟପକ୍ଷରେ ୟେଲ ୟୁନିଭର୍ସିଟିର ରିସର୍ଚ୍ଚ ଗ୍ରୁପ ପବ୍ଲିକ ଡାଟାବେସ ଏବଂ ସାମାଜିକ ଗଣମାଧ୍ୟମ ପୋଷ୍ଟ ମାଧ୍ୟମରେ ଏଭଳି ୮୪୦୦ ଶିଶୁଙ୍କୁ ଚିହ୍ନଟ କଲାଣି। ଏହି ଶିଶୁଙ୍କୁ ଯୋଜନା କରି ରୁଷ୍ ପଠା ଯାଇଛି। କିଛି ମାସ ତଳେ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ମଧ୍ୟ ଏଭଳି ଦାବି କରିଥିଲେ। ଜୋର ଜବରଦସ୍ତି ରୁଷ୍ ପଠା ଯାଇଥିବା ପିଲାଙ୍କ ମଧ୍ୟରୁ ୧୧ ହଜାରଙ୍କ ନାମ ଜାଣିଛୁ ବୋଲି ସେ କହିଥିଲେ। ଏହି ପିଲାଙ୍କୁ ରଖାଯାଇଥିବା ୧୫୦ଟି ସ୍ଥାନକୁ ଏସ୍‌ବିୟୁ ଚିହ୍ନଟ କରିଛି। ଏହି ପିଲାମାନଙ୍କୁ ଶିବିରରେ କିମ୍ବା ସେମାନଙ୍କର ପୋଷ୍ୟ ପରିବାର ସହିତ ରଖାଯାଇଛି। ଆଉ କିଛି ପିଲାଙ୍କୁ ସାମରିକ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଛି। ଏ ପର୍ଯ୍ୟନ୍ତ ରୁଷ କେବଳ ୧୨୦୦ ଶିଶୁଙ୍କୁ ଫେରାଇଛି। ଏହି ପିଲାମାନଙ୍କ ଅପହରଣକୁ ଜାତିସଂଘ (ୟୁଏନ) ଯୁଦ୍ଧ ଅପରାଧ ଘୋଷଣା କରିଛି।

### ବ୍ରେନୱାଶ୍ କରି ୟୁକ୍ରେନ ବିରୋଧରେ ଲଢ଼ାଉଛି



ନେଦରଲାଣ୍ଡର ହେଗ୍‌ରେ ଅବସ୍ଥିତ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ଏହି ମାମଲାରେ ରୁଷ ରାଷ୍ଟ୍ରପତି ପୁତିନଙ୍କୁ 'ଯୁଦ୍ଧ ଅପରାଧୀ' ଘୋଷଣା କରିଛି। ତାଙ୍କ ବିରୋଧରେ ଗିରଫ ପରୱାନା ମଧ୍ୟ ଜାରି କରିଛି। ଗତ କିଛି ମାସ ମଧ୍ୟରେ ଟ୍ରମ୍ପଙ୍କ ସହ ଆଲୋଚନା ବେଳେ ମଧ୍ୟ ଜେଲେଁସ୍କି ନିଖୋଜ ପିଲାଙ୍କ ପ୍ରସଙ୍ଗ ଉଠାଇ ଥିଲେ। ଗତ ମେ' ମାସରେ ଆମେରିକା ସିନେଟର ଏକ ଗୋଷ୍ଠୀ ମଧ୍ୟ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲା। ରୁଷ ସହିତ କୌଣସି ଶାନ୍ତି ଚୁକ୍ତି ଚୂଡ଼ାନ୍ତ ହେବା ପୂର୍ବରୁ ସମସ୍ତ ୟୁକ୍ରେନୀୟ ପିଲାଙ୍କ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରାଯିବା ଉଚିତ ବୋଲି ଏଥିରେ କୁହାଯାଇଥିଲା। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ୫୦ ଲକ୍ଷ ୟୁକ୍ରେନ ନାଗରିକ ପଳାୟନ କଲେଣି। ୧୬ ଲକ୍ଷ ଶିଶୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୟୁକ୍ରେନର ୨୦ ପ୍ରତିଶତ ଅଞ୍ଚଳକୁ ରୁଷ୍ କବଜା କରିନେଲାଣି।



## ପୁଣି ମୁହାଁମୁହିଁ ହେବେ ଟ୍ରମ୍ପ-ଜେଲେଁସ୍କି

### ପୁତିନଙ୍କ ସର୍ତ୍ତ ମାନିବାକୁ ଚାପ ପକାଇବେ ଟ୍ରମ୍ପ

### ରାଜି ହୋଇନପାରନ୍ତି ୟୁକ୍ରେନ ରାଷ୍ଟ୍ରପତି

ୱାଶିଂଟନ, ୧୭।୮ (ଏଜେନ୍ସି): ଦୀର୍ଘ ଦିନ ହେଲା ଜାରି ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ସୋମବାର ପୁଣି ମୁହାଁମୁହିଁ ହେବାକୁ ଯାଉଛନ୍ତି। ହ୍ୱାଇଟ ହାଉସ୍‌ରେ ହେବାକୁ ଥିବା ଏହି ବୈଠକକୁ ୟୁରୋପୀୟ ନେତାଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଛି। ସମସ୍ତେ ମିଳିତ ଭାବେ ୟୁକ୍ରେନ ଏବଂ ସାମୂହିକ ସ୍ୱାର୍ଥରେ ନିଷ୍ପତ୍ତି ନେବେ ବୋଲି କୁହାଯାଉଛି। ଏଠାରେ ରୁଷ୍ ସର୍ତ୍ତକୁ ମାନିବା ପାଇଁ ଜେଲେଁସ୍କିଙ୍କ ଉପରେ ଟ୍ରମ୍ପ ଚାପ ପକାଇ ପାରନ୍ତି। ପୂର୍ବଥର ପରି ଜେଲେଁସ୍କି ମଧ୍ୟ ତାଙ୍କ କଥାରେ ସହମତି ହୋଇ ନ ପାରନ୍ତି। ପୂର୍ବଥର ଟ୍ରମ୍ପ ତାଙ୍କୁ ଅପମାନିତ କରି ହ୍ୱାଇଟ ହାଉସରୁ ବିଦା କରିଥିଲେ। ଏହି ବୈଠକ ସଫଳ ହେଲେ ତିନି ନେତାଙ୍କ ମଧ୍ୟରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ। ଅନ୍ୟପଟେ ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଭେଟିବାର ଦିନକ ପରେ ଆ ଟ୍ରମ୍ପ ବଡ଼ ଘୋଷଣା କରିଛନ୍ତି। ଏହି କ୍ଷେତ୍ରରେ ରୁଷ୍ ପକ୍ଷରୁ ବଡ଼ ଅଗ୍ରଗତି ହୋଇଥିବା ଟ୍ରମ୍ପ କହିଛନ୍ତି। ତେବେ ସେ ଏହାର ବିସ୍ତୃତ ସୂଚନା ଦେଇନାହାନ୍ତି। ଏହା ମଧ୍ୟରେ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟକୋଫ ଆଲାସ୍କା ଆଲୋଚନାର ବିସ୍ତୃତ ବିବରଣୀ ଦେଇଛନ୍ତି। ୟୁକ୍ରେନ ସୁରକ୍ଷାର ଗ୍ୟାରେଣ୍ଟି ଦେବାକୁ ପୁତିନ ଏବଂ ଟ୍ରମ୍ପ ରାଜି ହୋଇଛନ୍ତି। ଏହାକୁ ୱିଟକୋଫ ବଡ଼ ପରିବର୍ତ୍ତନ କହିଛନ୍ତି। ଶାନ୍ତି ଚୁକ୍ତି ପାଇଁ ରୁଷିଆକୁ ଡୋନାବାସ କ୍ଷେତ୍ର ଦେବା ପାଇଁ ଟ୍ରମ୍ପ ଯୋଜନାକୁ ୟୁକ୍ରେନ ଏବଂ ଏହାର ସହଯୋଗୀ ରାଷ୍ଟ୍ର ଗୁଡିକ ରାଜି ନ ଥିବା ରିପୋର୍ଟ ପ୍ରକାଶ ପାଇବା ପରେ ଏହି ଖବର ଆସିଛି। ୟୁରୋପୀୟ ନେତାମାନେ ସତର୍କ କରାଇ ଦେଇଛନ୍ତି ଯେ ଯୁଦ୍ଧବିରତିକୁ ଏଡାଇ ଦେଲେ ଆଲୋଚନାରେ ମସ୍କୋର ସ୍ଥିତି ମଜବୁତ ହୋଇପାରେ।

ଏପରି ସମୟରେ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ସୋମବାର ଆମେରିକା ଗସ୍ତ କରିବେ। ଏଠାରେ ସେ ଟ୍ରମ୍ପଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଚର୍ଚ୍ଚା କରିବେ। ଏହି ସମୟରେ ୟୁରୋପୀୟ ସଂଘର ଅନେକ ନେତା ତାଙ୍କ ସହିତ ରହିବେ। ଏମାନଙ୍କ ମଧ୍ୟରେ ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍, ଜର୍ମାନ ଚାନ୍ସେଲର ଫ୍ରେଡ୍ରିକ ମର୍ଜ ଏବଂ ନାଟୋ ମହାସଚିବ ମାର୍କ ରୁଟ୍ ମଧ୍ୟ ସାମିଲ ଅଛନ୍ତି।

## ମହିଳା କାନ୍ଦିଲେ ଯୌତୁକ ଉତ୍ପୀଡ଼ନ ଅଭିଯୋଗ ସାବ୍ୟସ୍ତ ହୁଏନି; ହାଇକୋର୍ଟ

ନୂଆଦିଲ୍ଲୀ,୧୭।୮(ଏଜେନ୍ସି): ଜଣେ ମହିଳା କେବଳ କାନ୍ଦିଦେଲେ ଯୌତୁକ ନିର୍ଯାତନା ଅଭିଯୋଗ ପ୍ରମାଣିତ ହୁଏ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏକ ଆବେଦନକୁ ଖାରଜ କରି ଜଷ୍ଟିସ୍ ନିନା ବଂଶାଲ କ୍ରିଷ୍ଣା ଏହି ଟିପ୍ପଣୀ ଦେଇଛନ୍ତି। ଜଣେ ସ୍ୱାମୀ ଓ ତାଙ୍କ ପରିବାରକୁ ଯୌତୁକ ନିର୍ଯାତନା ମାମଲା ଅଭଯୋଗରୁ ମୁକ୍ତ କରାଯିବାକୁ ବିରୋଧ କରି ଏକ ଆବେଦନ ହୋଇଥିଲା। କିନ୍ତୁ ଜଷ୍ଟିସ ନିନା ବଂଶାଲ ଏହି ଆବେଦନକୁ ଖାରଜ କରି ଏହି ଟିପ୍ପଣୀ ଦେଇଛନ୍ତି। ୨୦୧୦ ଡିସେମ୍ବରରେ ଜଣେ ବିବାହିତ ମହିଳା ନିଜ ସ୍ୱାମୀ ଓ ଶାଶୁଘର ଲୋକଙ୍କ ଦ୍ୱାରା ଯୌତୁକଜନିତ ନିର୍ଯାତନାର ଶିକାର ହୋଇଥିଲେ। ବିବାହ ବେଳେ ଝିଅଘର ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ତେବେ ସ୍ୱାମୀ ଓ ଶାଶୁଘର ଲୋକେ ମୋଟର ସାଇକଲ, ନଗଦ ଟଙ୍କା ଓ ସୁନା ଗହଣା ଦାବି କରିଥିଲେ। ଏହି ମହିଳା ଦୁଇଟି ଝିଅର ଜନନୀ ହୋଇଥିଲେ ମଧ୍ୟ ୨୦୧୪ ମାର୍ଚ୍ଚ ୩୧ରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ଭଉଣୀଙ୍କ ଅଭିଯୋଗ ଅନୁସାରେ ମାମଲା ରୁଜୁ କରାଯାଇଥିଲା। ଏଥିରେ ସେ ନିଜେ ମହିଳାଙ୍କୁ ଫୋନ କରିଥିଲେ ଓ ସେ କାନ୍ଦୁଥିଲେ ବୋଲି ଉଲ୍ଲେଖ କରିଥିଲେ। ହାଇକୋର୍ଟ କହିଥିଲେ ଯେ ପୀଡିତା କେବଳ କାନ୍ଦୁଥିଲେ ବୋଲି କାହାକୁ ଦୋଷୀ ସାବ୍ୟସ୍ତ କରାଯାଇ ପାରିବ ନାହିଁ। ସମ୍ପୃକ୍ତ ମହିଳା ନିମୋନିଆ ଅର୍ଥାତ ପ୍ରାକୃତିକ କାରଣରୁ ମୃତ୍ୟୁବରଣ କରିଥିଲେ ବୋଲି ତଳ କୋର୍ଟ କହିଥିଲେ। ହାଇକୋର୍ଟ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟରେ କ୍ରୁରତା ନୁହଁ, ବରଂ ସେ ନିମୋନିଆରେ ମୃତ୍ୟୁବରଣ କରିଥିଲେ ବୋଲି ହାଇକୋର୍ଟ କହିଛନ୍ତି। ପୁଣି ମହିଳାଙ୍କ ପରିବାର କୌଣସି ଅଭିଯୋଗର ପ୍ରମାଣ ଦେବାରେ ବିଫଳ ହୋଇଛନ୍ତି। ତେଣୁ ଏହି ମାମଲାକୁ ଖାରଜ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।




## ସ୍ୱଦେଶୀ ଆପଣାଇବାକୁ ମୋଦୀଙ୍କ ଆହ୍ୱାନ




ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ସ୍ୱଦେଶୀ ଆପଣାଇବାକୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତୀୟ ଯଦି ଭାରତରେ ନିର୍ମିତ ସାମଗ୍ରୀ କିଣନ୍ତୁ। 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଭୋକାଲ ଫର ଲୋକାଲ'କୁ ଆପଣାନ୍ତୁ। ବ୍ୟବସାୟୀ ମଧ୍ୟ ବିଦେଶୀ ସାମଗ୍ରୀ ଛାଡ଼ି ସ୍ଥାନୀୟ ସାମଗ୍ରୀ କ୍ରୟ କରନ୍ତୁ ବୋଲି ମୋଦୀ କହିଛନ୍ତି। ଦିଲ୍ଲୀର ରୋହିଣୀରେ ଦେଶର ପ୍ରଥମ ୮ ଲେନ୍ ବିଶିଷ୍ଟ ଏଲିଭେଟେଡ ହାଇୱେ ଦ୍ୱାରକା ଏକ୍ସପ୍ରେସୱେ ଉଦ୍‌ଘାଟନ ପରେ ଜନସଭାକୁ ସମ୍ବୋଧନ କରି ମୋଦୀ ଏହି ଟିପ୍ପଣୀ ଦେଇଛନ୍ତି। ଏବେ ଭାରତ ଏବଂ ଆମେରିକା ମଧ୍ୟରେ ଶୁଳ୍କକୁ ନେଇ ଟଣାଓଟରା ଚାଲିଛି। ଆମେରିକା ରାଷ୍ଟ୍ରପତି ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି। ଏହା ୨୭ ତାରିଖରେ କାର୍ଯ୍ୟକାରୀ ହେବ। ମାତ୍ର ଗତ ୭ ତାରିଖରୁ ୨୫ ପ୍ରତିଶତ ଶୁଳ୍କ ଲାଗୁ ହୋଇଛି। ମୋଦୀ ରାଜନୈତିକ ବିରୋଧୀଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ମୁଣ୍ଡରେ ସମ୍ବିଧାନକୁ ରଖି ନାଚୁଥିବା ଲୋକେ ତାହାକୁ ଦଳି ଦେଉଥିଲେ ଏବଂ ବାବା ସାହେବଙ୍କ ଭାବନାକୁ ବିଶ୍ୱାସଘାତ କରୁଥିଲେ ବୋଲି କହିଛନ୍ତି।

### ଦ୍ୱାରକା ଏକ୍ସପ୍ରେସୱେ ଉଦ୍‌ଘାଟିତ

## ୟୁଟ୍ୟୁବର୍ ଏଲ୍‌ଭିସ ଯାଦବଙ୍କ ଘରକୁ ଗୁଳିମାଡ଼

ନୂଆଦିଲ୍ଲୀ,୧୭।୮(ଏଜେନ୍ସି): ଜଣାଶୁଣା ୟୁଟ୍ୟୁବର ଏଲଭିସ ଯାଦବଙ୍କ ଗୁରୁଗ୍ରାମ୍‌ସ୍ଥିତ ବାସଭବନ ଉପରେ ଗୁଳିମାଡ ହୋଇଛି। ରବିବାର ସକାଳେ ୫.୩୦ ମିନିଟ୍‌ରେ ମାସ୍କ ପିନ୍ଧିଥିବା ଦୁଇଜଣ ବ୍ୟକ୍ତି ବାଇକ୍‌ରେ ଆସି କିଛି ଦୂରରେ ରହି ଗୁରୁଗ୍ରାମ୍‌ର ସେକ୍ଟର ୫୭ସ୍ଥିତ ତାଙ୍କ ଘର ଉପରେ ଗୁଳିମାଡ଼ କରିଛନ୍ତି ବୋଲି ପୁଲିସ କହିଛି। ଏହି ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ଘଟଣା ବେଳେ ଏଲଭିସ ଘରେ ନ ଥିଲେ।

ଘଟଣା ବେଳେ ଘରେ ତାଙ୍କ ପରିବାର କେତେଜଣ ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ କେହି ଆହତ ହୋଇ ନାହାନ୍ତି। ଏଲ୍‌ଭିସ୍‌ଙ୍କ ପିତା ରାମ ଅବତାର ଯାଦବ ସକାଳ ୫.୩୦ରେ କିଛି ଶବ୍ଦ ଶୁଣିଥିବା କହିଛନ୍ତି। ସିସିଟିଭି ଦେଖିବା ପରେ ସେ ସମ୍ପୂର୍ଣ୍ଣ ଘଟଣା ଜାଣିବାକୁ ପାଇଥିଲେ ଓ ସଙ୍ଗେ ସଙ୍ଗେ ପୁଲିସ୍‌କୁ ସୂଚନା ଦେଇଥିଲେ। ପୁଲିସ ତଦନ୍ତ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ତେବେ ଏହି ଘଟଣା ପୂର୍ବରୁ ଏଲ୍‌ଭିସ୍‌ଙ୍କୁ କୌଣସି ଧମକ ମିଳି ନ ଥିଲା ବୋଲି ତାଙ୍କ ପରିବାର ତରଫରୁ ସ୍ପଷ୍ଟ କରାଯାଇଛି। ସେ ଏବେ ହରିୟାଣା ବାହାରେ ଅଛନ୍ତି। ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯିବ ବୋଲି ପୁଲିସର ଜଣେ ଅଧିକାରୀ କହିଛନ୍ତି। ଭାଉ ଗ୍ୟାଙ୍ଗ ଏହି ଘଟଣା ପାଇଁ ନିଜକୁ ଦାୟୀ କରିଛି। ଏହି ଗ୍ୟାଙ୍ଗର ସଦସ୍ୟ ତଥା ଗ୍ୟାଙ୍ଗଷ୍ଟର ନୀରଜ ଫରିଦପୁର ଓ ଭାଉ ରିତୋଲିଆ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନିଜକୁ ଦାୟୀ କରିଛନ୍ତି। ବେଟିଂ ଆପ୍‌ଗୁଡିକର ବିଜ୍ଞାପନ କରି ଏଲଭିସ୍ ଏକାଧିକ ଘରକୁ ନଷ୍ଟ କରିଛନ୍ତି। ଏଲଭିସ୍‌ଙ୍କ ଭଳି ବେଟିଂ ଆପ୍‌ଗୁଡିକର ବିଜ୍ଞାପନ କରୁଥିବା ଅନ୍ୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରମାନଙ୍କ ଉପରେ ଗୁଳିମାଡ ହେବ କିମ୍ବା ସେମାନଙ୍କୁ କଲ୍ କରାଯିବ ବୋଲି ଦୁହେଁ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ଗତ ଜୁଲାଇରେ ହରିୟାଣାର ଜଣେ ଗାୟକ ତଥା ରାପର ରାହୁଲ ଫଜିଲପୁରିଆଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇଥିଲା।



## ୮ ଥର ଭୋଟ ଦେଇଥିବା ଭୋଟରଙ୍କ ଭିଡିଓ ଜାରି କଲେ ଅଖିଳେଶ

ଲକ୍ଷ୍ନୌ, ୧୭।୮ (ଏଜେନ୍ସି): ଭୋଟ ଚୋରି ଅଭିଯୋଗ ମଧ୍ୟରେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ରବିବାର ଏକ ଭିଡିଓ ଜାରି କରି ନିର୍ବାଚନ କମିଶନଙ୍କୁ ପ୍ରଶ୍ନବାଣ ମାରିଛନ୍ତି। ଏହି ଭିଡିଓରେ ଜଣେ ଯୁବକ ଇଭିଏମ ମେସିନରେ ୮ ଥର ବିଜେପିର ନିର୍ବାଚନ ଚିହ୍ନରେ ଭୋଟ ଦେଉଥିବା ଦେଖାଯାଉଛି। ଏହାକୁ ନେଇ ଅଖିଳେଶ ଲେଖିଛନ୍ତି ଯେ ନିର୍ବାଚନରେ ଜାଲିଆତି କରିଥିବା ଜଣେ ବିଜେପି ସଦସ୍ୟ ନିର୍ବାଚନ କମିଶନଙ୍କୁ ଆହ୍ୱାନ ଦେଉଛି। ସେ ନିଜ ଆଧାର କାର୍ଡ ମଧ୍ୟ ଦେଖାଉଛି। ଭୋଟ ଦେଇ ସାରିବା ପରେ ପାଞ୍ଚ ଥର ଭୋଟ ଦେଇଥିବା କହୁଛି। ଷଷ୍ଠ ଥର ଭୋଟ ଦେବା ପାଇଁ ଯାଉଛି। ଏହା ଏକ ଜୀବନ୍ତ ସତ୍ୟପାଠ। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏହାର ଜବାବ ଦିଅନ୍ତୁ। ଭୋଟ ଚୋରିକୁ ନେଇ ଅଖିଳେଶ ଏକ ଗ୍ରାଫିକ ମଧ୍ୟ ପୋଷ୍ଟ କରିଛନ୍ତି। ପୂର୍ବରୁ ଦିଆଯାଇଥିବା ୧୮ ହଜାର ସତ୍ୟପାଠ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସେ ପଚାରିଛନ୍ତି। ଏ ପର୍ଯ୍ୟନ୍ତ ସତ୍ୟପାଠର ଜବାବ ଦିଆଯାଇ ନ ଥିବା କହିଛନ୍ତି। ସେ ସେୟାର କରିଥିବା ଭିଡିଓଟି ୨୦୨୪ ମେ'ର। ଫରୁଖାବାଦ ଲୋକସଭା କ୍ଷେତ୍ର, ଅଲିଗଞ୍ଜ ବିଧାନସଭା ବୁଥ୍ ନମ୍ବର ୩୪୩ (ଖିରିୟା ପମାରାନ)ରେ ଜଣେ ୮ ଥର ଭୋଟ ଦେଇଥିବା ଦାବି କରାଯାଇଥିଲା। ଏହି ମାମଲାରେ ନୟାଗାଁଓ ଥାନା ପୁଲିସ ଜଣେ ନାବାଳକଙ୍କୁ ଗିରଫ କରିଥିଲା।

## ବିହାରରେ ରାହୁଲଙ୍କ 'ଭୋଟ ଅଧିକାର ଯାତ୍ରା'

ପାଟନା, ୧୭।୮ (ଏଜେନ୍ସି): ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଜି ବିହାର ସାସାରାମରୁ 'ଭୋଟ ଅଧିକାର ଯାତ୍ରା' ଆରମ୍ଭ କରିଛନ୍ତି। ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚକୁ ବିରୋଧ କରି ଆୟୋଜିତ ଏହି ଯାତ୍ରାରେ ଇଣ୍ଡିଆ ମେଣ୍ଟର ସଦସ୍ୟ ଦଳଗୁଡିକ ମଧ୍ୟ ସାମିଲ ହୋଇଛନ୍ତି। ସାରାରାମର ସୁଆରା




ବିମାନବନ୍ଦର ପଡ଼ିଆରେ ଆୟୋଜିତ ଜନସଭାକୁ ସମ୍ବୋଧନ କରି ରାହୁଲ କେନ୍ଦ୍ର, ରାଜ୍ୟ ସରକାର ଏବଂ ନିର୍ବାଚନ କମିଶନ (ଇସି)ଙ୍କୁ ନିଶାଣ କରିଛନ୍ତି। ରାହୁଲ କହିଛନ୍ତି ଯେ ସମ୍ବିଧାନ ବଞ୍ଚାଇବା ପାଇଁ ଏହି ଲଢ଼େଇ କରାଯାଉଛି। ବିଜେପି ଏବଂ ଆରଏସଏସ ସମ୍ବିଧାନକୁ ଧ୍ୱଂସ କରିବାରେ ଲାଗିଛନ୍ତି। ଯେଉଁଠି ନିର୍ବାଚନ ହେଉଛି, ସେଇଠି ବିଜେପି ଜିତୁଛି। ନିର୍ବାଚନ ଜାଲିଆତି କରାଯାଉଛି। ଲୋକସଭା ନିର୍ବାଚନରେ ମହାରାଷ୍ଟ୍ରରେ ମହାମେଣ୍ଟ ବିଜୟୀ ହୋଇଥିଲା। ମାତ୍ର ୪ ମାସ ପରେ ସେହି କ୍ଷେତ୍ରରେ ହୋଇଥିବା ନିର୍ବାଚନରେ ଇଣ୍ଡିଆ ମେଣ୍ଟ ହାରି ଯାଇଥିଲା। 'ବୁଥ୍ ବାହୁଡା ମତ' ମହାମେଣ୍ଟ ସପକ୍ଷରେ ଥିବା ସତ୍ତ୍ୱେ ହାରିଯିବା ଘଟଣା ସମସ୍ତଙ୍କୁ ଚକିତ କରିଥିଲା। ଯାଞ୍ଚ ପରେ ୧ କୋଟି ନୂଆ ଭୋଟରଙ୍କୁ ତାଲିକାରେ ସାମିଲ ହୋଇଥିବା ଜଣା ପଡ଼ିଥିଲା। ଯାଦୁ କରି ଏମାନଙ୍କୁ ସୃଷ୍ଟି କରିଦିଆଯାଇଥିଲା। ବିହାର ଜନତା ଭୋଟ ଚୋରି ହେବାକୁ ଦେବେନି। କାରଣ ଗରିବ, ଦୁର୍ବଳ ଲୋକଙ୍କ ପାଖରେ କେବଳ ଭୋଟର ହକ୍ ରହିଛି। ନିର୍ବାଚନ କମିଶନ ଯାହା କରୁଛନ୍ତି ତାହା ସମସ୍ତେ ଜାଣିଛନ୍ତି। ଭୋଟରଙ୍କୁ କାଟି ଇସି ନିର୍ବାଚନ ଚୋରି କରୁଛନ୍ତି। ଇଣ୍ଡିଆ ମେଣ୍ଟ ଇସିଙ୍କୁ ଏଭଳି ଚୋରି କରିବାକୁ ଦେବ ନାହିଁ।

ଦୀର୍ଘ ଦିନ ପରେ ଏହି ଜନସଭାରେ ସାମିଲ ହୋଇଥିବା ଆର୍‌ଜେଡି ସୁପ୍ରିମୋ ଲାଲୁ ଯାଦବ କହିଛନ୍ତି ଯେ ଚୋରଙ୍କୁ ହଟାନ୍ତୁ, ବିଜେପିକୁ ତଡ଼ନ୍ତୁ, ଆଉ ଆମ ଦଳକୁ ଜିତାନ୍ତୁ। କୌଣସି ବି ସ୍ଥିତିରେ ବିଜେପିକୁ କ୍ଷମତାକୁ ଆସିବାକୁ ଦିଆଯିବ ନାହିଁ। ରାହୁଲ ଗାନ୍ଧୀ, ତେଜସ୍ୱୀ ଯାଦବ ସମସ୍ତେ ମିଶି ବିଜେପିକୁ ହଟାନ୍ତୁ। ତେଜସ୍ୱୀ କହିଛନ୍ତି ଯେ ଭୋଟ ଚୋରି ନୁହେଁ, ଲୁଟ୍ ହେଉଛି। ବିହାର ହେଉଛି ଗଣତନ୍ତ୍ରର ଜନନୀ। ରାହୁଲ ଏବଂ ତେଜସ୍ୱୀ ଲୋକଙ୍କ ଅଧିକାରକୁ ଚୋରି କରିବା ପାଇଁ ଦେବେ ନାହିଁ। ଆଜି ଭୋଟର ତାଲିକାରୁ କାଲି ଭତ୍ତା, ରାସନ କାର୍ଡରୁ ନାମ କାଟିଦେବେ। ଏହି ଜନସଭା ପରେ ରାହୁଲ ଏବଂ ତେଜସ୍ୱୀ ମିଶି ରାଲି କରିଥିଲେ। ଏହି କାର୍ଯ୍ୟକ୍ରମେ କଂଗ୍ରେସ ଅଧ୍ୟକ୍ଷଙ୍କ ସମେତ ଅନ୍ୟ ନେତା ମଧ୍ୟ ସାମିଲ ହୋଇଥିଲେ।

## ଗୀତାବାଣୀ

ତଂ ବିଦ୍ୟାଦ୍ ଦୁଃଖସଂଯୋଗବିୟୋଗଂ ଯୋଗସଞ୍ଜ୍ଞିତମ୍ ।
ସ ନିଶ୍ଚୟେନ ଯୋକ୍ତବ୍ୟୋ ଯୋଗୋଽନିର୍ବିଣ୍ଣଚେତସା ॥



ଯେଉଁଥିରେ ଦୁଃଖସଂଯୋଗର ବିୟୋଗ ହୁଏ, ତାହାକୁ 'ଯୋଗ' ବୋଲି ଜାଣିବା ଉଚିତ । (ଏହି ଯୋଗ ଯେଉଁ ଧ୍ୟାନଯୋଗର ଲକ୍ଷ୍ୟ), ସେହି ଧ୍ୟାନଯୋଗ ଅଧୈର୍ଯ୍ୟଚିତ୍ତ ନ ହୋଇ, ଦୃଢ଼ନିଶ୍ଚୟ ପୂର୍ବକ ଅଭ୍ୟାସ କରିବା ଉଚିତ ।

(ଷଷ୍ଠୋଽଧ୍ୟାୟଃ- ଶ୍ଲୋକ-୨୩)



## ମନ୍ତ୍ରର ମହତ୍ତ୍ୱ

**ଧାର୍ମିକ ମାନ୍ୟତାନୁସାରେ, ମନ୍ତ୍ରର ବିଶେଷ ମହତ୍ତ୍ୱ ଅଛି । ନିତିଦିନ ମନ୍ତ୍ର ଜପ ଦ୍ୱାରା ଶୁଭଫଳ ମିଳିଥାଏ । ତେବେ ମନ୍ତ୍ର କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ଲାଭକାରୀ ବୋଲି କୁହାଯାଇ ନାହିଁ, ବରଂ ସ୍ୱାସ୍ଥ୍ୟ ଉପରେ ବି ଏହାର ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଥାଏ । ହିନ୍ଦୁ ଶାସ୍ତ୍ରରେ କିଛି ମନ୍ତ୍ର ଏଭଳି ଅଛି, ଯାହାକୁ ପ୍ରତିଦିନ ଉଚ୍ଚାରଣ ବା ଜପ କରିବା ଦ୍ୱାରା ଦେବୀ ଦେବତାଙ୍କ କୃପା ପ୍ରାପ୍ତ ହୋଇଥାଏ । ତା'ସହ କିଛି ମନ୍ତ୍ର ନିୟମିତ ଜପ ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ହୋଇଥାଏ ।**


**'ଓମ୍' ମନ୍ତ୍ର:** ଏହି ମନ୍ତ୍ର ସରଳ ହେଲେ ବି ଖୁବ୍ ପ୍ରଭାବଶାଳୀ । ଦିନର ପ୍ରାରମ୍ଭ 'ଓମ୍' ମନ୍ତ୍ର ଦ୍ୱାରା କଲେ ମନ ନିୟନ୍ତ୍ରଣରେ ରହେ । ସେହିପରି ସ୍ୱାସ୍ଥ୍ୟ ପାଇଁ ଏହି ମନ୍ତ୍ର ନିତିଦିନ ଜପ କରିବା ଉତ୍ତମ । ଲୟବଦ୍ଧ ଭାବେ ନିତିଦିନ ଏହି ମନ୍ତ୍ରକୁ ଜପ କରିବା ଦ୍ୱାରା ଅବସାଦ, ଚିନ୍ତା ଆଦି ସମସ୍ୟା ହ୍ରାସ ପାଏ ।

**ଗାୟତ୍ରୀ ମନ୍ତ୍ର:** ହିନ୍ଦୁ ଧର୍ମରେ ଗାୟତ୍ରୀ ମନ୍ତ୍ରର ବିଶେଷ ମହତ୍ତ୍ୱ ଅଛି । କୁହାଯାଏ, ପ୍ରତିଦିନ ଗାୟତ୍ରୀ ମନ୍ତ୍ର ଜପ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତ ହୁଏ । ଏହାସହ ଆନ୍ତରିକ ଶକ୍ତି ବି ବିକଶିତ ହୁଏ । ସୂର୍ଯ୍ୟୋଦୟ ସମୟରେ ଗାୟତ୍ରୀ ମନ୍ତ୍ର ଜପ କରିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୁଏ ଏବଂ ମନ ଶାନ୍ତ ରହେ ।

**ମହାମୃତ୍ୟୁଞ୍ଜୟ ମନ୍ତ୍ର:** ମହାମୃତ୍ୟୁଞ୍ଜୟ ମନ୍ତ୍ରକୁ ସବୁବେଳେ ଜପ କରିବା ଦ୍ୱାରା ଶୁଭଫଳ ପ୍ରାପ୍ତି ହୁଏ । ଏହା ବିଭିନ୍ନ ସମସ୍ୟାରୁ ରକ୍ଷା କରିବାରେ ଲୋକଙ୍କୁ ସାହାଯ୍ୟ କରେ । ମୁଖ୍ୟତଃ ଅକାଳ ମୃତ୍ୟୁ ଭୟ, ରୋଗ ଆଦି ଦୂର କରି ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଏ ।

## ପବିତ୍ର ଚନ୍ଦନ ମାଳା

**ହିନ୍ଦୁଧର୍ମରେ ଚନ୍ଦନକୁ ପବିତ୍ର ବୋଲି କୁହାଯାଇଛି । ସେଥିପାଇଁ ପୂଜା-ପାଠ ସମୟରେ ଚନ୍ଦନ ତିଳକ ଲଗାଯାଏ । ଗୋଟିଏ ପଟେ ଚନ୍ଦନ ଶୀତଳତା ପ୍ରଦାନ କରୁଥିବା ବେଳେ ଚନ୍ଦନ ମାଳା ମନ୍ତ୍ର ଜପ ପାଇଁ ବ୍ୟବହାର କରାଯାଏ । ଏହି ମାଳାକୁ ଧାରଣ କରିବା ଅତ୍ୟନ୍ତ ଶୁଭ ଓ ପବିତ୍ର । ଏହାକୁ ପିନ୍ଧିବା ଦ୍ୱାରା ଧନଲାଭର ବାଟ ଫିଟିଥାଏ ।**



ନାଲି ଓ ଧଳା ଦୁଇ ପ୍ରକାର ଚନ୍ଦନ ମାଳ ରହିଛି । ରକ୍ତ ବା ଲାଲ୍ ଚନ୍ଦନ ମାଳା ମା' ଦୁର୍ଗା, ଭଗବାନ ଗଣେଶ, ମା' ଲକ୍ଷ୍ମୀ ଓ ମା' ତ୍ରିପୁରା ସୁନ୍ଦରୀ ମନ୍ତ୍ରର ଜପ କରାଯାଏ । ସେହିପରି ଶ୍ୱେତ ବା ଧଳା ଚନ୍ଦନ ମାଳା ଭଗବାନ ବିଷ୍ଣୁ, ଶ୍ରୀରାମ, କୃଷ୍ଣ ଏବଂ ଦତ୍ତାତ୍ରେୟଙ୍କ ମନ୍ତ୍ର ଜପ ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଏ ।

ଶ୍ୱେତ ଚନ୍ଦନ ମାଳାକୁ ଧାରଣ କରିବା ଦ୍ୱାରା ମାନସିକ ଶାନ୍ତି ମିଳିଥାଏ । ତେବେ ଅର୍ଥ ସଙ୍କଟ ଦେଇ ଗତି କରୁଥିଲେ ମା' ଲକ୍ଷ୍ମୀଙ୍କ ନାମ ଉଚ୍ଚାରଣ ପୂର୍ବକ ରକ୍ତ ଚନ୍ଦନ ମାଳା ଜପ କରିବା ଉତ୍ତମ । ଏହା ଦ୍ୱାରା ଧନଦେବୀ ଶୀଘ୍ର ପ୍ରସନ୍ନ ହୁଅନ୍ତି । ଏଣୁ ନିୟମିତ ରକ୍ତ ଚନ୍ଦନ ମାଳା ଜପ କରିବା ଶୁଭଦାୟକ ।

ସେହିପରି ଚନ୍ଦନ ମାଳା ଧାରଣ କରିବାର ଶୁଭଦିନ ହେଉଛି ଗୁରୁବାର । ସ୍ନାନ ସାରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ । ଏହାପରେ ଗଙ୍ଗାଜଳରେ ଚନ୍ଦନ ମାଳାକୁ ଧୁଅନ୍ତୁ । ଏହାପରେ ହଳଦିଆ କପଡ଼ା ଉପରେ ରଖି ଏହାକୁ ଭଗବାନ ବିଷ୍ଣୁଙ୍କ ପାଖରେ ପୂଜା କରିବା ପରେ ହିଁ ଧାରଣ କରନ୍ତୁ ।

## ବନକ ଲାଗି

**ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦୈନନ୍ଦିନରେ ଅନେକ ନୀତିକାନ୍ତି ରହିଛି । ସେଥିରୁ ଅନ୍ୟତମ ବନକ ଲାଗି ନୀତି । ଏହା ହେଉଛି ସାପ୍ତାହିକ ନୀତି । ସରଳ ଭାଷାରେ କହିଲେ, ବନକ ଲାଗିର ଅର୍ଥ ହେଉଛି ମୁଖ ସଜ୍ଜା ବା ମୁଖ ଶୃଙ୍ଗାର । ଏହି ରୀତି ପାଇଁ ସ୍ୱତନ୍ତ୍ର ସେବାୟତ ଗୋଷ୍ଠୀ ଅଛନ୍ତି । ଦତ୍ତ ମହାପାତ୍ର ଗୋଷ୍ଠୀର ସେବକମାନଙ୍କ ଦ୍ୱାରା ଏହା କରାଯାଇଥାଏ । ତେବେ ଶ୍ରୀମନ୍ଦିରରେ ପ୍ରତ୍ୟେକ ବୁଧବାର ବା ଗୁରୁବାର ବନକ ଲାଗି ନୀତି ପାଳନ ହେବାର ବିଧି ରହିଛି ।**



ଏହା ଏକ ଗୁପ୍ତ ନୀତି । ତେଣୁ ଦ୍ୱିପହର ଧୂପ ଶେଷ ହେବା ପରେ ସମସ୍ତ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥାଏ । ଦତ୍ତ ମହାପାତ୍ର ରତ୍ନସିଂହାସନରେ ତିନିଠାକୁରଙ୍କ ମୁଖ ଶୃଙ୍ଗାର କରନ୍ତି । ପ୍ରାୟ ତିନି, ଚାରି ଘଣ୍ଟା ଏହି ନୀତି ସମାପନ ପାଇଁ ଲାଗିଥାଏ । ଦତ୍ତ ମହାପାତ୍ର ସେବାୟତ ଏହି ନୀତି ଲାଗି ରଙ୍ଗ ପ୍ରସ୍ତୁତ କରନ୍ତି ଓ ଶ୍ରୀମୁଖରେ ରଙ୍ଗ ଲଗାଇବା କାମ କରିଥାନ୍ତି । ତେବେ ବଜାରରେ ମିଳୁଥିବା ରଙ୍ଗ ଏଥିପାଇଁ ବ୍ୟବହାର କରାଯାଇ ନ ଥାଏ । ପ୍ରାକୃତିକ ରଙ୍ଗ ପ୍ରସ୍ତୁତି ଲାଗି ଭିତର ବେଢ଼ାର ଉତ୍ତର ପଟେ ଗୋଟିଏ କୋଠରୀ ରହିଛି । ଏହାକୁ ବନକ ଘର ବୋଲି କୁହାଯାଏ । ଏହି ଘରେ ମହାପ୍ରଭୁଙ୍କ ଶୃଙ୍ଗାର ପାଇଁ ରଙ୍ଗ ପ୍ରସ୍ତୁତ କରାଯାଏ ।

ତେବେ ଶଙ୍ଖକୁ ଗୁଣ୍ଡ କରି ଧଳା ରଙ୍ଗ, ହରିତାଳରୁ ହଳଦିଆ ଏବଂ ହିଙ୍ଗୁଳାରୁ କଳା ରଙ୍ଗ ପ୍ରସ୍ତୁତ କରାଯାଏ । ଏହି ସମସ୍ତ ରଙ୍ଗରେ କର୍ପୂର ଓ କସ୍ତୁରି ମିଶ୍ରଣ କରାଯାଏ । କସ୍ତୁରି ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରହେ । ରଙ୍ଗରେ କସ୍ତୁରି ବ୍ୟବହାର କରାଯାଉଥିବାରୁ ଏହା ଦୀର୍ଘସ୍ଥାୟୀ ହୋଇଥାଏ । ସେହିପରି ବନକ ଲାଗି ଯୋଗୁଁ ଶ୍ରୀଜିଉଙ୍କ ମୁଖ ମଣ୍ଡଳ ଅଧିକ ଆକର୍ଷଣୀୟ ଦିଶେ ।

## କାର୍‌ରେ କେଉଁ ମୂର୍ତ୍ତି ରଖିବେ ନାହିଁ

**କାର୍‌ରେ ବିଭିନ୍ନ ଦେବୀ ଦେବତାଙ୍କ ଫଟୋ ତଥା ମୂର୍ତ୍ତି ଅନେକେ ରଖନ୍ତି । ତେବେ ଜ୍ୟୋତିଷ ଶାସ୍ତ୍ର ତଥା ବାସ୍ତୁ ଶାସ୍ତ୍ର ଅନୁସାରେ, କାର୍‌ରେ କିଛି ଦେବୀ ଦେବତାଙ୍କ ମୂର୍ତ୍ତି ରଖିବା ଅଶୁଭ । ଏହି କ୍ରମରେ କେଉଁ ମୂର୍ତ୍ତି କାର୍‌ରେ ରଖିବା ଅନୁଚିତ, ସେ ସମ୍ପର୍କରେ ଜାଣିବା ।**

- ଭଗବାନ ଶନିଦେବଙ୍କ ମୂର୍ତ୍ତି କାର୍‌ରେ ରଖିବା ଅଶୁଭ । ଶନିଦେବ ହେଉଛନ୍ତି ନ୍ୟାୟ ଓ କର୍ମର ଦେବତା । ଶନିଙ୍କ ମୂର୍ତ୍ତି ରଖିବା ଦ୍ୱାରା ଦୁର୍ଘଟଣା ଆଶଙ୍କା ରହିଥାଏ ।
- ଦେବୀ ଦେବତାଙ୍କ ଭଙ୍ଗା ତଥା ପୁରୁଣା ମୂର୍ତ୍ତି କାର୍‌ରେ ରଖନ୍ତୁ ନାହିଁ । ଏହାକୁ ରଖିବା ଅଶୁଭ ବୋଲି କୁହାଯାଏ ।
- କାର୍‌ରେ ଏକାଧିକ ମୂର୍ତ୍ତି ରଖିବା ଅନୁଚିତ । ଏହା ଦ୍ୱାରା ଧ୍ୟାନ କେନ୍ଦ୍ରିତ ହୁଏ ନାହିଁ ।
- ଭଗବାନ ଭୈରବଙ୍କ ମୂର୍ତ୍ତି କାର୍‌ରେ ରଖନ୍ତୁ ନାହିଁ । ଏହା ଦ୍ୱାରା ନକାରାତ୍ମକ ଶକ୍ତି ଆକର୍ଷିତ ହୋଇଥାନ୍ତି ।



## ଜାଣନ୍ତି କି

ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ । ସେମିତି ଏକ ଶବ୍ଦ ହେଉଛି 'ରାଜନୀତି' । ରାଜା ବା ଗଜପତି ମହାପ୍ରଭୁଙ୍କ ପାଖରେ ସେବା ସମର୍ପଣ ବିଧିକୁ **'ରାଜନୀତି'** କୁହାଯାଏ । ସେହିପରି ରାଜା ଅନୁପସ୍ଥିତ ଥିଲେ ଏହି ସେବା କାର୍ଯ୍ୟ ମୁଦିରଥ କରିଥାନ୍ତି । ସୁନା ଆରତି ଦାନିରେ ମହାପ୍ରଭୁଙ୍କ ଆଳତି କରାଯାଏ । ଏହାସହ ସୁବର୍ଣ୍ଣ ବେଣ୍ଟ ଥିବା ଚାମର ଓ ଆଲଟ ଲାଗି ହୁଏ । ଏହି ସମସ୍ତ ସେବା ସମର୍ପଣ ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଏ ।



## କାଳସର୍ପ ଦୋଷର ଲକ୍ଷଣ

**ଜ୍ୟୋତିଷ ଶାସ୍ତ୍ରରେ କାଳସର୍ପ ଦୋଷକୁ ବହୁତ ଅଶୁଭ ବୋଲି ବିବେଚନା କରାଯାଇଛି । କୁହାଯାଏ, କୁଣ୍ଡଳିରେ କାଳସର୍ପ ଦୋଷ ଥିବା ଲୋକଙ୍କୁ ବହୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ । କୁଣ୍ଡଳିରେ କାଳସର୍ପ ଦୋଷ ଜଣକୁ ମାନସିକ ଏବଂ ଶାରୀରିକ ଭାବେ ପ୍ରଭାବିତ କରିଥାଏ ।**



ଜ୍ୟୋତିଷ ଶାସ୍ତ୍ର ଅନୁସାରେ, କୁଣ୍ଡଳୀରେ ରାହୁ ଏବଂ କେତୁ ଦ୍ୱାରା ନିର୍ମିତ ଖରାପ ପ୍ରଭାବକୁ କାଳସର୍ପ ଦୋଷ କୁହାଯାଏ । କୌଣସି ଜାତକରେ ଜନ୍ମକୁଣ୍ଡଳୀରେ ରାହୁ ଓ କେତୁ ମଝିରେ କୌଣସି ଗ୍ରହ ଆସିବା ଦୋଷକୁ କାଳସର୍ପ ଦୋଷ କୁହାଯାଏ । କାଳ ନାଁରେ ରାହୁକୁ ଦର୍ଶାଯାଏ । ଯାହାର ଅର୍ଥ ମୃତ୍ୟୁ । ସେହିପରି ସର୍ପକୁ କେତୁଙ୍କ ଅଧି ଦେବତା କୁହାଯାଏ । ତେବେ ଯେଉଁ କୁଣ୍ଡଳିରେ କାଳସର୍ପ ଦୋଷ ଥାଏ, ରାହୁ ଏବଂ କେତୁ ତା'ର ଭଲ ପ୍ରଭାବକୁ ନଷ୍ଟ କରିଥାନ୍ତି ।

### ଲକ୍ଷଣ

ଏହା ଦ୍ୱାରା ଶାରୀରିକ, ମାନସିକ ଏବଂ ଆର୍ଥିକ ସମସ୍ୟାକୁ ସାମ୍ନା କରିବାକୁ ପଡ଼େ ।
ସନ୍ତାନଙ୍କ ସହ ଜଡ଼ିତ କଷ୍ଟକୁ ମଧ୍ୟ ସାମ୍ନା କରିବାକୁ ପଡ଼ିଥାଏ ।
ଚାକିରି ସମସ୍ୟା ସହିତ ଚାକିରିରେ ସ୍ଥାୟୀତ୍ୱ ଦେଖା ଦିଏ ନାହିଁ ।
ସବୁଦିନ ସ୍ୱପ୍ନରେ ମୃତ୍ୟୁ ନଚେତ ସର୍ପ ସ୍ୱପ୍ନ ଦେଖିବାକୁ ମିଳେ ।

## ମାନବିକତା ପରମ ଶକ୍ତି

**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ତଥା ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ । ତେଣୁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରାକୁ ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ ମାନବିକତା କିଭଳି ପ୍ରକୃତ ଶକ୍ତି ହୋଇଥାଏ, ତାହାକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ତଥା ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।**

ଏକଦା ବୁଦ୍ଧଙ୍କ ପାଖକୁ ଜଣେ ବ୍ୟକ୍ତି ଆସିଲେ ଏବଂ ପ୍ରଶ୍ନ କଲେ, 'ମହାତ୍ମନ! ଯଦି ଜଣେ ବ୍ୟକ୍ତି ବାରମ୍ବାର ଜାଣିଶୁଣି ଅପମାନିତ କରନ୍ତି କିମ୍ବା ଭୁଲ କରନ୍ତି, ତେବେ କ'ଣ କରାଯିବ? ଏଭଳି ସ୍ଥିତିରେ ଜଣେ ନିଜର ମାନବିକତା କିଭଳି ଦେଖାଇବ?

ବ୍ୟକ୍ତି ଜଣଙ୍କର ଏଭଳି ପ୍ରଶ୍ନରେ ବୁଦ୍ଧ କହିଲେ, 'ଯଦି କେହି ଜଣେ ତୁମକୁ ଉପହାର ଆଉ ଖରାପ ଖାଦ୍ୟ ପ୍ରଦାନ କରନ୍ତି, ତାହାକୁ ତୁମେ କିଭଳି ସ୍ୱୀକାର କରିବ? ବ୍ୟକ୍ତି ଜଣକ ସଙ୍ଗେ ସଙ୍ଗେ କହିଲେ, 'ଜଣେ ଖରାପ ଖାଦ୍ୟ ଦେଲେ କାହିଁକି ବା ଗ୍ରହଣ କରିବି?' ସେଇଠୁ ବୁଦ୍ଧ କହିଲେ, ଠିକ୍‌ସେମିତି କାହାର କ୍ରୋଧ ତଥା କଟୁ କଥା ଶୁଣିବା ବା କ'ଣ ଦରକାର । ଜଣେ କ୍ରୋଧୀ ବ୍ୟକ୍ତି ନିଜ ଭିତରେ ଯାହା ଥାଏ, ସେ ତା'ର ସେହି ସ୍ୱଭାବ ଦେଖାଏ । ତେଣୁ ଖରାପ ବ୍ୟକ୍ତି ସବୁବେଳେ ଖରାପ କଥା ହିଁ ପ୍ରସାର କରେ । ତେବେ ଜଣେ ଖରାପ ସ୍ୱଭାବ ଦେଖାଇଲେ ନିଜର ଖରାପ ସ୍ୱଭାବ ଦେଖାଇବା ବୁଦ୍ଧିମାନ ଲୋକର କାମ ହୋଇ ନ ଥାଏ । ଏଭଳି ସ୍ଥଳେ ନିଜର ଖରାପ ସ୍ୱଭାବ ପ୍ରଦର୍ଶନ କରନ୍ତୁ ନାହିଁ । ନିଜର ମନର ଶାନ୍ତିକୁ ଧରି ରଖ । ଖରାପ ବ୍ୟବହାରରେ ନିଜର ମାନବିକତା ଦେଖାଅ । ପ୍ରେମ ଓ ଶାନ୍ତି ଭାବ ପ୍ରଦର୍ଶନ କର ।

ସେହିପରି ବୁଦ୍ଧ ଆହୁରି କହିଲେ, ନିଜେ ଯାହା ଚାହୁଁଚ, ଅନ୍ୟକୁ ମଧ୍ୟ ସେମିତି ବ୍ୟବହାର ଦେଖାଅ । ଶାନ୍ତି ଚାହୁଁଥିଲେ, ଶାନ୍ତି ବାଣ୍ଟ, ସମ୍ମାନ ଚାହୁଁଥିଲେ, ସମ୍ମାନ ଦେଖାଅ । ପ୍ରେମ ଚାହୁଁଥିଲେ, ସ୍ନେହ, ସହାନୁଭୂତି ଦେଖାଅ । ଏହା ହିଁ ପ୍ରକୃତ ମାନବିକତାର ପରିଚୟ ପ୍ରଦାନ କରେ । ତେଣୁ ମାନବିକତାକୁ ପରମ ଶକ୍ତି ବୋଲି କୁହାଯାଏ ।



## ଖାଦ୍ୟରୁ କେଶ ବାହାରିବା ଶୁଭ ନା ଅଶୁଭ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଖାଦ୍ୟକୁ ନେଇ ଅନେକ ନିୟମ ଅଛି । ଏହି ସବୁ ନିୟମ ପାଳନ କଲେ ଲକ୍ଷ୍ମୀ ମା' ପ୍ରସନ୍ନ ହୋଇଥାନ୍ତି ଏବଂ ଘରେ ସୁଖ ଓ ସମୃଦ୍ଧି ବୃଦ୍ଧି ପାଏ । ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ସଫାସଫି ଉପରେ ଗୁରୁତ୍ୱ ଦେବା ଉଚିତ । ବେଳେ ଖାଦ୍ୟ ଖାଇବା ସମୟରେ ସେଥିରୁ କେଶ ବାହାରେ । ତେବେ ଏହା ଶୁଭ ନା ଅଶୁଭ ସେନେଇ ଜ୍ୟୋତିଷ ଶାସ୍ତ୍ର କ'ଣ କହେ, ସେ ସମ୍ପର୍କରେ ଜାଣିବା ।**

ଖାଦ୍ୟରେ ବାରମ୍ବାର କେଶ ବାହାରିବା ଶୁଭ ସଙ୍କେତ ପ୍ରଦାନ କରି ନ ଥାଏ । ଏହାର ଗୋଟିଏ କାରଣ ପିତୃ ଦୋଷ ହୋଇପାରେ । ଏ ପ୍ରକାର ଭୋଜନ ଗ୍ରହଣ କରିବା ଅନୁଚିତ । ଏହାକୁ ଅଶୁଦ୍ଧ ଭୋଜନ ବୋଲି କୁହାଯାଏ । ଏହା ଦ୍ୱାରା ଜୀବନ ଉପରେ ନକାରାତ୍ମକ ପ୍ରଭାବ ପଡ଼େ । ସେହିପରି ଖାଦ୍ୟ ଖାଇବା ବେଳେ ଯଦି କେଶ ପାଟିରୁ ବାହାରୁଛି, ଏହା ରାହୁଙ୍କ ଅଶୁଭ ଫଳର ସଙ୍କେତ ହୋଇଥାଏ । ବାରମ୍ବାର ଏହି ଘଟଣା ଘଟିଲେ ନିକଟ ଭବିଷ୍ୟତରେ ଧନହାନି ହେବାକୁ ସୂଚାଏ । ସ୍ୱାସ୍ଥ୍ୟ ବିଗିଡ଼ିପାରେ । କୌଣସି ଅଶୁଭ ସମ୍ବାଦ ବି ମିଳିପାରେ । ଏଭଳି ସ୍ଥଳରେ ପିତୃଦୋଷ ଦୂର କରିବା ଉପାୟ ଆପଣାଇବା ଭଲ ।



## ଏସିଆ କପ୍ କ୍ରିକେଟ ୯ରୁ: ନଜରରେ ଗିଲ୍ ଓ ବୁମ୍‌ରା

# ମଙ୍ଗଳବାର ହୋଇପାରେ ଭାରତୀୟ ଦଳ ଚୟନ

ମୁମ୍ବଇ,୧୭।୮ (ଏଜେନ୍ସି): ୟୁଏଇରେ ସେପ୍ଟେମ୍ବର ୯ରୁ ଖେଳାଯିବାକୁ ଥିବା ଏସିଆ କପ୍ ଟି-୨୦ ଟୁର୍ଣ୍ଣାମେଣ୍ଟ ଲାଗି ଆଜି ପାକିସ୍ତାନ ଏକ ୧୭ ଜଣିଆ ଦଳ ଘୋଷଣା କରିଛି। ଗୋଟିଏ ଗ୍ରୁପ୍‌ରେ ଥିବା ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଦଳ କେବେ ଘୋଷଣା କରିବ ଏହାକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି। ଯଦି କିଛି ଅସମର୍ଥିତ ରିପୋର୍ଟକୁ ଆଧାର କରାଯାଏ ତେବେ ମଙ୍ଗଳବାର ଭାରତୀୟ ଦଳର ଖେଳାଳି ଚୟନ କରାଯାଇପାରେ। ଅଜିତ ଅଗରକରଙ୍କ ଅଧ୍ୟକ୍ଷତାରେ ଗଠିତ ସିନିୟର ଚୟନ କମିଟି ଦଳ ଘୋଷଣା କରିବା ପୂର୍ବରୁ ଅନେକ ଦିଗକୁ ଚିନ୍ତା କରିବାକୁ ପଡ଼ିବ। ବିଶେଷ କରି ଦୁଇ ଜଣ ଖେଳାଳିଙ୍କ ସାମିଲକୁ ନେଇ ଏବେ ଜୋର ଚର୍ଚ୍ଚା। ଜଣେ ହେଉଛନ୍ତି ଚୟନକର୍ତ୍ତାଙ୍କ ରାଡାରରେ ନ ଥିବା ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ଓ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ସାମିଲ କରାଯିବ କି ନାହିଁ। ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସର ନେତୃତ୍ୱ ନେଇ ସଫଳତା ପାଇଥିବା ଗିଲ୍‌ଙ୍କୁ ଦଳରେ ସାମିଲ କରାଯିବ। ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ଦଳର ନେତୃତ୍ୱ ନେଇ ସେ ନିଜ କ୍ୟାରିୟରରେ ଏକ ବଡ଼ ସଫଳତା ପାଇଛନ୍ତି। ଏଣୁ ତାଙ୍କୁ ଦଳର ଉପଅଧିନାୟକ କରାଯିବ ବୋଲି ଆଲୋଚନା ହେଉଛି। ଏହା ମଧ୍ୟରେ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅପରେସନ ପରେ ସୂର୍ଯ୍ୟକୁମାର ଯାଦବ ଏବେ ପୂରା ଫିଟ୍ ହୋଇଯାଇଛନ୍ତି। ଅପରେସନରୁ ସୁସ୍ଥ ହେବା ପରେ ବେଙ୍ଗାଲୁରୁର ନ୍ୟାସନାଲ କ୍ରିକେଟ ଏକାଡେମୀରେ ଫିଟନେସ୍ ଲାଗି ସୂର୍ଯ୍ୟକୁମାର ଯାଦବ ପ୍ରଶିକ୍ଷଣ ନେଉଥିଲେ। ଏହା ମଧ୍ୟରେ ସେ ଫିଟ ହୋଇଯାଇଥିବା ଏକାଡେମୀ ପକ୍ଷରୁ କୁହାଯାଇଛି ଓ ମୁମ୍ବଇ ଯାଇ ଚୟନ କମିଟି ବୈଠକରେ ଉପସ୍ଥିତ ରହିବେ ବୋଲି କୁହାଯାଇଛି। ଏଣୁ ଦଳ ଚୟନ ଖୁବ୍ ଶୀଘ୍ର ହେବ ବୋଲି ଆଶା କରାଯାଉଛି। ହେଡ୍ କୋଚ୍ ଗୌତମ ଗମ୍ଭୀର ମଧ୍ୟ ଏହି ବୈଠକରେ ଉପସ୍ଥିତ ରହିବେ। କେବଳ ଫର୍ମରେ ଥିବା ଖେଳାଳିମାନଙ୍କୁ ଦଳରେ ସାମିଲ କରିବାକୁ ସେ ପରାମର୍ଶ ଦେଇଥିବା ଆଲୋଚନା ହେଉଛି। ଏହା ଯଦି ସତ ହୋଇଥାଏ ତେବେ ଖେଳାଳି ଚୟନ ବେଳେ ଆଇପିଏଲ୍ ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯିବ ବୋଲି ସ୍ପଷ୍ଟ ହୋଇଛି।



### ■ କିଏ ଦଳରେ ସ୍ଥାନ ପାଇବେ?

ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଏଥିରେ ଯେ କୌଣସି ଦଳ ଅଳ୍ପ ସମୟ ମଧ୍ୟରେ ମ୍ୟାଚ୍‌ର ପଟ ପରିବର୍ତ୍ତନ କରିବାର ଉଦାହରଣ ରହିଛି। ଏଣୁ ଶ୍ରେଷ୍ଠ ଖେଳାଳିମାନଙ୍କୁ ଯେ ସ୍ଥାନ ମିଳିବ ସେଥିରେ ସନ୍ଦେହର ଅବକାଶ ନାହିଁ। ଦଳରେ କିଏ ସ୍ଥାନ ପାଇବେ କି ନ ପାଇବେ ତାହା ଖେଳାଳିଙ୍କ ଫିଟ୍‌ନେସ୍, ଫର୍ମ ଓ ଚୟନକର୍ତ୍ତାଙ୍କ ଚିନ୍ତା ଉପରେ ନିର୍ଭର କରେ। କିନ୍ତୁ କିଛି ଖେଳାଳି ଅଛନ୍ତି ସେମାନଙ୍କ ସ୍ଥାନ ଦଳରେ ସୁରକ୍ଷିତ। ଯେପରି ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଦୁଇ ଓପନର ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ। ଏମାନେ ଦଳରେ ନିଶ୍ଚିତ ରହିବେ। ଏହା ଫଳରେ ଅନ୍ୟତମ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ଏହି ଦଳରେ ସ୍ଥାନ ମିଳି ନ ପାରେ। ଶୁବମନ ଗିଲ୍, ତିଳକ ବର୍ମା ଓ ରିଙ୍କୁ ସିଂଙ୍କ ସ୍ଥାନ ଏମାନଙ୍କ ପରେ ସୁରକ୍ଷିତ। ଇନିଂସ ଓପନ କରୁଥିବା ସଞ୍ଜୁ ସାମସନ ମଧ୍ୟ ଦଳର ୱିକେଟ କିପିଂ କରିବେ। ଆହତ ହୋଇ ନ ଥିଲେ ମଧ୍ୟ ଋଷଭ ପନ୍ତ୍‌ଙ୍କୁ ଦଳରେ ସ୍ଥାନ ମିଳି ନ ଥାନ୍ତା। ଦ୍ୱିତୀୟ ୱିକେଟରକ୍ଷକ ଭାବେ ଜିତେଶ ଶର୍ମା କିମ୍ବା ଧ୍ରୁବ ଜୁରେଲଙ୍କ ନାମ ବିଚାରକୁ ନିଆଯାଇପାରେ। ବିସ୍ଫୋରକ ବ୍ୟାଟିଂ କରି ଫିନିସିଂ ଟଚ୍ ଦେଉଥିବା ଜିତେଶଙ୍କୁ ଦ୍ୱିତୀୟ ୱିକେଟରକ୍ଷକ ଭାବେ ସ୍ଥାନ ମିଳିପାରେ।

### ■ ଅଲରାଉଣ୍ଡର ଅଧିକ

ଟି-୨୦ ଫର୍ମାଟରେ ଅଲରାଉଣ୍ଡରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ। ଯାହା ଫଳରେ ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ଓ ଶିବମ ଦୁବେଙ୍କ ନାମ ବିଚାରକୁ ନିଆଯାଏ। ଏସିଆ କପ୍ ଖେଳାଯିବାକୁ ଥିବା ପିଚ୍‌ରେ ସ୍ପିନ୍ ବୋଲିଂକୁ ସହାୟତା ମିଳିବାର ଯଥେଷ୍ଟ ପ୍ରମାଣ ରହିଛି। ଏଣୁ ଦଳରେ ଦୁଇ ଜଣ ସ୍ପିନ୍ ବୋଲିଂ ଅଲରାଉଣ୍ଡର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ନିଶ୍ଚିତ ସାମିଲ ହେବେ। ପେସ୍ ବୋଲିଂରେ ଦୁଇ ଅଲରାଉଣ୍ଡରଙ୍କୁ ମଧ୍ୟ ନିଆଯାଇପାରେ। ପାଣ୍ଡ୍ୟାଙ୍କ ସ୍ଥାନ ସୁରକ୍ଷିତ। କିନ୍ତୁ ଦ୍ୱିତୀୟ ସ୍ଥାନ ଲାଗି ଦୁବେ ଓ ନୀତୀଶ କୁମାର ରେଡ୍ଡୀଙ୍କ ମଧ୍ୟରୁ ଜଣଙ୍କୁ ସ୍ଥାନ ମିଳିବ। ଭଲ ବ୍ୟାଟିଂ ଥିବାରୁ ଦୁବେଙ୍କ ସ୍ଥିତି ମଜଭୁତ ରହିଛି।

### ■ ବୁମ୍‌ରା ଉପଲବ୍ଧ

ପେସ୍ ବୋଲର ଭାବେ ଭାରତୀୟ ଦଳରେ ଯଶପ୍ରୀତ୍ ବୁମ୍‌ରାଙ୍କର ବିକଳ୍ପ ନାହିଁ। କିନ୍ତୁ ଆହତ ସମସ୍ୟାକୁ ନେଇ ତାଙ୍କ ଉପରେ ଭରସା କରାଯାଉନାହିଁ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସେ ୫ଟି ମଧ୍ୟରୁ ମାତ୍ର ୩ଟିରେ ଖେଳିପାରିଥିଲେ। ଏବେ କିଛି ଖେଳ ନ ଥିବାରୁ ସେ ଫିଟ୍ ଅଛନ୍ତି ଓ ଏସିଆ କପ୍ ଚୟନ ଲାଗି ଉପଲବ୍ଧ ବୋଲି ସୂଚନା ମିଳିଛି। ସେ ଯଦି ସ୍ଥାନ ପାଆନ୍ତି, ତେବେ ଆଉ ୨ଜଣ ଫାଷ୍ଟ ବୋଲରଙ୍କୁ ନିଆଯିବ। ଅର୍ଶଦୀପ ସିଂହଙ୍କ ସ୍ଥାନ ପକ୍କା। ମହମ୍ମଦ୍ ସିରାଜ କିମ୍ବା ପ୍ରସିଦ୍ଧ କ୍ରିଷ୍ଣା କିମ୍ବା ଜଣେ ନୂଆ ଖେଳାଳିଙ୍କୁ ସ୍ଥାନ ମିଳିପାରେ। ଶେଷ ଖେଳାଳି ଭାବେ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଦଳରେ ନିଶ୍ଚିତ ରହିବେ। ତେବେ ମଙ୍ଗଳବାର ବୈଠକରେ ଏହା ସ୍ପଷ୍ଟ ହୋଇଯିବ।

## ପାକିସ୍ତାନ ଦଳରେ ବାବର-ରିଜ୍‌ୱାନଙ୍କୁ ସ୍ଥାନ ନାହିଁ

କରାଚି, ୧୭।୮: ଏସିଆ କପ୍ ଲାଗି ଆଜି ପାକିସ୍ତାନର ଏକ ୧୭ ଜଣିଆ ଦଳ ଘୋଷଣା କରିଛି। ଏହି ଦଳରୁ ଦୁଇ ବରିଷ୍ଠ ଖେଳାଳି ବାବର ଆଜମ ଓ ମହମ୍ମଦ୍ ରିଜ୍‌ୱାନଙ୍କୁ ବାଦ୍ ଦିଆଯାଇଛି।



ସଲମାନ ଅଲି ଆଘାଙ୍କ ନେତୃତ୍ୱରେ ଘୋଷିତ ଦଳରେ ମହମ୍ମଦ୍ ହାରିସ୍‌ଙ୍କୁ ୱିକେଟରକ୍ଷକ ଭାବେ ନିଆଯାଇଛି। ଅନ୍ୟ ବରିଷ୍ଠ ଖେଳାଳି ସାହିନ ଆଫ୍ରିଦୀ, ଫକର ଯବାନ, ହାରିସ୍ ରୌଫ୍, ହାସନ ଅଲି ଓ ଫହିମ ଅଶ୍ରଫଙ୍କୁ ସ୍ଥାନ ମିଳିଛି। ଯୁବ ଖେଳାଳି ସାଇମ ଆୟୁବ ଓ ହାସନ ନୱାଜ ମଧ୍ୟ ସ୍ଥାନ ପାଇଛନ୍ତି। ଏସିଆ କପ୍‌ରେ ଭାରତ, ୟୁଏଇ ଓ ଓମାନ ସହ ପାକିସ୍ତାନ ସ୍ଥାନ ପାଇଛି। ସେପ୍ଟେମ୍ବର ୧୨ରେ ଓମାନ ସହ ମୁକାବିଲାରୁ ପାକିସ୍ତାନ ତାହାର ଅଭିଯାନ ଆରମ୍ଭ କରିବ। ୧୪ରେ ଭାରତ ସହ ମୁକାବିଲା ହେବ। ସେପ୍ଟେମ୍ବର ୧୭ରେ ୟୁଏଇ ସହ ମୁକାବିଲାରୁ ଲିଗ୍ ପର୍ଯ୍ୟାୟ ଶେଷ କରିବ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ୟୁଏଇ ଓ ଆଫଗାନିସ୍ତାନ ସହ ମଧ୍ୟ ପାକିସ୍ତାନ ଏକ ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ ଖେଳିବ। ଦିନିକିଆ ଫର୍ମାଟରେ ଖେଳାଯାଇଥିବା ୨୦୨୩ ଏସିଆ କପ୍‌ରେ ପାକିସ୍ତାନର ପ୍ରଦର୍ଶନ ନିରାଶାଜନକ ଥିଲା। ୨୦୨୨ରେ ଶ୍ରୀଲଙ୍କା ନିକଟରୁ ହାରି ଦଳ ରନର୍ସଅପ୍ ହୋଇଥିଲା।

**ପାକିସ୍ତାନ ଦଳ:** ସଲମାନ ଅଲି ଆଘା (ଅଧିନାୟକ), ଆବ୍ରାର ଅହମ୍ମଦ୍, ଫହୀମ ଅଶ୍ରଫ୍, ଫକର ଜମାନ, ହାରିସ୍ ରୌଫ୍, ହାସନ ଅଲି, ହାସନ ନୱାଜ, ହୁସେନ ତଲତ, ଖୁସ୍‌ଦିଲ ଶାହ, ମହମ୍ମଦ୍ ହାରିସ୍ (ୱିକେଟରକ୍ଷକ), ମହମ୍ମଦ୍ ନୱାଜ, ମହମ୍ମଦ୍ ୱାସିମ୍, ସାହିବଜାଦା ଫରହାନ, ସାଇମ ଆୟୁବ, ସଲମାନ ମିର୍ଜା, ସାହିନ ଆଫ୍ରିଦୀ ଓ ସୁଫିୟାନ ମୁକୀମ୍।

## ପଦ୍ମଶ୍ରୀ ବୁଲା ଚୌଧୁରୀଙ୍କ ୧୫୦ ପଦକ ଚୋରି

କୋଲକାତା, ୧୭।୮ (ଏଜେନ୍ସି): ମହାନ ଭାରତୀୟ ସନ୍ତରଣକାରୀ ତଥା 'ପଦ୍ମଶ୍ରୀ' ବିଜୟିନୀ ବୁଲା ଚୌଧୁରୀଙ୍କ ୧୫୦ଟି ପଦକ ଚୋରି ହୋଇଯାଇଛି। ପଶ୍ଚିମବଙ୍ଗର ହିନ୍ଦମୋଟରସ୍ଥିତ ବୁଲାଙ୍କ ଘରୁ ଏହି ଚୋରି ହୋଇଥିବା ଜଣାପଡ଼ିଛି।



ବୁଲା ତାଙ୍କ କ୍ୟାରିୟରରେ ଜିତିଥିବା ୧୫୦ ପଦକ ଓ ମୋମେଣ୍ଟକୁ ଚୋରମାନେ ନେଇଯାଇଛନ୍ତି। ଯେଉଁଥିରେ ସେ ୨୦୦୯ରେ ପାଇଥିବା ସମ୍ମାନଜନକ 'ପଦ୍ମଶ୍ରୀ' ବ୍ରୁଚକୁ ମଧ୍ୟ ସାମିଲ ରହିଛି। '୧୯୭୯ରେ ମୋତେ ୯ ବର୍ଷ ହୋଇଥିବାବେଳେ ମୁଁ ବିଭିନ୍ନ ସନ୍ତରଣ ପ୍ରତିଯୋଗିତାରେ ଭାଗନେବା ଆରମ୍ଭ କରିଥିଲି। ସେବେଠାରୁ ୧୯୯୫ରେ ଅବସର ନେବା ପର୍ଯ୍ୟନ୍ତ ଏହି ସମସ୍ତ ପଦକ ମୁଁ ଜିତିଥିଲି। ସେମାନେ ସବୁ ନେଇଯାଇଛନ୍ତି। ଚୋରି ହୋଇଥିବା ପଦକ ମୋ ଲାଗି ମୂଲ୍ୟବାନ। କିନ୍ତୁ ଚୋରମାନଙ୍କ ଲାଗି ମୂଲ୍ୟହୀନ' ବୋଲି ୫୫ ବର୍ଷୀୟା ବୁଲା କହିଛନ୍ତି। ଏହି ଘଟଣାରେ ପୁଲିସ ତଦନ୍ତ ଚଳାଇଛି। ବୁଲା ସାଉଥ ଏସିଆନ ଗେମ୍ସର ୨ଟି ସଂସ୍କରଣ ୧୯୮୪ ଓ ୧୯୯୧ରେ ୧୦ଟି ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ୧୯୮୯ ଓ ୧୯୯୯ରେ ସେ ଇଂଲିଶ ଚ୍ୟାନେଲ ଅତିକ୍ରମ କରିଥିଲେ।

## ଜନ୍ମଦିନରେ ସିନ୍ନରଙ୍କ ୨୦୦ତମ ବିଜୟ

ନ୍ୟୁୟର୍କ, ୧୭।୮ (ଏଜେନ୍ସି): ଇଟାଲୀର ଜାନିକ ସିନ୍ନର ଓ କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ସିନ୍‌ସିନ୍ନାଟି ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳାଯିବ। ଗତ ରାତିରେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସର ୨ୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ସିନ୍ନର ୭-୬ (୭/୪), ୪-୨ ସିଧାସଳଖ ସେଟରେ ଟେରେନ୍ସ ଆଟମେନଙ୍କୁ ପରାସ୍ତ କରିଛନ୍ତି। ନିଜର ୨୪ତମ ଜନ୍ମଦିନ ଅବସରରେ ସିନ୍ନରଙ୍କ ପାଇଁ ଏହି ବିଜୟ ବେଶ୍ ସ୍ମରଣୀୟ ଥିଲା। ହାର୍ଡକୋଟରେ ଏହା ତାଙ୍କ କ୍ୟାରିୟରର ୨୦୦ତମ ବିଜୟ ଭାବେ ରେକର୍ଡ ହୋଇଛି। ଏକବିଂଶ ଶତାବ୍ଦିରେ ପ୍ରଥମ ଖେଳାଳି ଭାବେ ସେ ହାର୍ଡକୋଟରେ ୨୦୦ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ମଙ୍ଗଳବାର ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ସିନ୍ନରଙ୍କ ମୁକାବିଲା ଆଲକାରାଜଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ଆଲକାରାଜ ୬-୪, ୬-୩ ସିଧାସଳଖ ସେଟରେ ୩ୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କୁ ପରାସ୍ତ କରିଥିଲେ।



## କ୍ରୀଡ଼ା କେନ୍ଦ୍ରିତ ଆପ୍ 'ମିଟ୍ଟୁରଏକ୍ସପର୍ଟ' ଉନ୍ମୋଚିତ

ଭୁବନେଶ୍ୱର,୧୭।୮(ଏଜେନ୍ସି): କ୍ରୀଡ଼ା ସମ୍ପର୍କିତ ଏକ ମୋବାଇଲ ଆପ୍ 'ମିଟ୍ଟୁରଏକ୍ସପର୍ଟ' ରବିବାର ଉନ୍ମୋଚିତ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଏହି ଆପ୍‌କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ଏହି ଆପ୍ ମାଧ୍ୟମରେ କ୍ରୀଡ଼ାବିତ୍‌ଙ୍କୁ ବିଶ୍ୱସ୍ତରୀୟ କ୍ରୀଡ଼ା ବିଜ୍ଞାନୀଙ୍କ ନିକଟତର କରାଯାଇପାରିବ। ସବୁସ୍ତରର ପେସାଦାର କ୍ରୀଡ଼ାବିତ୍‌ମାନେ ଏହା ଦ୍ୱାରା ଉପକୃତ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ାର କୋଚ, କ୍ରୀଡ଼ାବିତ, କ୍ରୀଡ଼ା ସାମ୍ବାଦିକ, କ୍ରୀଡ଼ା ପ୍ରଶାସକ, ଫିଜିଓଥେରାପିଷ୍ଟ ଏବଂ ଡାକ୍ତରମାନେ ଯୋଗ ଦେଇଥିଲେ। ଆଥଲିଙ୍ଗ୍ ଏଡୁଟେକ ପ୍ରାଇଭେଟ ଲିମିଟେଡର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡା ମୁକ୍ତି ପ୍ରସାଦ ଦାଶ ଏହି ଆପ୍ ପ୍ରସ୍ତୁତି କରିବାର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଏହି ଆପ୍‌ର ବ୍ୟବହାର ଓ ଉପଯୋଗିତା ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ।

## ପାରାଆଥଲେଟିକ୍ସ ଉଦ୍‌ଯାପିତ

ଭୁବନେଶ୍ୱର,୧୭।୮ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଦୁଇଦିନ ଧରି ଚାଲିଥିବା ରାଜ୍ୟ କନିଷ୍ଠ ଓ ଉପକନିଷ୍ଠ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲ୍ଲା ୧୪ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ଜିତି ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଅନୁଗୋଳ ଜିଲ୍ଲା ୯ସ୍ୱର୍ଣ୍ଣ, ୩ରୌପ୍ୟ ଓ ୧ କାଂସ୍ୟ ପଦକ ସହ ରନର୍ସଅପ୍ ଆଖ୍ୟା ଅର୍ଜନ କରିଥିଲା।

## ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍ ଜିତିଲେ ତନ୍ମୟ

ଭୁବନେଶ୍ୱର,୧୭।୮ (ସମିସ): ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ୫ମ ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ତନ୍ମୟ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। କଟକର ସାଇ ଶକ୍ତିପଣ୍ଡା ୪.୫ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଥିଲେ। ଏମାନଙ୍କ ପଛକୁ ଭୁବନେଶ୍ୱରର ଦୁଇ ଖେଳାଳି ନମସ୍ୟ ନଳିନୀ ଓ ସଞ୍ଜୀବନ ନାୟକ ଯଥାକ୍ରମେ ତୃତୀୟ ଓ ଚତୁର୍ଥ, କଟକର



ରବୀନ୍ଦ୍ର କୁମାର ଓଝା ୫ମ, ଜଟଣୀର ଅବିନାଶ ବଳିୟାରସିଂ ୬ଷ୍ଠ ଓ ଭୁବନେଶ୍ୱରର ରଜତ ରଞ୍ଜନ ମହାନ୍ତି ୭ମ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତା ଶେଷରେ ପାରାଦୀପ ପୋର୍ଟ ଟ୍ରଷ୍ଟର ଅବସରପ୍ରାପ୍ତ ଚିଫ୍ ଇଞ୍ଜିନିୟର ସୁନୀଲ କୁମାର ପଟ୍ଟନାୟକ, ଆୟୋଜକ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଓ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାକୁ ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଲିଃର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।

## ଅଗଷ୍ଟ ୨୮ରୁ ଦୁଲିପ ଟ୍ରଫି
## ଇଶାନଙ୍କ ସ୍ଥାନରେ ଆଶୀର୍ବାଦ

କଟକ,୧୭।୮ (ସମିସ): ଦୁଲିପ ଟ୍ରଫି ନିମନ୍ତେ ଗଠିତ ପୂର୍ବାଞ୍ଚଳ ଦଳରେ ଓଡ଼ିଆ ୱିକେଟକିପର ବ୍ୟାଟର ଆଶୀର୍ବାଦ ସ୍ୱାଇଁଙ୍କୁ ସୁଯୋଗ ମିଳିଛି। ଦଳ ଘୋଷଣାବେଳେ ୨୦ବର୍ଷୀୟ ଆଶୀର୍ବାଦଙ୍କୁ ଷ୍ଟାଣ୍ଡବାଏ ତାଲିକାରେ ରଖାଯାଇଥିଲା। ତେବେ ପୂର୍ବାଞ୍ଚଳ ଦଳ ଅଧିନାୟକ ଇଶାନ କିଶାନ ଆଘାତଜନିତ ସମସ୍ୟାର ସମ୍ମୁଖୀନ ହେବା ପରେ ଆଶୀର୍ବାଦଙ୍କୁ ୧୫ ଜଣିଆ ଦଳରେ ସ୍ଥାନ ମିଳିଛି। ମାତ୍ର ୧୧ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ର ଅଭିଜ୍ଞତା ସତ୍ତ୍ୱେ ଗତ ସିଜନରେ ଆଖିଦୃଶିଆ ପ୍ରଦର୍ଶନ ଯୋଗୁଁ ଆଶୀର୍ବାଦ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ତେବେ ପୂର୍ବରୁ ପୂର୍ବାଞ୍ଚଳ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସନ୍ଦୀପ ପଟ୍ଟନାୟକ ସ୍ଥାନ ପାଇଥିଲେ।



**ସନ୍ଦୀପଙ୍କୁ ମିଶାଇ ପୂର୍ବାଞ୍ଚଳ ଦଳରେ ଦୁଇ ଓଡ଼ିଆ**

ଆଶୀର୍ବାଦଙ୍କୁ ମିଶାଇ ଦଳରେ ଏବେ ଦୁଇ ଓଡ଼ିଆ ଖେଳାଳି ରହିଛନ୍ତି। ସ୍ୱସ୍ତିକ ସାମଲଙ୍କ ନାମ ଷ୍ଟାଣ୍ଡବାଏ ତାଲିକାରେ ରହିଛି। ପ୍ରକାଶଯୋଗ୍ୟ, ବେଙ୍ଗାଲୁରୁରେ ଆସନ୍ତା ୨୮ ତାରିଖରୁ ଦୁଲ୍ଲିପ ଟ୍ରଫି ଖେଳାଯିବ।

## ଡୁରାଣ୍ଡ କପ୍
## ମୋହନ ବାଗାନକୁ ହରାଇ ସେମିରେ ଇଷ୍ଟ ବେଙ୍ଗଲ

କୋଲକାତା, ୧୭।୮ (ଏଜେନ୍ସି): ଚଳିତ ଡୁରାଣ୍ଡ କପ୍‌ର ଏକ ହାଇଭୋଲଟେଜ ମ୍ୟାଚରେ ରବିବାର ଇଷ୍ଟ ବେଙ୍ଗଲ ୨-୧ ଗୋଲରେ ମୋହନ ବାଗାନ ସୁପର୍ ଜାଏଣ୍ଟ୍‌କୁ ପରାସ୍ତ ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଅନୁଷ୍ଠିତ ଏହି ମ୍ୟାଚରେ ଇଷ୍ଟ ବେଙ୍ଗଲ ପକ୍ଷରୁ ଗ୍ରୀକ ଖେଳାଳି ଦିମିତ୍ରିଅସ ଦିଆମାଣ୍ଟକସ ଦୁଇଟି ଯାକ ଗୋଲ୍ ଦେଇଥିଲେ। ସେ ୩୮ତମ ମିନିଟରେ ଏକ ଫିଲ୍ଡ ଗୋଲ୍ ଓ



୫୨ତମ ମିନିଟରେ ପେନାଲ୍ଟି ଜରିଆରେ ଦ୍ୱିତୀୟ ଗୋଲ୍ ସ୍କୋର କରିଥିଲେ। ଡୁରାଣ୍ଡ କପ୍‌ରେ ଦୁଇ ଦଳ ମଧ୍ୟରେ ଏହା ୨୩ତମ ମୁକାବିଲା ଥିଲା। ଯେଉଁଥିରେ ଇଷ୍ଟବେଙ୍ଗଲ ୧୦ ଓ ମୋହନ ବାଗାନ ୮ ମ୍ୟାଚରେ ବିଜୟୀ ହୋଇଛନ୍ତି। ଅଗଷ୍ଟ ୨୦ରେ ଖେଳାଯିବାକୁ ଥିବା ପ୍ରଥମ ସେମିରେ ଇଷ୍ଟ ବେଙ୍ଗଲର ମୁକାବିଲା ଡାଇମଣ୍ଡ ହାର୍ବର ସହ ହେବ। ରବିବାର ଅପରାହ୍ଣରେ ଅନୁଷ୍ଠିତ ଅନ୍ୟ କ୍ୱାର୍ଟରରେ ଡାଇମଣ୍ଡ ହାର୍ବର ୨-୦ ଗୋଲରେ ଜାମସେଦପୁର ଏଫ୍‌ସିକୁ ହରାଇଥିଲା।

## ବିଶ୍ୱକପ୍ ମ୍ୟାଚ୍ ପରିଚାଳନାରେ ଜେସି ପ୍ରଥମ ବାଂଲାଦେଶୀ ଅମ୍ପାୟାର

ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି): ମହିଳା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣ ଆସନ୍ତା ମାସରେ ଭାରତରେ ଆୟୋଜିତ ହେବ। ଏହି ମେଗା ଇଭେଣ୍ଟରେ ବାଂଲାଦେଶର ପୂର୍ବତନ ମହିଳା କ୍ରିକେଟର୍ ସାଥୀରା ଜାକିର ଜେସି ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଫଳରେ କୌଣସି ସିନିଅର ବିଶ୍ୱକପ୍‌ରେ ମ୍ୟାଚ୍ ପରିଚାଳନା କରିବାରେ ୩୪ ବର୍ଷୀୟା ଜେସି ପ୍ରଥମ ବାଂଲାଦେଶୀ ମହିଳା ଅମ୍ପାୟର ହେବେ। ଜେସି ଏଥିପୂର୍ବରୁ ୧୯ ବର୍ଷରୁ କମ୍ ଏସିଆ କପ୍, ୧୯ ବର୍ଷରୁ କମ୍ ଟି-୨୦ ବିଶ୍ୱକପ୍, ମହିଳା ଦିନିକିଆ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ପରିଚାଳନ କରିଥିଲେ। ସେହିଭଳି ଗତ ବର୍ଷ ଅନୁଷ୍ଠିତ ମହିଳା ଏସିଆ କପ୍‌ରେ ମଧ୍ୟ ସେ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଯେଉଁଥିରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍ ମଧ୍ୟ ରହିଥିଲା। ଉଲ୍ଲେଖଯୋଗ୍ୟ, ୨୦୨୩ରେ ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ବାଂଲାଦେଶର ଶର୍ଫୁଦୌଲା ସୈକତ୍ ମ୍ୟାଚ୍ ପରିଚାଳନା କରିଥିଲେ। ଏଥିସହ ପ୍ରଥମ ବାଂଲାଦେଶୀ ପୁରୁଷ ଅମ୍ପାୟାର ଭାବେ ବିଶ୍ୱକପ୍ ପରିଚାଳନା କରି କୀର୍ତ୍ତିମାନ କରିଥିଲେ।



## କଳିଙ୍ଗରେ ଏସିଆନ୍ ଟିଟି ଚାମ୍ପିଅନସିପ୍

ଭୁବନେଶ୍ୱର,୧୭।୮ (ସମିସ): ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କ ଲାଗି ଏକ ବଡ଼ ଖବର। ଭୁବନେଶ୍ୱରରେ ଥିବା ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଯାଉଛି ଏକ ବିଶ୍ୱସ୍ତରୀୟ ଟିଟି ପ୍ରତିଯୋଗିତା ଏସିଆନ୍ ଟେବଲ ଟେନିସ (ଟିଟି) ଚାମ୍ପିଅନସିପ୍। ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ସମସ୍ତ ଶ୍ରେଷ୍ଠ ଟିମ୍ ବା ଏସିଆ ମହାଦେଶର ସବୁଠାରୁ ବଡ଼ ବଡ଼ ଟିମ୍ ଅଂଶଗ୍ରହଣ କରିବେ। ଏଥିଲାଗି ଆୟୋଜକ ଓଡ଼ିଶା ଟେବୁଲ ଟେନିସ ସଂଘ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟର ପ୍ରାଥମିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏସୀୟ ଓ ଭାରତୀୟ ଟିଟି ସଂଘର କର୍ମକର୍ତ୍ତା କଳିଙ୍ଗ ଷ୍ଟାଡିୟମ୍ ପରିଦର୍ଶନ ପରେ ଏହି ଟୁର୍ଣ୍ଣାମେଣ୍ଟ ଉପରେ ମୋହର ବାଜିବ। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଚାମ୍ପିଅନସିପ୍ ଅକ୍ଟୋବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ପୂର୍ବରୁ କଟକରେ ଅନ୍ୟ ଏକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ବା ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୮ଟି ଦେଶ ଅଂଶଗ୍ରହଣ କରିଥିଲେ।

## ଜାତୀୟ ଜୁନିଅର ହକିରେ ଓଡ଼ିଶାର ବିଜୟ ଅଭିଯାନ

ଭୁବନେଶ୍ୱର, ୧୭।୮ (ସମିସ): ପଞ୍ଜାବରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକିରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ୨-୧ ଗୋଲରେ କର୍ଣ୍ଣାଟକକୁ ହରାଇ ଦେଇଛି। ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ତଥା ତୃତୀୟ କ୍ୱାର୍ଟରରେ କର୍ଣ୍ଣାଟକର ନୀତେଶ ଶର୍ମା ଗୋଲଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ନିର୍ଣ୍ଣାୟକ



୪ର୍ଥ କ୍ୱାର୍ଟର ଦୁଇ ମିନିଟ୍ ଅନ୍ତରରେ ୨ଟି ଗୋଲ୍ ଦେଇ ଓଡ଼ିଶା ମ୍ୟାଚକୁ ୨-୧ରେ ଜିତିନେଇଥିଲା। ୫୦ତମ ମିନିଟରେ ରିତିକ ଲାକ୍ରା ଓ ୫୧ତମ ମିନିଟରେ ଆର୍ଯ୍ୟାନ ଖେସ ଏହି ଦୁଇଟି ଗୋଲ୍ ଦେଇଥିଲେ। ରିତିକ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବିଜୟ ସହ ଓଡ଼ିଶା ୩ ପଏଣ୍ଟ ପାଇ ଗ୍ରୁପ-ଡି'ରେ ଖାତା ଖୋଲିଛି। ଓଡ଼ିଶା ଶେଷ ଗ୍ରୁପ୍ ମ୍ୟାଚରେ ସୋମବାର ଆନ୍ଧ୍ର ପ୍ରଦେଶକୁ ଭେଟିବ। ପ୍ରତି ଗ୍ରୁପର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS